ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj





2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman



ବାଲେଶ୍ୱର ■ ଶନିବାର ୨୫ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 25 JULY 2020

Vol.No. 30 ■ No. 186 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


## ୫ କର୍ମଚାରୀ କରୋନା ପଜିଟିଭ୍ : ୩୧ ତାରିଖ ଯାଏଁ ବନ୍ଦ ରହିବ ବିଧାନସଭା

ଭୁବନେଶ୍ୱର,୨୪।୭ (ନି.ପ୍ର): ଓଡ଼ିଶା ବିଧାନସଭାର ୫ ଜଣ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ଏହା ଜଣାଯିବା ପରେ ଆଗାମୀ ଜୁଲାଇ ୩୧ ଯାଏଁ ବିଧାନସଭାକୁ ବନ୍ଦ ରଖାଯିବ ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସୂଚନା ଦେଇଛନ୍ତି । ଏହାସହ ସଂପୃକ୍ତ କରୋନାରେ ଆକ୍ରାନ୍ତ କର୍ମଚାରୀଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବି ବାଚସ୍ପତି କହିଛନ୍ତି । ତେବେ ଅଗଷ୍ଟ ୧ରୁ ୩ ଦିନ ସରକାରୀ ଛୁଟି ଥିବାରୁ ବିଧାନସଭା ଅଗଷ୍ଟ



୪ ତାରିଖରେ ଖୋଲିବ। ବନ୍ଦ ଥିବା ସମୟରେ ବିଧାନସଭା ପରିସରକୁ ସାନିଟାଇଜ୍ କରାଯିବ। ଏହା ବ୍ୟତୀତ ପଜିଟିଭ୍ କର୍ମଚାରୀଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ କର୍ମଚାରୀଙ୍କର ମଧ୍ୟ ସ୍ୱାବ୍ ଟେଷ୍ଟ କରାଯିବ। ସୂଚନା ଅନୁଯାୟୀ କିଛି ଦିନ ପୂର୍ବେ ବିଧାୟକ ଦେବୀ ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା କମିଟି ବୈଠକରେ ନୀଳଗିରି ବିଧାୟକ ଉପସ୍ଥିତ ଥିଲେ। ନୀଳଗିରି ବିଧାୟକ କରୋନା ପଜିଟିଭ୍ ଜଣାପଡିବା ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ୧୨ଜଣଙ୍କର କରୋନା ପରୀକ୍ଷା କରାଯାଇଥିଲା। ସେମାନଙ୍କ ଭିତରୁ ୫ଜଣଙ୍କ କରୋନା ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିଛି । ଏମାନେ ସମସ୍ତେ ଘରୋଇ ସଂଗରୋଧରେ ରହିଛନ୍ତି ।

## ଝାରସୁଗୁଡାକୁ ଗଡିବନି ବସ୍

ଭୁବନେଶ୍ୱର,୨୪।୭ (ନି.ପ୍ର): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଝାରସୁଗୁଡାରୁ କିଛି ନିର୍ଦ୍ଦିଷ୍ଟ ସହରକୁ ବସ୍ ଚଳାଚଳ ବନ୍ଦ କରାଯାଇଛି। ଝାରସୁଗୁଡାରୁ ଗଞ୍ଜାମ, ବାଲେଶ୍ୱର, ଭଦ୍ରକ ଜିଲ୍ଲା ସମେତ ଭୁବନେଶ୍ୱର ଓ ରାଉରକେଲାକୁ ବସ୍ ବନ୍ଦ ରହିବ। ସେହିପରି ସଂପୃକ୍ତ ଅଂଚଳରୁ ମଧ୍ୟ କୌଣସି ବସ୍ ଝାରସୁଗୁଡ଼ାକୁ ଆସିବାକୁ ଦିଆଯିବନି। ଅନ୍ୟାଦେଶ ଯାଏଁ ଏହି ସହର ମଧ୍ୟରେ ବସ୍ ଚଳାଚଳ ସଂପୂର୍ଣ୍ଣ ବାତିଲ୍ ରଖିବାକୁ ଝାରସୁଗୁଡା ଜିଲ୍ଲା ପ୍ରଶାସନ ନିଷ୍ପତି ନେଇଛି।

## ପ୍ଲାଜମା ଥେରାପୀରେ କରୋନା ରୋଗୀ ସୁସ୍ଥ ହେଲେ

ଭୁବନେଶ୍ୱର,୨୪।୭ (ନି.ପ୍ର):ପ୍ଲାଜମା ଥେରାପିରେ ଜଣେ କରୋନା ରୋଗୀ ସୁସ୍ଥ ହୋଇଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ କୁହା ଯାଇଛି ଯେ ଏହି ଥେରାପୀରେ ଚିକିତ୍ସିତ ହେଉଥିବା କଟକର ୪୮ ବର୍ଷୀୟା ମହିଳା ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ସେ କଟକ ଅଶ୍ୱିନୀ କୋଭିଡ ହସ୍ପିଟାଲରେ ଚିକିତ୍ସିତ ଥିଲେ । ପ୍ଲାଜମା ନେଇଥିବା ଆଉ ୧୩ ଜଣ ସୁସ୍ଥ ହେଉଛନ୍ତି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## ପୋଲସରା ବିଧାୟକଙ୍କୁ କରୋନା

ଭୁବନେଶ୍ୱର,୨୪।୭ (ନି.ପ୍ର): ରାଜ୍ୟରେ ପୁଣି ଜଣେ ବିଧାୟକ କରୋନା ପଜିଟିଭ୍ ହୋଇଛନ୍ତି । ଗଞ୍ଜାମ ଜିଲ୍ଲା ପୋଲସରାର ବିଧାୟକ ଶ୍ରୀକାନ୍ତ ସାହୁ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ବିଧାୟକଙ୍କ ପତ୍ନୀ ମଧ କରୋନା ଆକ୍ରାନ୍ତ ବୋଲି ଜଣାପଡ଼ିଛି।

ଏହାପୂର୍ବରୁ ବାଲେଶ୍ୱର ଜିଲ୍ଲାର ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ , ରେମୁଣାର ବିଧାୟକ ସୁଧାଂଶୁ ଶେଖର ପରିଡା ଓ କଟକ ଜିଲ୍ଲା ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମଧ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ତେବେ ଏହି ୩ଜଣ ଇତିମଧରେ ଚିକିତ୍ସା ଲାଭ କରି ସୁସ୍ଥ ହୋଇ ସାରିଥିବା ଜଣାପଡିଛି।

## ଦିଲ୍ଲୀ ଏମସ୍‌ରେ ୩୦ ବର୍ଷୀୟ ବ୍ୟକ୍ତିଙ୍କୁ ଦିଆଗଲା କୋଭାକ୍ସିନ୍‌ର ପ୍ରଥମ ଡୋଜ୍



ନୂଆଦିଲ୍ଲୀ, ୨୪ ଜୁଲାଇ (ହି.ସ.) - ଆଜିଠାରୁ ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମସ୍) ରେ କୋଭୋକ୍ସିନ୍ ପରୀକ୍ଷା ଆରମ୍ଭ ହୋଇଛି । ଦିଲ୍ଲୀର ଜଣେ ୩୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରେ ସ୍ୱଦେଶୀ ଭାବରେ ପ୍ରସ୍ତୁତ କୋଭାକ୍ସିନ୍ ର ପ୍ରଥମ ମାତ୍ରା ଦିଆଯାଇଛି । ଏହି ବ୍ୟକ୍ତିଙ୍କୁ ବର୍ତମାନ ଦୁଇ ସପ୍ତାହ ପର୍ଯ୍ୟନ୍ତ ଅବଜରଭେସନ୍ ରେ ରଖାଯିବ। ଏମସ୍ ରେ ମାନବ ଟୀକାକରଣର ନେତୃତ୍ୱ ନେଉଥିବା ଡ. ସଞ୍ଜୟ ରାୟ କହିଛନ୍ତି ଯେ ଟିକା ପରୀକ୍ଷା ପୂର୍ବରୁ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ▶▶ପୃଷ୍ଠା ୭

## କାଳିଆ ଟଙ୍କା ଫେରାଇବେ ଅଯୋଗ୍ୟ ହିତାଧିକାରୀ

### ଟଙ୍କା ଦେଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲେ ବିଜେପି , କଂଗ୍ରେସ

ଭୁବନେଶ୍ୱର,୨୪।୭ (ନି.ପ୍ର): କାଳିଆ ଯୋଜନାରେ ସହାୟତା ପାଇଥିବା ଅଯୋଗ୍ୟ ହିତାଧିକାରୀ ଟଙ୍କା ଫେରାଇବେ। ଏହିଭଳି ୫୦ ହଜାର ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି ବୋଲି କୃଷି ସଚିବ ସୌରଭ ଗର୍ଗ ସୂଚନା ଦେଇଛନ୍ତି । ଭୁବନେଶ୍ୱର କୃଷି ଭବନରେ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ପରେ ଅଯୋଗ୍ୟ ହିତାଧିକାରୀ କାଳିଆ ଟଙ୍କା ଫେରାଇବା ସମ୍ପର୍କରେ କୃଷି ସଚିବ ସୂଚନା ଦେଇ କହିଥିଲେ ଯେ ମୋଟ ୫୧ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ୯୮ ପ୍ରତିଶତ ଯୋଗ୍ୟ ହିତାଧିକାରୀ ରହିଥିବା ବେଳେ କେବଳ ୨ ପ୍ରତିଶତ ଅର୍ଥାତ୍ ୫୦ ହଜାର ଅଯୋଗ୍ୟ ହିତାଧିକାରୀ ରହିଛନ୍ତି। ସେମାନଙ୍କୁ ଚିହ୍ନଟ କରାଯାଇସାରିଛି। କିଛି ହିତାଧିକାରୀ ନିଜ ଆଡୁ କାଳିଆ ଟଙ୍କା ଫେରାଇ ଦେଇଥିବା ବେଳେ ଅନ୍ୟମାନଙ୍କୁ ଟଙ୍କା ଫେରାଇବାକୁ କୁହାଯାଇଛି। ଏହି ଟଙ୍କା ଫେରାଇବାକୁ ହିତାଧିକାରୀ ବ୍ୟାଙ୍କ ଆକାଉଂଟ ନମ୍ବର ଦିଆଯାଇଛି। ସେମାନେ ଉକ୍ତ ବ୍ୟାଙ୍କ ଆକାଉଂଟରେ ଜମା କରି ଟଙ୍କା ଫେରସ୍ତ କରିବେ ବୋଲି କୃଷି ସଚିବ କହିଛନ୍ତି । ଅନ୍ୟପକ୍ଷରେ କାଳିଆ ଟଙ୍କା ଫେରସ୍ତ ଉପରେ ପ୍ରତିକ୍ରିୟା ଦେଇ କଂଗ୍ରେସ ବିଧାୟକ ତାରାବାହିନୀ ପତି କହିଛନ୍ତି, ଚାଷୀଙ୍କ ଠାରୁ ଟଙ୍କା ଫେରସ୍ତ କରିବା ବଦଳରେ ଯେଉଁ ଅଫିସରମାନେ ଏଥିରେ ସଂପୃକ୍ତ ଅଛନ୍ତି ବା ଟଙ୍କା ଦେଇଛନ୍ତି ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏଥିସହ ସେ ଶାସକ ଦଳର ନେତାଙ୍କ ଇଙ୍ଗିତରେ ହିତାଧିକାରୀ ଚୟନ ▶▶ପୃଷ୍ଠା ୭

## ରାଜ୍ୟରେ ଗୋଟିଏ ଦିନରେ ଆଉ ୧୫୯୪ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ ମାମଲା ୨୨୬୯୩ କୁ ବୃଦ୍ଧି

ଭୁବନେଶ୍ୱର,୨୪।୭ (ନି.ପ୍ର): ରାଜ୍ୟରେ ଶୁକ୍ରବାର ଦିନ କରୋନାର ସମସ୍ତ ରେକର୍ଡ ଭାଙ୍ଗିଛି । ଆଜି ଆଉ ୧୫୯୪ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୨୨୬୯୩ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ଆଜି ଚିହ୍ନଟ ହୋଇଥିବା ୧୫୯୪ ଜଣଙ୍କ ମଧ୍ୟରୁ ୧୦୬୭ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୫୨୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ଛଅ ଜଣଙ୍କର କରୋନାରେ ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୧୨୦ ହେଲା

ଭୁବନେଶ୍ୱର,୨୪।୭ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୬ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୨୦ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ତିନି ଜଣ ଗଂଜାମ ଜିଲ୍ଲାର ହୋଇଥିବା ରାୟଗଡା. ଗଂଜାମ ଓ ଭଦ୍ରକ ଜିଲ୍ଲାରୁ ଜଣେ ଜଣେ ଅଛନ୍ତି। ମୃତକଙ୍କ ମଧରେ ଦୁଇ ଜଣ ମହିଳା ରହିଥିବା ଜଣା ପଡିଛି । ▶▶ପୃଷ୍ଠା ୭

## ପ୍ଲାଜମା ଦାନକୁ ଉତ୍ସାହିତ କରିବାକୁ ମନ୍ତ୍ରୀ ମାନଙ୍କୁ ଜିଲ୍ଲା ଦାୟିତ୍ୱ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪।୭ (ନି.ପ୍ର): ଗୁରୁତର କୋବିଡ ରୋଗୀଙ୍କ ଚିକିତ୍ସାରେ ପ୍ଲାଜମା ଥେରାପିର ମହତ୍ୱପୂର୍ଣ୍ଣ ଭୂମିକା ଥିବାରୁ ପ୍ଲାଜମା ଦାନକୁ ଉତ୍ସାହିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ତ୍ରିମଣ୍ଡଳର ସଦସ୍ୟ ମାନଙ୍କୁ ବିଭିନ୍ନ ଜିଲ୍ଲାର ଦାୟିତ୍ୱ ଦେଇଛନ୍ତି। ମନ୍ତ୍ରୀ ମାନେ ସେମାନଙ୍କୁ ଦାୟିତ୍ୱ ଦିଆ ଯାଇଥିବା ଜିଲ୍ଲା ଗସ୍ତ କରି ଆରୋଗ୍ୟ ଲାଭ କରିଥିବା କୋବିଡ ରୋଗୀ ମାନଙ୍କ ସହ ଯୋଗାଯୋଗ ରଖି ସେମାନଙ୍କୁ ପ୍ଲାଜମା ଦାନ ପାଇଁ ଉତ୍ସାହିତ କରିବେ ଓ ଏଥି ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ମଧ୍ୟ କରିବେ । ନିୟମିତ ବ୍ୟବଧାନରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ଲାଜମା ଦାନର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବେ । ନିରଂଜନ ପୂଜାରୀଙ୍କୁ



ପୁରୀ ଜିଲ୍ଲାର ଦାୟିତ୍ୱ ଦିଆ ଯାଇଥିବା ବେଳେ ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ କନ୍ଧମାଳ ଓ ଗଂଜାମର ଦାୟିତ୍ୱ ଦିଆ ଯାଇଛି । ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ବରଗଡ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଭଦ୍ରକ ଓ କେନ୍ଦ୍ରାପଡା, ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ଝାରସୁଗୁଡା ଓ ବୌଦ୍ଧ, ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମୟୁରଭଂଜ ଓ କଟକ, ମନ୍ତ୍ରୀ ଡ ଅରୁଣ ସାହୁଙ୍କୁ ନୟାଗଡ ଓ ଖୋର୍ଧା. ମନ୍ତ୍ରୀ ସୁଦାମ ମାରାଣ୍ଡିକୁ ସୋନପୁର, ମନ୍ତ୍ରୀ ସୁଶାନ୍ତ ସିଂହଙ୍କୁ ବଲାଙ୍ଗିର ଓ ସମ୍ବଲପୁର, ମନ୍ତ୍ରୀ ନବ କିଶୋର ଦାସଙ୍କୁ କଳାହାଣ୍ଡି ଓ ନୂଆପଡା, ମନ୍ତ୍ରୀ ଶ୍ରୀମତୀ ଟୁକୁନୀ ସାହୁଙ୍କୁ ଦେବଗଡ ▶▶ପୃଷ୍ଠା ୭

## ଶିଳ୍ପାୟନ ପାଇଁ ୨୧୭୨.୯୨ କୋଟି ଟଙ୍କାର ୪ ଟି ନୂଆ ପୁଞ୍ଜି ନିବେଶ ପ୍ରକଳ୍ପ ଅନୁମୋଦିତ

ଭୁବନେଶ୍ୱର,୨୪।୭ (ନି.ପ୍ର): କୋଭିଡ୍ ପ୍ରଭାବିତ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ଓଡ଼ିଶା ସରକାର ରାଜ୍ୟ ପାଇଁ ନୂତନ ପୁଞ୍ଜିନିବେଶ ପ୍ରସ୍ତାବ ଆକର୍ଷିତ କରିପାରିଛନ୍ତି । ଆଜି ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସିଙ୍ଗିଲ୍ ୱିଣ୍ଡୋ କମିଟି ବୈଠକରେ ୪ ଟି ନୂତନ ପୁଞ୍ଜିନିବେଶ ପ୍ରକଳ୍ପକୁ ନିତୀଗତ ଅନୁମୋଦନ ଦିଆଯାଇଛି । ଆଜି ଅନୁମୋଦିତ ୪ ଟି ପ୍ରକଳ୍ପ ମାଧମରେ ସମୁଦାୟ ୨୧୭୨.୯୨ କୋଟି ଟଙ୍କା ବିନିଯୋଗ ହେବା ସହ ୧୧୨୨ ବ୍ୟକ୍ତିଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଓସୱାସ୍ ପ୍ଲାଟଫର୍ମ ମାଧମରେ ଡ଼ିଜିଟାଲ ମୋଡ୍ ରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା ପ୍ରକଳ୍ପ ଗୁଡିକର ବୈଷୟିକ, ଆର୍ଥିକ ଏବଂ ଭିତିଭୂମି ସଂପର୍କିତ ବିଷୟ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ ।

ପ୍ରକଳ୍ପ ଗୁଡିକୁ ଅନୁମୋଦନ ଦେଇ ସେଗୁଡିକର ଆଶୁ କ୍ଷେତ୍ରାନ୍ୱୟନ ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଗୁରୁତ୍ୱଆରୋପ କରିଥିଲେ । ଏଥି ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ପାଇଁ ଶ୍ରୀ ତ୍ରିପାଠୀ ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ଶିଳ୍ପ ଏବଂ କଂପାନୀ ମାନଙ୍କ ଦ୍ୱାରା ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାର ସମସ୍ତ ନିୟମର ଅନୁପାଳନ ନିର୍ଶ୍ଚିତ କରାଇବାକୁ ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ଃ ମୋନା ଶର୍ମା, ଶିଳ୍ପ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ରାଜ କୁମାର ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା, କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ସଚିବ ତଥା ଇଡ଼କୋର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ, ଇପିକଲ୍ ର ସି.ଏମ୍.ଡି. ଶ୍ରୀ ନିତୀନ୍ ଭାନୁଦାସ ଜାୱାଲେଙ୍କ ସମେତ ସଂପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ରାଜଧାନୀରୁ ୨୪୮ କରୋନା ପଜିଟିଭ୍



ଭୁବନେଶ୍ୱର, ୨୪ ଜୁଲାଇ – ରାଜଧାନୀ ଭୁବନେଶ୍ୱରରେ ବିସ୍ଫୋରକ ରୂପ ନେଇଛି କରୋନା। ଶୁକ୍ରବାର ଗୋଟିଏ ଦିନରେ ଭୁବନେଶ୍ୱରରୁ ଚିହ୍ନଟ ହୋଇଛନ୍ତି ୨୪୮ କରୋନା ପଜିଟିଭ୍ । ସେମାନଙ୍କ ମଧ୍ୟରୁ ୨୦୭ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୪୧ ଟି ଲୋକାଲ୍ କେସ୍ ରହିଛି। ଏହାସହ ରାଜଧାନୀରେ ମୋଟ୍ କରୋନା ପଜିଟିଭ୍ ସଂଖ୍ୟା ୧୭୧୭ରେ ପହଁଚିଛି ।ଏହାମଧ୍ୟରୁ ୮୩୪ଜଣ ସୁସ୍ଥ ହୋଇଥିବା ବେଳେ ୧୧ଜଣ ପ୍ରାଣ ହରାଇଛନ୍ତି । ସେହିପରି ୮୭୦ଟି ସକ୍ରିୟ କେସ୍ ରହିଛି । ଗତ ଦୁଇ ଦିନରେ ମଂଚେଶ୍ୱର ଅଟାକଲରୁ ୬୧ .ଆକ୍ରାନ୍ତ ଚିହ୍ନଟ ହେବା ଚିନ୍ତାଜନକ ହୋଇଥିବା ବେଳେ ଆଜି ମହିଶିଖାଲ ବସ୍ତିରେ ସେଭଳି ପରିସ୍ଥିତି ଦେଖିବାକୁ ମିଳିଛି। ବିଜେବି ନଗରରେ ଥିବା ମହିଶିଖାଲ ବସ୍ତିରୁ ଏକସଙ୍ଗେ ୪୫ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୭ ଜଣ ପୁରୁଷ ରହିଥିବା ବେଳେ ୨୮ ଜଣ ମହିଳା ରହିଛନ୍ତି ଏବଂ ସେମାନଙ୍କ ବୟସ ୭ରୁ ୬୦ ମଧ୍ୟରେ ରହିଛି। ଏହା ବ୍ୟତୀତ ଏକ ଘରୋଇ ହସ୍ପିଟାଲର ୨୭ କର୍ମଚାରୀ କରୋନା ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ବୟସ ୨୦ରୁ ୪୭ ମଧ୍ୟରେ ରହିଛି। ସେହିପରି ନୟାପଲ୍ଲୀ ସୀତାପୁର ବସ୍ତି ଏକସଙ୍ଗେ ୨୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ବୟସ ୧୧ରୁ ୬୦ ମଧ୍ୟରେ ରହିଛି । କେବଳ ସେତିକି ନୁହେଁ ଆଇଆରସି ଭିଲେଜ୍ ରୁ ୩ ଜଣ, ଲକ୍ଷ୍ମୀ ବିହାର ଲେନ୍ ୨ରୁ ୬ ଜଣ , ୟୁନିଟ୍ ୩ରୁ ୫ ଜଣ, ନୟାପଲ୍ଲୀ ତ୍ରିନାଥ ବସ୍ତିରୁ ୬ ଜଣ, ▶▶ପୃଷ୍ଠା ୭

## ଅନ୍ତର୍ଦେଶୀୟ ଜଳ ପରିବହନକୁ ପ୍ରୋତ୍ସାହିତ କରିବା ପାଇଁ ଜାହାଜ ଚଳାଚଳ ମନ୍ତ୍ରଣାଳୟ ଜଳପଥ ବ୍ୟବହାର ଦେୟ ଉଠାଇଲା

### ପରିବେଶ ଅନୁକୂଳ ଏବଂ ଶସ୍ତା ପରିବହନ ବେପାର ବଣିଜକୁ ସହଜ କରିବ : ମନ୍ତ୍ରୀ ମନସୁଖ ମାଣ୍ଡଭିୟ

ନୂଆଦିଲ୍ଲୀ, ୨୪ ଜୁଲାଇ (ହି.ସ.) କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ ଅନ୍ତର୍ଦେଶୀୟ ଜଳ ପରିବହନ କ୍ଷେତ୍ରରେ ଲାଗୁ ହେଉଥିବା ଜଳପଥ କରକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି । ଭାରତ ସରକାର ଏ କ୍ଷେତ୍ରରେ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ ସାକାର କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ଏହି ଟିକସ ଆଦାୟ ହେବନାହିଁ । ଜଳପଥରେ ପରିବହନ ପରିବେଶ ଅନୁକୂଳ ଏବଂ ଶସ୍ତା ହୋଇଥିବାରୁ ଏହାକୁ ପ୍ରୋତ୍ସାହିତ କରିବାକୁ ସରକାର ଉଦ୍ୟମ କରୁଛନ୍ତି । କେନ୍ଦ୍ର ଜାହାଜ ଚଳାଚଳ ବିଭାଗ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଶ୍ରୀ ମନସୁଖ ମାଣ୍ଡଭିୟ କହିଛନ୍ତି ଯେ ଦେଶର ମୋଟ ମାଲ ପରିବହନର ମାତ୍ର ୨ ଶତାଂଶ ଏବେ ଅନ୍ତର୍ଦେଶୀୟ ଜଳପଥରେ ହେଉଛି । ଏବେ ଜଳପଥ ପରିବହନ କ୍ଷେତ୍ରରେ ଟିକସ ଉଚ୍ଛେଦ ହୋଇଥିବାରୁ ଶିଳ୍ପ ସଂସ୍ଥାମାନେ ସେମାନଙ୍କର ମାଲପତ୍ର ପରିବହନ ପାଇଁ ଜାତୀୟ ଜଳପଥଗୁଡିକୁ ବ୍ୟବହାର କରିବା ପାଇଁ ଆଗ୍ରହୀ ହେବେ । ଏହି ଜଳ ପରିବହନ ବ୍ୟବସ୍ଥା ପରିବେଶ ଅନୁକୂଳ ତଥା ଶସ୍ତା ହୋଇଥିବାରୁ ଏହା ଅନ୍ୟାନ୍ୟ ପରିବହନ ବ୍ୟବସ୍ଥାର ବୋଝ ହ୍ରାସ କରିବା ସହ ବେପାର ବଣିଜକୁ ସୁଗମ କରିବାରେ ସହାୟକ ହେବ । ସମସ୍ତ ଜାତୀୟ ଜଳପଥରେ ନୌ-ଚଳାଚଳ ପାଇଁ ପୂର୍ବରୁ ଏକ ବ୍ୟବହାର ଦେୟ (ଟିକସ) ଭରିବାକୁ ପଡୁଥିଲା । ଏହା ନୌ-ଚଳାଚଳ ପରିଚାଳନା ଏବଂ ଟ୍ରାଫିକ ଡାଟା ସଂଗ୍ରହ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଥିଲା । ପୂର୍ବରୁ ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣ (ଆଇଡବ୍ଲୁଏଆଇ) ଯେଉଁ ଟିକସ ଧାର୍ଯ୍ୟ କରିଛି ତାହା ଦୁଇ ପ୍ରକାରର । ଗୋଟିଏ ବ୍ୟବସ୍ଥାରେ ପୋତକୁ ମୋଟ ପରିବହନ କରୁଥିବା ସାମଗ୍ରୀ ଉପରେ ପ୍ରତି କିଲୋମିଟର ପାଇଁ ଟନ ପିଛା ୦.୦୨ ଟଙ୍କା ଦେୟ ଆକାରରେ ▶▶ପୃଷ୍ଠା ୭

# କ୍ଷୁଦ୍ର ଶିଳ୍ପ ନିଗମର ୧ ହଜାର କୋଟିର ବ୍ୟବସାୟ ପାଇଁ ଖସଡ଼ା ପ୍ରସ୍ତୁତ

## ୬ଟି ନୂତନ ସ୍ଥାନରେ ଖୋଲିବ ଶାଖା କେନ୍ଦ୍ର

ଭୁବନେଶ୍ୱର, ୨୪/୭ (ନି.ପ୍ର.): ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ତା'ର ବ୍ୟବସାୟକୁ ୧ ହଜାର କୋଟିରେ ପହଂଚାଇବା ପାଇଁ ଖସଡ଼ା ପ୍ରସ୍ତୁତ କରିଛି । ଏହି ଅଭିବୃଦ୍ଧିରେ ସ୍ଥାନୀୟ ଉଦ୍ୟୋଗୀମାନଙ୍କର ସହାୟତା ଏବଂ ପ୍ରୋତ୍ସାହନକୁ ନିଶ୍ଚିତ କରାଯିବ । ଏହା ପ୍ରକାଶ କରିଛନ୍ତି ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର । ଆଜି କଟକସ୍ଥିତ ନିଗମର କାର୍ଯ୍ୟାଳୟ ପରିଦର୍ଶନରେ ଆସି ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ନିଗମର କାର୍ଯ୍ୟାବଳୀର ସମୀକ୍ଷା କରିଥିଲେ । ଏହି ଅବସରରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ନିଗମର ଅଧ୍ୟକ୍ଷ ଶ୍ରୀ ଚିନ୍ମୟ ସାହୁ ଓ ପରିଚାଳନା ନିର୍ଦ୍ଦେଶକ ଶ୍ର ପ୍ରଦୀପ କୁମାର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ । ଅଧିକାରୀମାନଙ୍କ ମଧ୍ୟରେ ସଂପୂର୍ଣ୍ଣ ସାମାଜିକ ଦୂରତ୍ୱ ରକ୍ଷା କରି ଏହି ବୈଠକର ଆୟୋଜନ କରାଯାଇଥିଲା । ସମୀକ୍ଷା ସମୟରେ ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ନିଗମ ନିକଟ ଅତୀତରେ ନେଇଥିବା ବିଭିନ୍ନ ପଦକ୍ଷେପର ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନ ପାଇଁ ପ୍ରସ୍ତୁତ କାର୍ଯ୍ୟକ୍ରମର ରୂପରେଖ ସଂପର୍କରେ ଅବଗତ ହୋଇ ସନ୍ତୋଷ ପ୍ରକାଶ କରିଥିଲେ । ନିଗମର ଯୁବ ଅଧ୍ୟକ୍ଷ ନିଗମକୁ ଉଚିତ ନେତୃତ୍ୱ ଦେଇପାରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ମନ୍ତ୍ରୀ ନିଗମର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ତିଆରି କରୁଥିବା ଶିଳ୍ପଜାତ ଦ୍ରବ୍ୟକୁ ବିଭିନ୍ନ ସରକାରୀ ବିଭାଗ ତଥା ଉଦ୍ୟୋଗୁଡ଼ିକର ଚାହିଦା ମୁତାବକ ନିର୍ଦ୍ଧାରିତ ମାନଦଣ୍ଡ ରକ୍ଷାପୂର୍ବକ ବିତରଣ କରାଯିବ । ବିଶେଷ ଭାବେ ଶକ୍ତି ବିଭାଗ ଆବଶ୍ୟକ କରୁଥିବା ବିଦ୍ୟୁତକରଣ କାର୍ଯ୍ୟ, ସୌରଶକ୍ତି ଉପକରଣ, ସୌରବିଦ୍ୟୁତ କେନ୍ଦ୍ର, ସୌରଚାଳିତ ପମ୍ପ ବିତରଣ ତଥା ସ୍ଥାପନ କରିବା ପାଇଁ ସମସ୍ତ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ଏଥି ପାଇଁ ଆବଶ୍ୟକ ଯନ୍ତ୍ରପାତି ବିତରଣ ଓ ଏହାର ସଂରକ୍ଷଣ ତଥା ମରାମତି କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ କେନ୍ଦ୍ର ସ୍ଥାପନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ଏଥି ସହିତ ଟାଟା ଷ୍ଟିଲ୍ ଛଡ଼ର ବ୍ୟାପକ ଚାହିଦା ଥିବା ଦୃଷ୍ଟିରୁ ପଶ୍ଚିମ ଓଡ଼ିଶାରେ ଏହାର ବିକ୍ରୟ କେନ୍ଦ୍ର ସ୍ଥାପନ ସକାଶେ ପ୍ରମୁଖ ସଚିବ ଟାଟା ଷ୍ଟିଲ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଥିଲା । ଏତଦ୍‌ବ୍ୟତୀତ ନିଗମର ୧୩ଟି ଶାଖା ବିକ୍ରୟ କେନ୍ଦ୍ରକୁ ବୃଦ୍ଧି କରାଯାଇ ୧୯ କରାଯିବ । ନୂତନ ଶାଖା ବିକ୍ରୟ କେନ୍ଦ୍ର ଜୟପୁର, ଝାରସୁଗୁଡ଼ା, ବହ୍ମପୁର, କୋରାପୁଟ, ବୌଦ୍ଧ ଓ ଫୁଲବାଣୀ (କନ୍ଧମାଳ)ଠାରେ ପ୍ରତିଷ୍ଠା ପାଇଁ ବିଧିବଦ୍ଧ ଭାବେ ନିଷ୍ପତି ଗ୍ରହଣ କରାଯାଇଥିଲା । ଏ ସବୁ ସ୍ଥାନରେ ଶାଖା କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଆବଶ୍ୟକ ଜମି ଯୋଗାଇଦେବାକୁ ଇଡ୍‌କୋକୁ ଅନୁରୋଧ କରିବାକୁ ପ୍ରମୁଖ ଶାସନ ସଚିବଙ୍କୁ କୁହାଯାଇଥିଲା । ଏହା ଦ୍ୱାରା ପଛୁଆ ଅଂଚଳରେ ନିଗମର ବ୍ୟବସାୟିକ କାରବାରରେ ଅଭିବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି । ଶେଷରେ ନିଗମର ଅଧ୍ୟକ୍ଷ ଶ୍ରୀ ସାହୁ ନିଗମର କର୍ମଚାରୀଙ୍କ ଗୋଟିଏ ଦିନର ଦରମା ୧ ଲକ୍ଷ ୪୮ ହଜାର ଏବଂ ସି.ଏସ୍.ଆର୍ ଫଣ୍ଡରୁ ୩ ଲକ୍ଷ ଟଙ୍କାର ଦୁଇଟି ପୃଥକ ଚେକ୍ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ରଙ୍କୁ ପ୍ରଦାନ କରିଥିଲେ ।

# ପ୍ରଶାସନର ଜଣାତରେ ଚାଲିଛି ବେଆଇନ ଗୁଣ୍ଡି କାରଖାନା

ଧର୍ମଶାଳା, ୨୪/୭ (ନି.ପ୍ର.): ଯାଜପୁର ଜିଲା ରସୁଲପୁର ବ୍ଲକର ବିଭିନ୍ନ ଅଂଚଳରେ ତହସିଲଦାର ଓ କୁଆଖିଆ ଥାନା ପକ୍ଷରୁ ସପ୍ତାହ ଭିତରେ ୨ଟି ବେଆଇନ ଗୁଣ୍ଡି କାରଖାନା ଉପରେ ଚଢ଼ାଉ କରି ଅନେକ ଯନ୍ତ୍ରାଂଶ, ଗୁଣ୍ଡି, କଂଚା ମାଲ ସହ ବ୍ୟବସାୟୀଙ୍କୁ ଗିରଫ କରିଥିଲା । ଏହି ଚଢ଼ାଉ ଫଳରେ ଜିଲାର ଅନ୍ୟ ସ୍ଥାନମାନଙ୍କରେ ଚାଲିଥିବା ବେଆଇନ କାରଖାନାର ମାଲିକମାନେ ଭୟ ଭିତ ହୋଇପଡିଛନ୍ତି । ରସୁଲପୁର ବ୍ଲକରେ ବିଭିନ୍ନ ସ୍ଥାନରେ ଏହି ଗୁଣ୍ଡି ତିଆରି ଓ ବେପାର ଧୂମଧାମରେ ଚାଲିଥିବା ବେଳେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି । ରସୁଲପୁର ବ୍ଲକ ବ୍ରହ୍ମବରଦାରେ ଗୁଣ୍ଡି ବେପାରର ପେନ୍ଥସ୍ଥଳୀ ପାଲଟିଛି । ୨୦ ବର୍ଷ ହେବ ଏହି ଅଂଚଳର ବ୍ୟବସାୟୀମାନେ ଘରେ ମେସିନ ବସାଇବା ସହିତ ଜିଲାର ବିଭିନ୍ନ ଅଂଚଳରୁ କଂଚା ମାଲ ଘରେ ମହଜୁଦ ରଖି କିଛି ଶ୍ରମିକମାନଙ୍କୁ ନିୟୋଜିତ କରି ଗୁଣ୍ଡି ତିଆରି ଚାଲିଛି । ଏହି ଅଂଚଳରେ ୧୫ ରୁ ଉର୍ଦ୍ଧ ବ୍ୟବସାୟୀମାନେ ଖୋଲ ଖୋଲା ଗୁଣ୍ଡି ତିଆରି କରି ବିଭିନ୍ନ କମ୍ପାନୀର ଜରି ଲଗାଇ ବିଭିନ୍ନ ହାଟ ବଜାର ଓ ବଡବଡ ବ୍ୟସାୟୀମାନଙ୍କ ନିକଟରେ ପହଂଚାଉଛନ୍ତି । ସପ୍ତାହରେ କ୍ୱିଂଟାଲ କ୍ୱିଂଟାଲ ଗୁଣ୍ଡି ତିଆରି ଚାଲିଛି । ଗୁଣ୍ଡି ତିଆରି କଂଚା ଆଣି ଘରେ ତିଆରି କରୁଥିବା ବେଳେ ଛୋଟ ଛୋଟ ବେପାରୀମାନେ ବିଦା ମେସିନରେ ହାତରେ ଗୁଣ୍ଡି ତିଆରି କରୁଛନ୍ତି । ତିଆରି ପାଇଁ ଆବଶ୍ୟକୀୟ ଦୋକତା ଗାଡି ଗାଡି କେଉଁଠୁ ଆସୁଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ହେଲେ ଏହି ଛୋଟ ବଡ କାରଖାନାରେ ସରକାରୀ ସ୍ୱୀକୃତି ଅଛି କି ନାହିଁ ତାହା ଏବେ ସନ୍ଦେହ ଘେରରେ । ତିଆରି ହେଉଥିବା ସମୟରେ ଦୋକତାରୁ ନିର୍ଗତ ଗନ୍ଧରେ ପଡୋଶୀମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏହି ଅଂଚଳରୁ ବିଭିନ୍ନ ସ୍ଥାନକୁ ବେଧଡକ ଗଣ୍ଡି ଚାଲାଣ ଏବଂ କରାଖାନା ଉପରେ ଅବକାରୀ ବିଭାଗର କିପରି ନଜର ପଡୁ ନାହିଁ ଯାହାକୁ ନେଇ ପ୍ରଶାସନ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି । ତୁରନ୍ତ ଏହି ଅଂଚଳରେ ଜିଲା ପ୍ରଶାସନ ଦୃଷ୍ଟି କାର୍ଯ୍ୟାନୁଷ୍ଠାନ ନେବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ଚାକିରି ପାଇଁ ମୁଖ୍ୟ ଚକିତ୍ସାଳୟ ଭିତରେ ଭିଡ : ସାମାଜିକ ଦୂରତାକୁ ଫୁଁ' କରିଦେଲା ସ୍ୱାସ୍ଥ୍ୟବିଭାଗ

ଭଦ୍ରକ, ୨୪/୭ (ହି.ସ.) - ସମୟ ସକାଳ ୧୦ଟା । ଜିଲା ମୁଖ୍ୟ ଚକି୍ତ୍ସାଳୟ ଆଗରେ ଶହଶହ ମହିଳା ଓ ଯୁବତୀଙ୍କ ଭିଡ । କ'ଣ ନା ଚାକିରି ପାଇଁ ଆସିଛୁ । ସାମାଜିକ ଦୂରତା ତ ପରରର କଥା ଆଶୟୀମାନେ ଭଲକରି ଛିଡା ହେବା ପାଇଁ ବି କସରତ କରୁଥିଲେ । ପୁଲିସ ଅଥବା ଡାକ୍ତରଖାନାରେ ନିୟୋଜିତ ସୁରକ୍ଷା କର୍ମଚାରୀ କେହି ଏହି ଭିଡକୁ ରୋକିବା ଲାଗି ଚିନ୍ତା କରିନଥିଲେ । କାରଣ ଭିଡର କାରଣ ଥିଲା ନିଜେ ସ୍ୱାସ୍ଥ୍ୟ ବିଭାଗ । ଜିଲାର ପଂଚାୟତସ୍ତରରେ କୋଭିଡ କେୟାର ହୋମ ସ୍ଥାପନ ଲାଗି ୨୦୯ଟି ଏଏନଏମ୍ ପଦ ଲାଗି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞାପନ ପ୍ରକାଶ ପାଇଥିଲା । ଏଥିଲାଗି 'ୱାକ ଇନ ଇଂଟରଭ୍ୟୁ' ଆମନ୍ତ୍ରଣ କରାଯାଇଥିଲା । ସେଥିପାଇଁ ଦିନ ୯ଟା ବେଳକୁ ମୁଖ୍ୟ ଚିକିତ୍ସାଳୟ ପରିସରରେ ଆଶାୟୀଙ୍କ ଭିଡ ଆରମ୍ଭ ହୋଇଥିଲା । କିଛି ସମୟ ମଧ୍ୟରେ ଏହା ଭିଡ ଅସମ୍ଭାଳ ହୋଇଥିଲା । ଛୋଟ ପରିସର ମଧ୍ୟରେ ଶହଶହ ଆଶାୟୀଙ୍କ ଉପସ୍ଥିତି କରୋନା ମୁକାବିଲା/ସାମାଜିକ ଦୂରତାକୁ ଫୁଁ' କରି ଦେଇଥିଲା । ତା'ରି ଭିତରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଇଂଟରଭ୍ୟୁ/ ସାର୍ଟିଫିକେଟ ଯାଂଚ ଆରମ୍ଭ ହୋଇଥିଲା । ଆଶାୟୀଙ୍କ କହିବା କଥା ହେଲା 'କରୋନାକୁ ତ ଆମର ଭୟ ଅଛି, କିନ୍ତୁ ଚାକିରି ପାଇଁ ତ ଆମେ ବହୁଦିନ ହେଲା ଆଶୟୀ ଅଛୁ । ସ୍ୱାସ୍ଥ୍ୟବିଭାଗ ଆମନ୍ତ୍ରଣରେ ଆମେ ଆସିଛୁ, ସାମାଜିକ ଦୂରତା ରକ୍ଷା କରିବାର ବ୍ୟବସ୍ଥା ବିଭାଗ କରିବାର କଥା' । ଅପରପକ୍ଷେ ଭିଡ ସମ୍ପର୍କରେ ନୂତନ ଭାବେ ଯୋଗ ଦେଇଥିବା ସିଡିଏମଓ ଡାକ୍ତର ସନ୍ତୋଷ କୁମାର ପାତ୍ର କୁହଂତି 'ଆମେ ୱାକ ଇନ ଇଂଟରଭ୍ୟୁ ୩ଦିନ ପାଇଁ ରଖିଥିଲୁ । ପ୍ରଥମ ଦିନରେ ଏତେ ସଂଖ୍ୟାରେ ଆସିଯିବେ ବୋଲି କଳନା କରିନଥିଲୁ । ଆଗକୁ ଚେଷ୍ଟା କରୁଛୁ ସାମାଜିକ ଦୂରତା ରକ୍ଷା ପାଇଁ' । ତେବେ ଆଜି ଏହି ଘଟଣା ସୋସିଆଲ ମିଡିଆରେ ବେଶ ଚର୍ଚ୍ଚାରେ ଅଛି । କରୋନା ମୁକାବିଲା ପାଇଁ ସାମାଜିକ ଦୂରତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଦୂରଦର୍ଶିତାର ଅଭାବ ଯୋଗୁ ଏହି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ବୋଲି କୁହାଯାଉଛି । ଏହାକୁ ନେଇ ସ୍ୱାସ୍ଥ୍ୟବିଭାଗ ଆଜି ସମାଲୋଚନାର ଶରବ୍ୟ ପାଲିଟିଛି ।

# ସ୍ୱାସ୍ଥ୍ୟ ସେବା ସଂପର୍କରେ ଜିଲ୍ଲାପାଳଙ୍କ ସମୀକ୍ଷା

କେନ୍ଦ୍ରାପଡା, ୨୪/୭ (ନି.ପ୍ର.): ଜିଲ୍ଲାର ସ୍ୱାସ୍ଥ୍ୟସେବା ସଂପର୍କରେ ଜିଲ୍ଲାପାଳ ସମର୍ଥ ବର୍ମା ଏକ ସମୀକ୍ଷା ବୈଠକ କରିଥିବା ଜଣା ପଡିଛି । ଗୁରୁବାର ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ବର୍ମା କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ପହଁଚି ସିଡିଏମଓ ଡ଼ାଃ ଅମିତା ପଟ୍ଟନାୟକଙ୍କ ସହ ମେଡିକାଲର ବିଭିନ୍ନ ୱାର୍ଡ ବୁଲି ଦେଖିବା ସହ ରୋଗୀ ମାନଙ୍କ ସହ ଆଲୋଚନା କରି ଚିକିତ୍ସା ଓ ଔଷଧ ପାଇବା ସଂପର୍କରେ ପଚାରି ବୁଝିଥିଲେ । ଏହା ସହ ମେଡିକାଲ ପରିସରରେ ଥିବା କଲ ସେଣ୍ଟରରେ ପହଁଚି ଗୃହ ସଂଗରୋଧରେ ଥିବା ପ୍ରବାସୀ ମାନଙ୍କ ସହ ଫୋନରେ କଥା ହୋଇଥିଲେ । ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ କୋଭିଡ-୧୯ କଟକଣା ପାଳନ ପାଇଁ ଡାକ୍ତର ମାନଙ୍କୁ ପରାମର୍ଶ ଦେଇଥିଲେ । ଗୃହ ସଂଗରୋଧରେ ଥିବା ସମୟରେ ସେ ଅଂଚଳରେ ନିଯୁକ୍ତ ଥିବା ଅଗଂନବାଡି କର୍ମୀ, ଆଶାକର୍ମୀ ପ୍ରମୁଖ ସେମାନଙ୍କ ସହ ନିୟମିତ ଯୋଗାଯୋଗ କରୁଛନ୍ତି କି ନାହିଁ ପଚାରି ବୁଝିଥିଲେ । ଏହି ଗସ୍ତ ସମୟରେ ସହକାରୀ ଜିଲ୍ଲାପାଳ ଅକ୍ଷୟ କୁମାର ଅଗ୍ରୱାଲ, ଡ଼ଃ ରାମକୃଷ୍ଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଚିଲଡ୍ରେନ୍ସ ହୋମରେ ଛାତ୍ରର ଆତ୍ମହତ୍ୟା, ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ : ଘଟଣାସ୍ଥଳରେ ଉତେଜନା

ଜୟପୁର, ୨୪/୭ (ନି.ପ୍ର.): କୋରାପୁଟ ଜିଲ୍ଲାର ଜୟପୁର ଠାରେ ଥିବା ଚିଲଡ୍ରେନ୍ସ ହୋମରେ ରହୁଥିବା ଜଣେ ନାବାଳକ ବାଥରୁମରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛି । ଆତ୍ମହତ୍ୟା ଘଟଣାକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁ ନଥିବା ବେଳେ ହତ୍ୟା ଅଭିଯୋଗ ଆଣିଛନ୍ତି । ଯାହାକୁ ନେଇ ଘଟଣାସ୍ଥଳରେ ଉତେଜନା ଦେଖାଦେଇଥିଲା । ମୃତ ଛାତ୍ର ଜଣକ ହେଲେ ଜଗନ୍ନାଥ ପରଜା, ବୟସ ୧୨ ବର୍ଷ ହେବ । ଫଳରେ ଉକ୍ତ ଘଟଣା ବିଦ୍ୟୁତ ବେଗରେ ପ୍ରଚାର ହେବା ପରେ ସେଠାରେ ପ୍ରଶାସନିକ ଅଧିକାରିଙ୍କ ଭିଡ଼ ଜମିଛି । ସବୁଦିନ ପରି ଆଜି ମଧ ଜଗନ୍ନାଥ ଶୌଚ ହେଉଥିଲେ । ନିକଟରେ ଅନ୍ୟ ଅନ୍ତେବାସୀ ମଧ ଥିଲେ । ସେ ବାଥରୁମକୁ ଯାଇ ଆଉ କବାଟ ଖୋଲିନଥିଲେ । ପରେ ଅନ୍ୟ ଛାତ୍ର ମାନେ କବାଟ ଖୋଲି ମୁମୂର୍ଷ ଅବସ୍ଥାରେ ଜଗନ୍ନାଥକୁ ଉଦ୍ଧାର କରି ଜିଲା ଚିକିତ୍ସାଳୟକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ଜଗନ୍ନାଥକୁ ମୃତ ଘୋଷଣା କରିଥିଲେ । ଜଗନ୍ନାଥ ଜୟପୁର ପାରାବେଢା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫ ମ ଶ୍ରେଣି ପାସ କରି ଷଷ୍ଠ ଶ୍ରେଣୀକୁ ଯାଇଥିଲା । ସେ ମେଳାପି ଛାତ୍ର ଥିବାବେଳେ ଭଲ ପାଠ ପଢିବା ସହ ଚିତ୍ର ମଧ ଭଲ କରୁଥିବା ବିଦ୍ୟାଳୟର ଶିକ୍ଷୟତ୍ରୀ ପ୍ରକାଶ କରିଛନ୍ତି । ଜଗନ୍ନାଥଙ୍କ ଘର କୋରାପୁଟ ବ୍ଲକ କରଞ୍ଜିଆ ଗୁଡାରେ ହୋଇଥିବା ବେଳେ ସେ ଏଠାରେ ୩ ବର୍ଷ ହେବ ରହି ଆସୁଥିଲେ । ଜୟପୁର ଚିଲଡ୍ରେନ୍ସ ହୋମଟି ପ୍ରଶାସନ ଦ୍ୱାରା ପରିଚାଳିତ ହେଉଥିବା ବେଳେ ୭ ଜଣ କର୍ମଚାରି, ସିସି କ୍ୟାମେରା ମଧ ଲାଗିଛି । ହେଲେ ସେଠାରେ ଏପରି ଘଟଣା ବାରମ୍ବାର ଘଟୁଥିବାକୁ ନେଇ ସ୍ଥାନୀୟ ଅଂଚଳବାସୀଙ୍କ ମଧରେ ଅସନ୍ତୋଷ ଦେଖାଯାଇଥିବା ବେଳେ ୧ ବର୍ଷ ମଧ୍ୟରେ ୩ଟି ଘଟଣା ଘଟିଛି । ଗତ ୧୬।୯।୨୦ ତାରିଖରେ ୧୦ମ ଶ୍ରେଣିରେ ପଢୁଥିବା ଛାତ୍ର ଆତ୍ମହତ୍ୟା କରିଥିବା ବେଳେ ଗତ ମାର୍ଚ୍ଚ ୭ ତାରିଖରେ ଜଣେ ଛାତ୍ର ନିଖୋଜ ହୋଇଯାଇଛି । ଯାହାର ପତା ବର୍ତମାନ ସୁଦ୍ଧା ମିଳି ପାରିନାହିଁ । ଏହି ସବୁ ଘଟଣାକୁ ଦେଖିଲେ ଚିଲିଡ୍ରେନ ହୋମ ପ୍ରତି ସନ୍ଦେହ ଘନିଭୁତ ହେଉଛି । ଜଗନ୍ନାଥ ଏକ ଖୁସି ମିଜାଜ ଛାତ୍ର ଥିବା ବେଳେ ସେ ଆତ୍ମହତ୍ୟା କରିଥିବା କଥାକୁ ସ୍ଥାନୀୟ ବାସିନ୍ଦା ଓ ସ୍କୁଲ ଶିକ୍ଷୟିତ୍ରି ସହଜରେ ବିଶ୍ୱାସ କରି ପାରୁ ନାହାଁନ୍ତି । ସେ ବହୁତ ମେଳପି ଛାତ୍ର ଥିବାରୁ ଅନ୍ତେବାସି ମାନେ ତାଙ୍କୁ ନଟିଆ ବୋଲି ଡାକୁଥିଲେ । ଏପରି ଘଟଣା ବାରମ୍ବାର ଘଟୁଥିବାରୁ ସ୍ଥାନୀୟ ବସିନ୍ଦା ଏହାର ନିରପେକ୍ଷ ତଦନ୍ତ ଦାବୀ କରିଛନ୍ତି । ଏଠାରେ ଅନ୍ତେବାସୀଙ୍କୁ ମାନସିକ ଚାପ ଦିଆଯାଉଥିବା ସହ ଅନ୍ୟ କାମରେ ମଧ ଲଗାଯାଉଛି । ସେମାନଙ୍କ ପ୍ରତି ବ୍ୟବହାର ମଧ ଠିକ ଭାବେ କରାଯାଉ ନାହିଁ । କର୍ତୃପକ୍ଷଙ୍କ ଅବହେଳାରୁ ଏପରି ଘଟଣା ବାରମ୍ବାର ଘଟୁଥିବା ଅଭିଯୋଗ ହେଉଛି । ତେଣୁ ଏହାର ନିରପେକ୍ଷ ତଦନ୍ତ କରିବାକୁ ଦାବୀ କରାଯାଇଛି । ଘଟଣା ଘଟିବା ପରେ ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷା ଗାୟତ୍ରି ଦେବୀ, ପୋଲିସ ପହଂଚି ତଦନ୍ତ କରୁଥିବା ବେଳେ ଜଗନ୍ନାଥଙ୍କ ସମ୍ପର୍କୟ ମାନେ ଚିଲଡ୍ରେନ ହୋମରେ ହୋ ହାଲ୍ଲା କରିବା ସହ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଯେ, ଜଗନ୍ନାଥ ଜଣେ ଭଲ ଛାତ୍ର ଥିବା ସହ ତାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି । ତେଣୁ ଜଗନ୍ନାଥକୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ଏହାର ନିରପେକ୍ଷ ତଦନ୍ତ କରିବାକୁ ତାଙ୍କ ସମ୍ପର୍କୟ ଭାଇ ଗୟାଧର ପରଜା ଲିଖିତ ଅଭିଯୋଗ କରିଛନ୍ତି ।

# 'ଓଏସିସି' ଚେୟାରମ୍ୟାନ୍‌ଙ୍କ ପିତୃ ବିୟୋଗ

ବାଲେଶ୍ୱର, ୨୪/୭ (ନି.ପ୍ର.): ବାଲେଶ୍ୱରର ଖ୍ୟାତନାମା ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ରିଡ୍ସ'ର ସମ୍ପାଦକ ତଥା ସହରର ଗୋପାଳଗାଁଠାରେ ଥିବା ଓଏସିସି ମହାବିଦ୍ୟାଳୟ ଏବଂ ରେମୁଣାସ୍ଥିତ ଅକ୍ସଫୋର୍ଡ଼ ପବ୍ଲିକ ସ୍କୁଲ'ର ପ୍ରତିଷ୍ଠାତା ଅଧ୍ୟକ୍ଷ ଯୁବ ସମାଜସେବୀ ସଂଜୟ ସାହୁଙ୍କ ପିତା ଶଶିଧର ସାହୁଙ୍କର ଆଜି ପରଲୋକ ହୋଇଯାଇଛି । ଉଲ୍ଲେଖଯୋଗ୍ୟ ଯେ ଶଶିଧର ମୟୂରଭଂଜ ଜିଲ୍ଲାର ସାଇଁକୁଲାଠାରେ ଜନ୍ମଗ୍ରହଣ କରିଥିଲେ । ସାଇଁକୁଲା ସମେତ ଆଖପାଖ ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ତଥା ଜଣାଶୁଣା ସମାଜସେବୀ ଥିଲେ ସେ । ଦୀର୍ଘଦିନ ଧରି ଶଶିଧର ବାଲେଶ୍ୱର ସହରର ଗୋପାଳଗାଁଠାରେ ପରିବାର ସହ ରହି ଆସୁଥିଲେ । ତାଙ୍କର ମସ୍ତିସ୍କରେ ରକ୍ତଶ୍ରାବ ହେବାରୁ ତାଙ୍କୁ କଟକ ନିଆଯାଇ ଚିକିତ୍ସା କରାଯାଉଥିଲା । ଏକ ଘରୋଇ ନର୍ସିଂହୋମରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୨ ତାରିଖ ବୁଧବାର ରାତିରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ହୋଇଥିଲା । ତାଙ୍କର ମରଶରୀରକୁ କଟକରୁ ବାଲେଶ୍ୱର ଅଣାଯାଇ ଗୋପାଳଗାଁସ୍ଥିତ ବାସଭବନରେ ରଖାଯାଇଥିଲା । ଖବର ପାଇ ବନ୍ଧୁବାନ୍ଧବ, ଜ୍ଞାତିକୁଟୁମ୍ବଙ୍କ ସମେତ ସମାଜସେବୀ, ସରକାରୀ ପଦାଧିକାରୀ, ଜଣାଶୁଣା ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଗୃହରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶବାଧାରରେ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ତାଙ୍କ ବିଧବା ପତ୍ନୀ ସରସ୍ୱତୀ ସାହୁ, ଦୁଇପୁତ୍ର ସଂଜୟ ଓ ସମର, ଏକମାତ୍ର କନ୍ୟା ସୁପ୍ରଭା , ଜ୍ୱାଇଁ ରତନ, ଓ ନାତିନାତୁଣୀମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ମହାମାରୀ କରୋନା କଟକଣା ପାଳନ କରି ତାଙ୍କର ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ବାଲିଘାଟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସାନପୁଅ ସମର ସାହୁ ମୁଖାଗ୍ନି ଦେଇଥିଲେ । ତାଙ୍କ ଭଳି ଜଣେ ସରଳ, ନିଷ୍କପଟ, ମିଷ୍ଟଭାଷୀ, ଧାର୍ମିକ ତଥା ପରୋପକାରୀ ବ୍ୟକ୍ତିତ୍ୱଙ୍କ ବିୟୋଗରେ ବିଭିନ୍ନ ଜଣାଶୁଣା ମହଲରେ ଶୋକର ଛାୟା ଖେଳିଯାଇଛି ।

# ଗଡନୃସିଂହ ପ୍ରସାଦ ରୁ ୨୧୫ ଜଣ ଙ୍କ ସ୍ୱାବ ନମୁନା ସଂଗ୍ରହ

ଭୁବନ, ୨୪/୭ (ନି.ପ୍ର.): ଭୁବନ ବ୍ଲକ ଅନ୍ତର୍ଗତ ଗଡନୃସିଂହ ପ୍ରସାଦ ପଂଚାୟତର ପଳାସପିଠିଆ ସ୍ଥିତ ପଂଚାୟତରାଜ ଉଚ୍ଚ ବିଦ୍ୟାଳୟରେ ଆଜି ଟିଏମସି, ଲୋକାଲ ମିଶି ସମୁଦାୟ ୨୧୫ ଜଣ ବ୍ୟକ୍ତି ଙ୍କର ସ୍ୱାବ ନମୁନା ସଂଗ୍ରହ କରାଯାଇଛି । ସେଥିମଧ୍ରୁ ମହୁଲପାଳ ଗ୍ରାମ ସୁପର ସ୍ପ୍ରେଡର ଙ୍କ ସଂପର୍ଶରେ ଆସିଥିବା ଭୁବନ ଏନଏସି ର ୬୭ ଜଣ ଙ୍କ ସହିତ ମହୁଲପାଳ ଗ୍ରାମର ଶତାଧିକ ବ୍ୟକ୍ତି ସାମିଲ ଥିଲେ । ସ୍ୱାବ ଟେଷ୍ଟ ପାଇଁ ଆଜି ଭୁବନ ଏନଏସି ସଟଡାଉନ କରାଯାଇଥିଲା । ଭିବିଡିଟିଏସ ଅମିତ କୁମାର ସାମଲ, ପିଏଚଇଓ ମାନସ ରଂଜନ ମିଶ୍ର, କୋଭିଡ-୧୯ କର୍ମଚ୍ଚାରୀ ଶିଶିର କୁମାର ସାହୁ, କଳାବତୀ ଦାସ, ଲୀଳାବତୀ ବେହେରା, ଶୁଭ୍ରାଞ୍ଜଳି ମହାପାତ୍ର, ସରସ୍ୱତୀ ମିଶ୍ର, ସ୍ୱାଗତିକା ସାହୁ, ସୁରପ୍ରତାପପୁର ଫାଣ୍ଡି କର୍ମଚ୍ଚାରୀ ସ୍ୱାବ ଟେଷ୍ଟରେ ସହଯୋଗ କରିଥିଲେ ।

# ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର : ଶାଶୁ ଓ ଜାଆ ଗରିଫ

ଭଦ୍ରକ, ୨୪/୭ (ହି.ସ.) - ଭଦ୍ରକ ଜିଲା ତିହିଡି ଥାନା ଜାମଯୋଡି ପଂଚାୟତ ଅଧୀନ ନୀଳକଣ୍ଠପୁର ଗାଁରେ ଜଣେ ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର ହୋଇଛି । ଶୋଇବା ଘର ଫ୍ୟାନ୍‌ରେ ବେକରେ ଲୁଗା ଲଗାଇ ଖଟ ଉପରେ ଗୋଡ ରହିଥିବା ଜଣାଯାଇଛି । ସେ କାଦମ୍ବିନୀ ସ୍ୱାଇଁ ବୋଲି ଜଣାଯାଇଛି । ଅଭିଯୋଗ ମୁତାବକ ଏହି ଗାଁର ପଙ୍କଜ ରାଉତଙ୍କ ସହିତ ବୋଡକ ପଂଚାୟତ ଓରାଳି ଗାଁର ରତ୍ନାକର ସ୍ୱାଇଁଙ୍କ ଝିଅ କାଦମ୍ବିନୀ ସ୍ୱାଇଁଙ୍କର ଗତ ୨୦୧୯ ମସିହା ଆଷାଢ ମାସରେ ବିବାହ ହୋଇଥିଲା । କିଛିଦିନ ପରେ ଅଧିକ ଯୌତୁକ ଦାବିରେ କାଦମ୍ବିନୀଙ୍କୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦିଆଯାଉଥିଲା । ପଙ୍କଜ ଦୁବାଇରେ କାମ କରନ୍ତି । ବିବାହର ମାତ୍ର ମାସେ ନପୁରୁଣୁ ଦୁବାଇ ଚାଲିଯାଇଥିଲେ । ସ୍ୱାମୀଙ୍କ ଯିବାରେ କାଦମ୍ବିନୀଙ୍କ ଯାଆ, ଦେଢଶୁର, ଶାଶୁ ଓ ଶ୍ୱଶୁର ପ୍ରମୁଖ ମାଡ ମାରୁଥିବାର ବାପଘର ଲୋକେ ଖବର ପାଇଥିଲେ । ଗତକାଲି ରାତିରେ ଘରେ ପାଟିତୁଣ୍ଡ ହୋଇଥିବାବେଳେ ଆଜି ସକାଳେ କାଦମ୍ବିନୀର ଝୁଲନ୍ତା ଶବ ମିଳିବା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ବାପଘର ଲୋକେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିଁକରି ଆଜି ୨୩ ତାରିଖ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତିହିଡି ପୁଲିସ୍ ସମେତ ଫୋରେନ୍‌ସିକ୍ ଟିମ୍ ଏହାର ତଦନ୍ତ କରିଥିବା ଜଣାଯାଇଛି । ଅନ୍ୟପଟେ ସ୍ୱାମୀ ନଥିବାବେଳେ କାଦମ୍ବିନୀଙ୍କୁ ତାଙ୍କ ଯାଆ ସମେତ ଅନ୍ୟମାନେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ଅଭିଯୋଗ ହୋଇଛି । କାଦମ୍ବିନୀର ଯାଆ ଘରୁ ଖସି ପଳେଇ ଯାଉଥିବାବେଳେ କାଦମ୍ବିନୀଙ୍କ ପରିବାର ଲୋକେ ତାଙ୍କୁ ଧରି ମାଡ ମାରିଥିବା ଜଣାଯାଇଛି । ପୁଲିସ୍ ଘଟଣା ସ୍ଥଳରେ ପହଂଉ ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ କାଦମ୍ବିନୀ ଯାଆକୁ ଥାନାକୁ ନେଇ ପଚରା ଉଚୁରା କରୁଥିବା ଜଣାଯାଇଛି । ଦେଢଶୁର ଫେରାର ଥିବାବେଳେ ଯାଆ, ଶାଶୁ ଓ ଶ୍ୱଶୁରଙ୍କ ସହିତ ପୁଲିସ୍‌ର ତଦନ୍ତ ଜାରି ରହିଛି । ଏହି ଘଟଣାଟି ସମଗ୍ର ଅଂଚଳରେ ଚର୍ଚ୍ଚାର ବିଷୟ ସାଜିଥିବା ବେଳେ ଯାଆ ଓ ଶାଶୁଙ୍କୁ କେଶ୍ ନଂ ୨୭୦/୨୯ ମୂଳେ ଗିରଫ ହୋଇଥିବା ଜଣାପଡିଛି ।

# ଧାମରାରେ ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ ପାଳିତ

ଭଦ୍ରକ, ୨୪/୭ (ହି.ସ.) - ଧାମରା ନିକଟସ୍ଥ ଦୋସିଙ୍ଗା ଠାରେ ଥିବା ଭାରତୀୟ ମଜଦୁର ସଂଘ ଅଫିସ ପ୍ରାଙ୍ଗଣରେ ଆଜି ଏହି ସଂଘର ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । କୋବିଦ-୧୯କୁ ଆଖି ଆଗରେ ରଖି ସାମାଜିକ ଦୂରତା ବହନ କରି ଆଜିର ଏହି ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା । ନିଜର ଅଭିଭାଷଣରେ ସଂଘର କାର୍ଯ୍ୟକାରୀ ସଂପାଦକ ଚନ୍ଦ୍ରଶେଖର ଜେନା ଯୋଗ ଦେଇ ଦତୋପତ ଥେଙ୍ଗଡୀ ୨୩ ଜୁଲାଇ ୧୯୫୫ରେ ଏହି ଟ୍ରେଡୟୁନିୟନ ସଂଗଠନ ନିର୍ମାଣ କରିବା ପରେ ଆଜି ଭଳି ଦିନରେ ସାରା ଭାରତ ବର୍ଷରେ ଏହି ସଂଗଠନର ୧୦ନିୟୁତରୁ ଅଧିକ ଶ୍ରମିକ ଏହି ସଙ୍ଗଠନରେ ଯୋଗ ଦେଇଛନ୍ତି ଆଗାମୀ ଦିନରେ ଏହି ସଂଗଠନ ଶ୍ରମିକ ମାନଙ୍କ ହିତ ଉପରେ ଅଧିକ ନଜର ଦେବା ସହ କିଭଳି ତୃଣମୂଳ ସ୍ତରରୁ ଶ୍ରମିକଙ୍କ ପରିବାର ସୁରୁଖୁରୁରେ ଦିନ ଅତିବାହିତ କରିବେ ସେ ବିଷୟରେ ଆଲୋକପାତ କରିଥିଲେ । ଆଜିର ଏହି ପ୍ରତିଷ୍ଠା ଦିବସରେ ଅନ୍ୟ ମାନଙ୍କ ମଧ୍ୟରେ ମନୋଜ କୁମାର ଲେଙ୍କା, ବିଜୟ ପ୍ରତାପ ଜେନା, ଲକ୍ଷ୍ମୀକାନ୍ତ ଦାସ, ଶତୃଘନ ସାମଲ, ବାପି ସାମନ୍ତ ,ପ୍ରଫୁଲ ସେଠୀଙ୍କ ସମେତ ଅନ୍ୟ ସାଙ୍ଗଠନିକ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ଗୋଛାପଡା ଥାନାରେ ଜଣେ ବାଇକ ଲୁଟେରା ଗିରଫ ୩ ବାଇକ ଜବତ

କନ୍ଧମାଳ, ୨୪/୭ (ନି.ପ୍ର.): ଆଜି କନ୍ଧମାଳ ଜିଲା ଗୋଛାପଡା ଥାନା ପୋଲିସ ଜଣେ ବାଇକ ଲୁଟେରାକୁ ଗିରଫ କରିଛି । ତଠାରୁ ୩ଟି ଲୁଟ ହୋଇଥିବା ବାଇକ ଜବତ କରିଥିବା ନେଇ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରୱାଲ ଟ୍ୱିଟ୍ ଯୋଗେ ସୁଚନା ଦେଇଛନ୍ତି । ସୁଚନା ଅନୁସାରେ କିଛି ବାଇକ ଲୁଟେରା ଗୋଛାପଡା ଏବଂ ଫୁଲବାଣୀ ସଦର ଅଂଚଳରେ ବାଇକ ଲୁଟିବା ସହିତ ଅନ୍ୟାନ୍ୟ ଅପରାଧ ସହିତ ଜଡିତ ଥିବା ସହିତ ଏହି ଅଂଚଳ ଗୁଡିକରେ ବାଇକ ମଧ୍ୟ ଲୁଟ କରୁଥିବା ସୁଚନା ପୋଲିସକୁ ମିଳିଥିଲା । ସେମାନଙ୍କ ମଧ୍ୟରୁ ଆଜି ଜଣେ ୧୫ ବର୍ଷର ନାବାଳକକୁ ଗୋଛାପଡା ପୋଲିସ ଧରିବାରେ ସଫଳ ହୋଇଛି । ତା ଠାରୁ ସୁଚନା ପାଇବାପରେ ୨ଟି ବାଇକ ଏବଂ ଗୋଟିଏ ସ୍କୁଟି ମଧ୍ୟ ଜବତ କରିବାରେ ସଫଳ ହୋଇଛି ପୋଲିସ । ତେବେ ଏହି ସଂକ୍ରାନ୍ତରେ ଗୋଛାପଡା ଥାନା ପୋଲିସ ଏକ ମାମଲା ୩୮/୨୦ ରୁଜୁ କରିବା ସହିତ ମାମଲାର ଅଧିକ ତଦନ୍ତ ଜାରୀ ରଖିଥିବା ଜଣାପଡିଛି ।

# ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାରରେ ଗଲା ମହିଳାଙ୍କ ଜୀବନ, ଅଭିଯୋଗ

କେନ୍ଦ୍ରାପଡା, ୨୪/୭ (ନି.ପ୍ର.): ପରିବାର ନିୟନ୍ତ୍ରଣ ଉଦ୍ଦେଶ୍ୟରେ ଅସ୍ତ୍ରୋପଚାର କରାଯାଉ ଥିବାବେଳେ ମହିଳାଙ୍କ ମୃତ୍ୟୁଙ୍କୁ ନେଇ ଉତେଜନା ପ୍ରକାଶ ପାଇଛି । କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଦିନ ୧୨ ଜଣଙ୍କର ଅସ୍ତ୍ରୋପଚାର କରାଯାଇ ଥିଲା । ସେମାନଙ୍କ ମଧ୍ୟରୁ ପଟ୍ଟାମୁଣ୍ଡାଇ ଥାନା ଅଧିନ ସୁଜନପୁର ର ଶଙ୍କର ମଲିକଙ୍କ ପତ୍ନୀ କୁସୁମ ମଲିକ(୩୨) ଙ୍କର ଅସ୍ତ୍ରୋପଚାର କରାଯାଇ ଥିଲା । ତେବେ ଅସ୍ତ୍ରୋପଚାର ସମୟରେ କୁସୁମଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ଅଣା ଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା । ଡାକ୍ତରଙ୍କ ଅସାବଧାନତା ପାଇଁ କୁସୁମଙ୍କର ମୃତ୍ୟୁ ହୋଇଥିବା ତାଙ୍କ ସ୍ୱାମୀ ଶଙ୍କର ଅଭିଯୋଗ କରିଛନ୍ତି । ଅପରପକ୍ଷରେ ଜଣେ ଡାକ୍ତର ପ୍ରାୟ ୧୦ ବର୍ଷହେଲା ଛୁଟିରେ ରହି ଘରୋଇ ନର୍ସିଂହୋମ ଓ କ୍ଲିନିକରେ ରୋଗୀ ଦେଖୁଥିବା ବେଳେ ସରକାରୀ ଚାକିରୀରେ ଯୋଗଦେବା ପାଇଁ ଯାଉ ନାହାନ୍ତି । ପାଟକୁରା ଓ ପଟ୍ଟାମୁଣ୍ଡାଇ ଡାକ୍ତରଖାନାରେ ଏହି ଡାକ୍ତରଙ୍କ ଅସ୍ତ୍ରୋପଚାର ଦ୍ୱାରା ବହୁ ରୋଗୀ ଅକାଳରେ ମୃତ୍ୟୁ ବରଣ କରୁଥିବା ଅଭିଯୋଗ ହୋଇଛି । ତାଙ୍କ ମାର୍ଫତରେ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରା ଯାଉଥିବା ଯୋଗୁଁ ନାନା ପ୍ରକାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି । ଏହାକୁ ନେଇ ଡାକ୍ତରଖାନା ପରିସରରେ ତୀବ୍ର ଉତେଜନା ପ୍ରକାଶ ପାଇଥିଲା । ଅଭିଯୋଗ ପାଇବେ ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମଓ ଅମିତା ପଟ୍ଟନାୟକ ସୂଚନା ଦେଇଛନ୍ତି ।

# କୋରାପୁଟ ଆଦିବାସୀ ନାବାଳିକା ଗଣଦୁଷ୍କର୍ମ , ହତ୍ୟା ଘଟଣାର ସରଜମିନ ତଦନ୍ତ କଲା ବିଜେପି ପ୍ରତିନିଧୀ ଦଳ

ଭୁବନେଶ୍ୱର, ୨୪/୭ (ନି.ପ୍ର.): କୋରାପୁଟ ଜିଲ୍ଲା କୋଟପାଡ ବ୍ଲକ ଚିତ୍ରା ପଂଚାୟତ ବାଗଚୁଆଁ ଗାଁର ଜଣେ ଆଦିବାସୀ ନାବାଳିକାକୁ ଗଣଦୁଷ୍କର୍ମ ସହ ହତ୍ୟା ଘଟଣାରେ ବିଜେପି ରାଜ୍ୟ ମହିଳାମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଜିଲ୍ଲାର ବିଜେପି ନେତ୍ରୀ ସୁରଭି ପାଣି ଓ ଅଂଜଳୀ ମିଶ୍ରଙ୍କ ନେତୃତ୍ୱରେ ୩ ଜଣିଆ ପ୍ରତିନିଧୀ ଦଳ ମୃତା ନାବାଳିକାଙ୍କ ପରିବାର ସଦସ୍ୟକୁ ଭେଟିବା ସହ ଘଟଣାସ୍ଥଳକୁଯାଇ ସରଜମିନ ତଦନ୍ତ କରିଛନ୍ତି । କୋରାପୁଟ ନବାଳିକା ଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ପୋଲିସ ତୁରନ୍ତ ଅପରାଧୀଙ୍କୁ ଏସସି ଏସଟି ଏଟ୍ରୋସିଟି ଏବଂ ପୋକସୋ ଆକ୍ଟ ଲଗାଇ ଅପରାଧୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ଜିଲ୍ଲା ପ୍ରଶାସନ ପୀଡିତା ପରିବାରକୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦିଅନ୍ତୁ । ମହିଳା ସୁରକ୍ଷା ଦିଗରେ ଯଦି ମୁଖ୍ୟମନ୍ତ୍ରୀ ଅସମ୍ବେଦନଶୀଳ ରହିବେ ତେବେ ଆଗକୁ ମହିଳା ମୋର୍ଚ୍ଚା ପକ୍ଷରୁ ତୀବ୍ର ଆନ୍ଦୋଳନ ହେବ ବୋଲି ଶ୍ରୀମତୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି । ପ୍ରତିନିଧୀ ଦଳ ପ୍ରଥମେ ମୃତା ନାବାଳିକାଙ୍କ ଗାଁ ବାଗଚୁଆଁ ଠାରେ ପହଂଚି ପରିବାର ସଦସ୍ୟ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଘଟଣା ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ପରିବାର ଲୋକ ମୃତା ନାବାଳିକା ଶରୀରର ଅନେକ ସ୍ଥାନରେ କ୍ଷତବିକ୍ଷତ ଚିହ୍ନ ଥିବା କଥା ଜଣାଇଛନ୍ତି । ପରେ କୋଟପାଡ ଥାନା ଆଇଆଇସିଙ୍କ ସହ ପ୍ରତିନିଧୀ ଦଳ ଆଲୋଚନା କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବୀ କରିଥିଲେ । ପ୍ରତିନିଧୀ ଦଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ପୋଷ୍ଟମର୍ଟମ କରିଥିବା ଡାକ୍ତରଙ୍କ ସହ ଆଲୋଚନା କରିଥିଲେ ବି କୌଣସି ସନ୍ତୋଷଜନକ ଉତର ମିଳିନଥିଲା । ତଦନ୍ତ ପରେ ପ୍ରତିନିଧୀ ଦଳ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀଙ୍କୁ ଭିଡିଓ କନଫରେନ୍ସିରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ । କୋରାପୁଟ ନାବାଳିକା ଦୁଷ୍କର୍ମ ଘଟଣାରେ ଦୃବୁତ ମାନେ ନାବାଳିକା ସହ ଗଣଦୁଷ୍କର୍ମ କରି ପରେ ତାଙ୍କୁ ହତ୍ୟା କରିଛନ୍ତି । କିନ୍ତୁ ପୋଲିସ ଏବେ ଶାସକ ଦଳ ଚାପରେ ଏହି ଘଟଣାକୁ ଚାପି ଦେବାକୁ ବସିଛି । ରାଜ୍ୟର ମୁଖ୍ୟମନ୍ତ୍ରୀ ମହିଳା ସୁରକ୍ଷାର ଡିଣ୍ଡିମ ପିଟୁଥିବାବାଳେ ରାଜ୍ୟର କୋଣ ଅନୁକୋଣରୁ ପ୍ରତିଦିନ ଦୁଷ୍କର୍ମ ଘଟଣା ସାମ୍ନାକୁ ଆସୁଛି । ରାଜ୍ୟସରକାରଙ୍କ ମହିଳା ସୁରକ୍ଷା ନାରା ଏଠି କେବଳ ପ୍ରହସନ ପାଲଟିଛି ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ ଅଭିଯୋଗ କରିଛନ୍ତି ।

# ଏପରି ସଜାନ୍ତୁ କିଚେନ୍

**ଘର ସଜାଇଲା ବେଳେ ଆମେ ସାଧାରଣତଃ ରୋଷେଇ ଘର କଥା ପାସୋରି ଦେଇଥାଉ । ତେଣୁ ଅନେକ ଲୋକଙ୍କ ଘର ଭିତରର ସାଜସଜ୍ଜା ଖୁବ୍ ସୁନ୍ଦର ହୋଇଥିଲେ ବି ରୋଷେଇ ଘର ନିଷ୍ପ୍ରାଣ ଲାଗେ । ତେବେ ଛୋଟ ଛୋଟ ଉପାୟ ଆପଣେଇଲେ ଆପଣଙ୍କ ରୋଷେଇ ଘର ସୁନ୍ଦର ଲାଗିବ ।**









**ଲାଇଟ:-**
ଅନେକଙ୍କ ରୋଷେଇ ଘରେ ପର୍ଯ୍ୟାପ୍ତ ଲାଇଟ୍ ବ୍ୟବସ୍ଥା ନଥାଏ । ପ୍ରାକୃତିକ ଓ କୃତ୍ରିମ ଭାବେ ଯେମିତି ଆପଣଙ୍କ ରୋଷେଇ ଘର ଆଲୋକିତ ହୋଇପାରୁଥାଏ ସେଥିପ୍ରତି ପ୍ରଥେ ନଜର ଦେବେ । ରୋଷେଇ ଘରର ଝରକା ପାଖରେ ଏମିତି କିଛି ଜିନିଷ ରଖନ୍ତୁ ନାହିଁ ଯାହା ସୂର୍ଯ୍ୟାଲୋକ ପ୍ରବେଶ କରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବ । ଯଦି ସମ୍ଭବ ରୋଷେଇ ଘରର ଝରକା ପାଖରେ ଆଲୋଭେରା ବା ଲକି ବାମ୍ବୁ ଲାଗିଥିବା କୁଣ୍ଡ ରଖିପାରିବେ । ରୋଷେଇ ଘରେ ସୁନ୍ଦର ଲାଇଟ୍ ଲଗାଇ ପାରିବେ ।

**ଫ୍ରୁଟ୍ ବାଉଲ୍:-**
କିଚେନ୍‌ର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କିଚେନ୍ କାଉଣ୍ଟରରେ ଆକର୍ଷଣୀୟ ଫ୍ରୁଟ୍ ବାଉଲ୍ ରଖିପାରିବେ । ସେଥିରେ ଋତୁକାଳୀନ ଫଳ ରଖିଲେ ତାହା ଦୃଷ୍ଟି ଆକର୍ଷଣ କରିବ । ଆପଣଙ୍କ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ।
ଗଛ: କିଚେନ କାଉଣ୍ଟର କିମ୍ବା ଝରକା ପାଖରେ ରଙ୍ଗ ବେରଙ୍ଗୀ କୁଣ୍ଡରେ ଛୋଟ ଛୋଟ ଗଛ ଆପଣଙ୍କ ରୋଷେଇ ଘରକୁ ସୁନ୍ଦର ଓ ସତେଜ କରିବ । ଇଚ୍ଛା ହେଲେ ରୋଷେଇରେ ଦରକାର । ହେଉଥିବା ଗୁଳ୍ମ ଏହି କୁଣ୍ଡରେ ଲଗାଇ ପାରିବେ ।

**ସ୍ମାର୍ଟ ଷ୍ଟୋରେଜ୍:-**
ରୋଷେଇରେ ବ୍ୟବହୃତ ଜିନିଷ ରଖିବା ପାଇଁ ଅନେକ କ୍ୟାବିନେଟ୍ ବ୍ୟବସ୍ଥା କରିଥାଆନ୍ତି । କିନ୍ତୁ ଚାମଚ, ଛୁରି, ଛୋଟ ମସଲା ଡବା ଆଦି ଏଣେ ତେଣେ ରଖିଦିଅନ୍ତି । ଏପରି କଲେ ରୋଷେଇ ଘର ଅସନା ହେବା ସହ ଅସୁନ୍ଦର ଲାଗିଥାଏ । ଛୁରି, ଚାମଚ ରଖିବା ପାଇଁ ଆଜିକାଲି ଖୁବ୍ ସୁନ୍ଦର ନାଇଫ୍ ହୋଲ୍ଡର ମିଳୁଛି ।

**ଆର୍ଟ ପିସ୍:-**
ଆପଣଙ୍କ ରୋଷେଇ ଘରକୁ ଆକର୍ଷଣୀୟ ଲୁକ୍ ଦେବା ପାଇଁ କାନ୍ଥରେ ଆର୍ଟ ପିସ୍ ଲଗାଇ ପାରିବେ । କମଳା, ସବୁଜ, ହଳଦିଆ, ଗୋଲାପି ରଙ୍ଗର ଆର୍ଟ ପିସ୍ ଆପଣଙ୍କ କିଚେନ୍‌କୁ ଦେଇପାରିବ ଏକ ସ୍ମାର୍ଟ ଲୁକ୍ ।

# ପ୍ରିୟଙ୍କାଙ୍କୁ ଅତିକ୍ରମ କରିବେ ଶ୍ରଦ୍ଧା !



ଆଜିକାଲି ବଲିଉଡ୍ ସେଲିବ୍ରିଟିମାନଙ୍କର ସୁଖ୍ୟାତିର ମୂଲ୍ୟାୟନ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ସେମାନଙ୍କ ଲୋକପ୍ରିୟତା ଆଧାରରେ କରାଯାଉଛି । ଏ କ୍ଷେତ୍ରରେ ଏବେ ଆଗରେ ଅଛନ୍ତି- ପ୍ରିୟଙ୍କା ଚୋପଡ଼ା । ‘ଇନ୍‌ଷ୍ଟାଗ୍ରାମ୍’ରେ ତାଙ୍କର ଅନୁଗାମୀ ଓ ପ୍ରଶଂସକଙ୍କ ସଂଖ୍ୟା ୫.୪୭ କୋଟି । ତାଙ୍କ ତଳେ ଅଛନ୍ତି ଦୀପିକା ପାଦୁକୋଣ; ତାଙ୍କ ପ୍ରଶଂସାରେ ୫.୩ କୋଟି ଶତମୁଖ । ଏବେ ଏହି କ୍ଷେତ୍ରରେ ଦୀପିକାଙ୍କ ସମକକ୍ଷ ହୋଇଯାଇଛନ୍ତି ଶ୍ରଦ୍ଧା କପୁର । ‘ଇନ୍‌ଷ୍ଟାଗ୍ରାମ୍’ରେ ତାଙ୍କର ପ୍ରଶଂସକ ସଂଖ୍ୟା ଯେଉଁ ବେଗରେ ବଢ଼ୁଛି, ସେ ଆଉ ଅଳ୍ପ କିଛି ମାସ ଭିତରେ ପ୍ରିୟଙ୍କାଙ୍କୁ ଅତିକ୍ରମ କରିଯିବେ ବୋଲି ଅନୁମାନ କରାଯାଉଛି । ଏହାର କାରଣ ଫିଲ୍ମ ଶିଳ୍ପରେ ପ୍ରିୟଙ୍କାଙ୍କ ତୁଳନାରେ ସେ ଏବେ ଅଧିକ ସକ୍ରିୟ । କ୍ରମାଗତ ଭାବେ ସୁପର୍-ହିଟ୍ ଫିଲ୍ମ ଦେଇଚାଲିଛନ୍ତି । ଶ୍ରଦ୍ଧାଙ୍କ ବୟସ ତେତିଶ ଏବଂ ସେ ଅବିବାହିତା । ପ୍ରିୟଙ୍କା ବୟସରେ ତାଙ୍କଠାରୁ ଚାରି ବଡ଼ ବଡ଼ । ପୁଣି, ବିବାହ କରିସାରିଲେଣି । ତେଣୁ, ଶ୍ରଦ୍ଧା, ତାଙ୍କ ତୁଳନାରେ ଅଧିକ ଅଭିନୟ ସୁଯୋଗ ପାଇଁ ଲୋକପ୍ରିୟତା ବଜାୟ ରଖିବାରେ ସଫଳ ହେବେ ବୋଲି ଅନେକ କହୁଛନ୍ତି ।

# ଏବେ ମିଉଜିକ୍ ଭିଡିଓ ଭରସା



ରିଅଲିଟି ସୋ, ଟେଲିଭିଜନ୍ ଧାରାବାହିକ ଆଦିର ଭକ୍ତ-ପ୍ରଶଂସକମାନଙ୍କ ପାଇଁ ଶହନାଜ କୌର ଗିଲ ଏକ ଜଣାଶୁଣା ନାମ । ଯଦିଓ ସେ ଜଣେ ଅଭିନେତ୍ରୀ, ଅଦ୍ୟାବଧି ଥରେର ହେଲେ ବଲିଉଡ୍ ଫିଲ୍ମରେ ସୁଯୋଗ ପାଇନାହାନ୍ତି । ଅଳ୍ପ କିଛି ପଂଜାବୀ ଫିଲ୍ମରେ ଅଭିନୟ କରିଛନ୍ତି । ୨୦୨୦ ଫେବ୍ରୁଆରିରେ ପ୍ରସାରଣ ଆରମ୍ଭ ହୋଇଥିବା ପଚିଶ ଅଧ୍ୟାୟର ଟେଲିଭିଜନ୍ ଧାରାବାହିକ ‘ମୁଝେସେ ଶାଦୀ କରୋଗୀ’ର ସେ ମୁଖ୍ୟ ଅଭିନେତ୍ରୀ । ତେବେ, ‘କୋଭିଡ୍ ୧୯’ ଯୋଗୁଁ ଏହାର ପ୍ରସାରଣ ବ୍ୟାହତ ହୋଇଥିଲା । ‘ବିଗ୍ ବସ୍’ର ତ୍ରୟୋଦଶ ସଂସ୍କରଣରେ ଶହନାଜ ସର୍ବାଧିକ ଚର୍ଚ୍ଚିତ ହୋଇଥିଲେ । ଏଥିରେ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ । ତଙ୍କର ସଫଳତା, ତାଙ୍କୁ ବଲିଉଡ୍‌ରେ ପହଞ୍ଚାଇଦେବା କଥା । ହେଲେ, ମହାମାରୀ ସବୁ ବିଗାଡ଼ିଦେଇଛି । ଏବେ ମିଉଜିକ୍ ଭିଡିଓ ଭରସା । ୨୦୧୫ରୁ ସେ ବିଉଜିକ୍ ଭିଡିଓ କରିଆସିଲେଣି । ଇତି ମଧ୍ୟରେ ବୟାଳିଶଟିରେ ବାହାରିସାରିଲେଣି । ଏବେ ଆଉ ଗୋଟିଏ ମୁକ୍ତିଲାଭ କରିଛି; ନାମ- ‘କୁର୍ତା ପଜାମା’ । ଛବିଶ ବର୍ଷ ବୟସ୍କା ଶହନାଜ ୨୦୧୫ରୁ ମଡେଲିଂ ଓ ମିଉଜିକ୍ ଭିଡିଓ ଦୁନିଆରେ ସକ୍ରିୟ ଅଛନ୍ତି । ସେ ଜନ୍ମ ହୋଇଥିଲେ, ଅମୃତସରରେ; ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଶିକ୍ଷା ସମାପ୍ତ କରିଥିଲେ ହିମାଚଳ ପ୍ରଦେଶର ଡେଲ୍‌ହାଉସିରେ । ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ସ୍ନାତକ ପଢ଼ୁଥିବାବେଳେ ପଢ଼ା ଛାଡ଼ି, ଗ୍ଲାମର୍ ଦୁନିଆରେ ପ୍ରବେଶ କରିଥିଲେ । ତାଙ୍କର ପ୍ରଥମ ପଂଜାବୀ ଫିଲ୍ମ ୨୦୧୭ରେ ମୁକ୍ତିଲାଭ କରିଥିଲା ।

# ଆତ୍ମହତ୍ୟା ପାଇଁ ପରିଚିତ ରହସ୍ୟମୟ ଜଙ୍ଗଲ



ଘଞ୍ଚ ଜଙ୍ଗଲ । ଏଠାରେ ଗଛର ସଂଖ୍ୟା ଏତେ ଅଧିକ ଯେ ଏହି ଜଙ୍ଗଲକୁ କୁହାଯାଏ ଗଛର ସମୁଦ୍ର । କିନ୍ତୁ ସେହି ଘଞ୍ଚ ସବୁଜର ନିଃସଙ୍ଗତାକୁ ଅବସାଦଗ୍ରସ୍ତ ମଣିଷ ବାଛି ନିଅନ୍ତି ଶେଷ ଶଯ୍ୟା ଭାବରେ । ଏମିତିକି ଲୋକେ ସାଥୀ ହୋଇ ଆତ୍ମହତ୍ୟା କରିବାକୁ ଯାଇଥାଆନ୍ତି ଏହି ଜଙ୍ଗଲ ଭିତରକୁ । ସେଥିପାଇଁ ‘ଆତ୍ମହତ୍ୟା ଅରଣ୍ୟ’ ନାମରେ ପରିଚିତ ଏହି ଜଙ୍ଗଲ । ଚିରସବୁଜ ଏହି ଜଙ୍ଗଲଟି ଜାପାନରେ ଅବସ୍ଥିତ । ଆଗ୍ନେୟପର୍ବତ ମାଉଣ୍ଟ ଫୁଜିର ପାଦ ଦେଶରେ ଆଓକିଗାହାରା ନାମରେ ପରିଚିତ ଏହି ଜଙ୍ଗଲ । ପ୍ରତିବର୍ଷ ଜାପାନର ବିଭିନ୍ନ ଅଞ୍ଚଳରୁ ଲୋକମାନେ ଏହି ଜଙ୍ଗଲଟି ବୁଲି ଦେଖିବାକୁ ଆସିଥାଆନ୍ତି । ଅସଲ ଉଦ୍ଦେଶ୍ୟ ଥାଏ ଆତ୍ମହତ୍ୟା । ଏହି ଜଙ୍ଗଲ ଏତେ ଗଭୀର ଯେ ଦୀର୍ଘଦିନ ଧରି ମୃତଦେହର ଖୋଜଖବର ନେଲେ ସୁଦ୍ଧା ତାହା ମିଳିନଥାଏ । ଅଧିକାଂଶ ସମୟରେ ନିଥର ଶରୀରଗୁଡ଼ିକ ଚିଲ, ଶାଗୁଣାଙ୍କ ଆହାର ବନିଯାଏ । ଆତ୍ମହତ୍ୟା କରିବାକୁ ଅନେକ ଲୋକ ଆସିଥାଆନ୍ତି । ତେବେ ସମସ୍ତେ ଆତ୍ମହତ୍ୟା କରିପାରି ନଥାନ୍ତି । ଆତ୍ମହତ୍ୟା କରିବାର ମାନସିକତା ଦେଶ ଅନୁସାରେ ବଦଳିଥାଏ । ନିଜକୁ ଶେଷ କରିଦେବାର ମାନସିକତାକୁ କେଉଁଠି ଅପରାଧ ବୋଲି କୁହାଯାଉଥିବା ବେଳେ ଏହି ଧାରଣା ଅନ୍ୟ କେଉଁ ଦେଶରେ ନାହିଁ । ଜାପାନ ଏହି ଦ୍ୱିତୀୟ ପର୍ଯ୍ୟାୟର ଦେଶରେ ପଡ଼ିଥାଏ । କୁହାଯାଏ ଅତୀତରେ ଜାପାନ ସମୁରାଇମାନେ ଯୁଦ୍ଧରେ ପରାସ୍ତ ହେଉଥିଲେ ଆତ୍ମସମ୍ମାନ ଉଦ୍ଦେଶ୍ୟରେ ନିଜକୁ ଶେଷ କରିଦେଉଥିଲେ । ସେହି ପ୍ରଥାରୁ ଜାପାନରେ ଆତ୍ମହତ୍ୟା କରିବାର ମାନସିକତା ସୃଷ୍ଟି ହୋଇଛି ଯାହା କି ଏବେ ବି ଲୋକମାନଙ୍କ ମଧ୍ୟରେ ରହିଆସିଛି । ୨୦୦୮ ମସିହା ବିଶ୍ୱ ମାନ୍ଦାବସ୍ଥା ବେଳେ ଆତ୍ମହତ୍ୟା କରିଥିବା ଲୋକଙ୍କ ମଧ୍ୟରେ ଜାପାନରୁ ସବୁଠୁ ଅଧିକ ଥିଲେ । ଆଉ ଜାପାନର ସେହି ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଆଓକିଗାହାରା ଜଙ୍ଗଲରେ ହିଁ ଆତ୍ମହତ୍ୟା କରିଥିଲେ । ପ୍ରତିବର୍ଷ ଜାପାନରେ ମାର୍ଚ୍ଚମାସ ଚତୁର୍ଥ ସପ୍ତାହରେ ଅର୍ଥାତ୍ ଆର୍ଥିକ ବର୍ଷର ଶେଷ ବେଳକୁ ଆତ୍ମହତ୍ୟା ଘଟଣା ସବୁଠୁ ଅଧିକ ହୋଇଥାଏ । ସେହି ସମୟରେ ଅବସାଦପ୍ରାପ୍ତ ଲୋକ ଆଓକିଗାହାରା ଜଙ୍ଗଲକୁ ଛୁଟିଯାଆନ୍ତି । କିନ୍ତୁ କାହିଁକି ? ମନସ୍ତତ୍ତ୍ୱବିତ୍‌ମାନେ କୁହନ୍ତି ଏହି ଜଙ୍ଗଲର ପ୍ରାକୃତିକ ସୌନ୍ଦର୍ଯ୍ୟ ଏଥିପାଇଁ ଦାୟୀ । ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆକର୍ଷିତ ହେଉଥିବା ଅବସାଦପ୍ରାପ୍ତ ମଣିଷମାନେ ଏହାକୁ ନିଜର ଶେଷ ଠିକଣା ବୋଲି ଧରିନିଅନ୍ତି । ସେଥିପାଇଁ ଅନ୍ୟ କେଉଁ ସ୍ଥାନ ପରିବର୍ତ୍ତେ ଏହି ଜଙ୍ଗଲରେ ହିଁ ଆତ୍ମହତ୍ୟା କରନ୍ତି ।

# ସ୍ୱାସ୍ଥ୍ୟ ମନ୍ତ୍ର

କାହା ପାଇଁ କେତେ କାଲୋରି: ସାଧାରଣ କାମ କରୁଥିବା ୬୦ କିଲୋ ଓଜନର ପୁରୁଷଙ୍କ ଦୈନିକ ଆବଶ୍ୟକତା ହେଉଛି ୨୪୨୫ କାଲୋରି । ଏହି ବର୍ଗର ପୁରୁଷ ମଧ୍ୟମ ଧରଣର ଶ୍ରମ କରୁଥିଲେ, ୩୮୦୦ କାଲୋରି । ସେହିପରି ସାଧାରଣ କାମ କରୁଥିବା ୫୦ କିଲୋ ଓଜନର ମହିଳାଙ୍କ ଦୈନିକ ଆବଶ୍ୟକତା ହେଉଛି ୧୮୭୫ କାଲୋରି । ଏହି ବର୍ଗର ମହିଳା ମଧ୍ୟମ ଧରଣର ଶ୍ରମ କରୁଥିଲେ, ଦରକାର ୨୨୨୫ କାଲୋରି । ଆଉ ଅଧିକ ଶ୍ରମ କରୁଥିଲେ, ୨୯୨୫ କାଲୋରି । ୫୦ କିଲୋ ଓଜନର ଗର୍ଭବତୀ ମହିଳାଙ୍କର ଲୋଡ଼ା ୩୨୨୫ କାଲୋରି ଏବଂ ସ୍ତନ୍ୟପାନ କରାଉଥିଲେ ୩୪୭୫ କାଲୋରି । ୧୩-୧୫ ବର୍ଷ ବୟସ୍କ ବାଳକ (୪୮ କିଲୋ)ର ଲୋଡ଼ା ୨୪୫୦ କାଲୋରି ଏବଂ ବାଳିକାର (୪୭କିଲୋ) ୨୦୬୦ କାଲୋରି । ସେହିପରି ୧୬-୧୮ ବଷୟ ବୟସ୍କ ବାଳକ (୫୭ କିଲୋ) ୨୦୬୦ କାଲୋରି ।



# ମନସୁନ୍ ଫ୍ୟାଶନ୍

**ବର୍ଷାଦିନିଆ ପୋଷାକ ଋତୁ ଉପଯୋଗୀ ନ ହେଲେ ତାହା ପିନ୍ଧିବାକୁ ଅସହଜ ମନେ ହୁଏ । ତେଣୁ ବର୍ଷାଦିନେ ଫ୍ୟାଶନ୍‌ରେ କିଛିଟା ପରିବର୍ତ୍ତନ ନିଶ୍ଚୟ ଆଣିବା ଦରକାର । ଏହି ଦିନେ ପ୍ୟାଷ୍ଟେଲ୍ କଲର୍ ବଦଳରେ ଗାଢ଼ ରଙ୍ଗ ଟ୍ରେଣ୍ଡ୍‌ରେ ରହେ । ଆପଣ ବର୍ଷାଦିନେ କିଭଳି ପୋଷାକ, ଆକ୍ସେସରିଜ୍ ଏବଂ ରଙ୍ଗ କ୍ୟାରି କରିବେ ଜାଣନ୍ତୁ କିଛି ଟିପ୍ସ ।**





**ଉଜ୍ଜ୍ୱଳ ରଙ୍ଗ ସହିତ ଆକ୍ସେସରିଜ୍:**
ବର୍ଷାଦିନେ ବ୍ରାଇଟ୍ ରଙ୍ଗର ପୋଷାକ ନିଅନ୍ତୁ । ତେବେ ମୋନୋକ୍ରୋମ ପାଟର୍ନ ସବୁଠୁ ଭଲ । ଚେରି, ଫ୍ରେଶ୍ ରେଡ୍, ବ୍ଲଶ୍ ରଙ୍ଗ ସହିତ ଗ୍ରେ, ବ୍ଲୁ ଏବଂ କ୍ରିମି ରଙ୍ଗକୁ ଟିମ୍ କରିପାରିବେ । ୟେଲୋକୁ ପପ୍ ଆଉଟ୍ କଲର୍ ରୂପେ ବ୍ୟବହାର କରିପାରିବେ । ଏହି ରଙ୍ଗକୁ ଉଭୟ ଆଉଟ୍‌ଫିଟ୍ ଏବଂ ଆକ୍ସେସରିଜ୍‌ରେ କ୍ୟାରି କରନ୍ତୁ । ହଁ ଧଳା ରଙ୍ଗକୁ ବର୍ଷାଦିନେ ନା କରନ୍ତୁ ।

**ସର୍ଟ ଆଉଟଫିଟ୍:**
ବର୍ଷାଦିନେ ୱାକ୍ କରିବା ପସନ୍ଦ ଥିଲେ, ସର୍ଟ ଆଉଟଫିଟ୍ କ୍ୟାରି କରନ୍ତୁ । କ୍ରପ୍ ଟପ୍, ସଟସ୍, ସ୍କର୍ଟ ପିନ୍ଧିପାରିବେ । ବର୍ଷାଦିନେ ଷ୍ଟ୍ରିଟ୍ ଫ୍ୟାଶନ କ୍ୟାରି କରିବାକୁ ଭୁଲନ୍ତୁ ନାହିଁ । ଡ୍ର ଷ୍ଟ୍ରିଙ୍ଗ୍ ଡ୍ରେସ୍ ମିଡି ସ୍କର୍ଟ, ମ୍ୟାକ୍ସି ଡ୍ରେସ୍, କମନ ସ୍ଲିଭ୍ ସର୍ଟ ଡ୍ରେସ୍, ର୍ୟାପ୍ସ ପରି ପୋଷାକ ଆପଣଙ୍କ ଅନ୍ୟମାନଙ୍କ ଠାରୁ ଭିନ୍ନ କରିବ ।

**ସିଫନ୍ ଏବଂ ରେୟର:**
ବର୍ଷାଦିନେ ନାଇଲନ୍, ସିଫନ୍, ରେୟର୍ ପୋଷାକ ଟ୍ରେଣ୍ଡ୍‌ରେ ଥାଏ । ସିଫନ୍ ଏବଂ ରେୟର୍ କପଡ଼ା ଓଦା ହେଲେ ଜଲଦି ଶୁଖିଯାଇଥାଏ । ତେଣୁ ବର୍ଷଦିନ ପାଇଁ ଏହି ଫ୍ୟାବ୍ରିକ ସବୁଠାରୁ ଭଲ ହୋଇଥାଏ । ହେଲେ ଏହାକୁ କ୍ୟାରି କରିବା ସମୟରେ ମିକ୍ସ କଟନ୍ ସହିତ କ୍ୟାରି କରିବା ଆବଶ୍ୟକ ।

**ଟାଇଟ୍ ନୁହେଁ, ଢିଲା ଆଉଟଫିଟ୍:**
ପୋଷାକ ଓଦା ହୋଇଗଲେ ଶରୀରରେ ଲାଗିଯାଏ । ତେଣୁ ବର୍ଷାଦିନେ ଟାଇଟ୍ ଫିଟ୍ ପୋଷାକରୁ ବିରତି ନିଅନ୍ତୁ । କଟନ୍, ଖଦି ଏବଂ ସିନ୍ଥେଟିକ୍ ମ୍ୟାଟେରିଆଲ୍‌ର ଢିଲା ପୋଷାକ ପିନ୍ଧିପାରିବେ । ଫୁଲ୍ ସ୍ଲିଭ ସ୍ଥାନରେ ହାଫ୍ ସ୍ଲିଭ୍ ବାଛନ୍ତୁ ।

**ଆରାମଦାୟକ ଏବଂ ପ୍ୟାଶନେବଲ୍:**
ବ୍ଲକ୍ ପ୍ରିଣ୍ଟ, ଭେଜିଟେବଲ୍ ଏବଂ କଟନ୍ ମିକ୍ସ ଲିନେନ୍ କ୍ୟାରି କରନ୍ତୁ । ଏହା ଆରାମଦାୟକ ଏବଂ ଫ୍ୟାଶନେବଲ୍ ହୋଇଥାଏ । ଫ୍ଲୋରାଲ ପ୍ରିଣ୍ଟ ମଧ୍ୟ ଭଲ ମାନିଥାଏ । ପିଙ୍କ୍, ପିସ୍ତା, ଗ୍ରୀନ୍, କୁଲ୍ ବ୍ଲୁ, ସି ଗ୍ରୀନ ରଙ୍ଗର ପୋଷାକ ପିନ୍ଧନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆମ ପରମ୍ପରା...

ସମାଜ ସଂସାର ପାଇଁ...ଭାରତ ଏକ ପ୍ରାଚୀନ ଦେଶ । ତିନିରୁ ଚାରି ହଜାର ବର୍ଷର ସଂସ୍କୃତି ଓ ସଂସ୍କାର ଗଢ଼ି ଉଠିଛି ସମୟର ଆବଶ୍ୟକତା ନେଇ । ନୀତି ଓ ନିୟମ ଗଢ଼ାହୁଏ ସମୟର ଚାହିଦାକୁ ଚାହିଁ । ସମାଜର ପ୍ରଚଳିତ ପ୍ରଥା ଓ ପରମ୍ପରା ପରିବର୍ତ୍ତନ କରାଯାଏ ସମୟର ଚାହିଦାକୁ ଚାହିଁ । ହିନ୍ଦୁମାନଙ୍କ ରୀତିନୀତି ଓ ଧର୍ମନୀତି ମନୁସ୍ମୃତିରେ ଉଲ୍ଲେଖ ରହିଛି । ଏହି ସବୁ ବିଧି ବିଧାନ ଚଳି ଆସିଛି । କିନ୍ତୁ ଏହି ସବୁ ନୀତି ନିୟମ ଯେ ସବୁ କାଳରେ ପ୍ରଯୁଜ୍ୟ ହେବ ଏମିତି କୌଣସି ଦୃଢ଼ ନିୟମ ନାହିଁ । ଜ୍ଞାନ, ବିଜ୍ଞାନ, ପ୍ରଯୁକ୍ତି ଓ ପ୍ରଜ୍ଞାର ବାଟ ଦେଇ ଆମ ଚଳଣିରେ ଅନେକ ପରିବର୍ତ୍ତନ ହୋଇଛି ଏବଂ ଆହୁରି ପରିବର୍ତ୍ତନ ମଧ ହେବ । ପ୍ରଥାଗୁଡ଼ିକୁ ଚିରକାଳରେ ଚଳଣି ପଇଁ ସାଇତି ରଖି ହେବ ନାହିଁ । ଜ୍ଞାନର ଲାଳନ ପାଳନ, ବିଜ୍ଞାନର ପ୍ରାମାଣିକ ବ୍ୟବହାରିକତା, ପ୍ରଯୁକ୍ତି ମଧରେ ଲୁଚି ରହିଥିବା ପରିବର୍ତ୍ତନ ଧାରା ଏବଂ ପ୍ରଜ୍ଞାର ଶୁଦ୍ଧତା ଓ ବୌଦ୍ଧିକ ବିକାଶ ସବୁ ସମୟ ପ୍ରବାହରେ ବଦଳି ବଦଳି ଚାଲିଛି । ଲୋକମାନେ ଏହି ପରିବର୍ତ୍ତନର ପ୍ରତିରୋଧ କରିନାହାନ୍ତି, ବରଂ ଜୀବନକୁ ଅଧିକ କ୍ରିୟାଶୀଳ, ଶୁଦ୍ଧ ଓ ବୁଦ୍ଧ କରିବା ପାଇଁ ଗ୍ରହଣ କରି ନେଇଛନ୍ତି । କିନ୍ତୁ ସମୟ ସହିତ ତାଳ ଦେଇ ଏବଂ ଲୋକଙ୍କ ଚଳଣି ନିର୍ଦ୍ଦିଷ୍ଟ ମାର୍ଗରେ ଘସିମାଜି ହୋଇ ଯେତେବେଳେ ନୂତନ ବିଧାନଗୁଡ଼ିକ ଆହୁରି ଉପଯୁକ୍ତ, ଆହୁରି ସମୟୋଚିତ ଓ ଦରକାରୀ ହୋଇପଡ଼ିଛି, ସେତେବେଳେ ସେସବୁକୁ ପରିବର୍ତ୍ତନ କରାଯାଇଛି । 'ସାବରୀମାଲା' କେରଳର ଏକ ପ୍ରାଚୀନ ତୀର୍ଥ । ସେଇ ତୀର୍ଥ ଦର୍ଶନ କରିବା ପାଇଁ ଶହଶହ ବର୍ଷ ମଧରେ ଲୋକମାନେ ଯେଉଁସବୁ ବିଧିବିଧାନ ମାନି ଆସିଛନ୍ତି ସେସବୁ ଲୋକମାନେ ଗ୍ରହଣ କରିନେଇଛନ୍ତି । ପୁରୁଷମାନଙ୍କ ତୀର୍ଥ ଦର୍ଶନ ଅବାଧ, କିନ୍ତୁ ମହିଳାମାନଙ୍କ ଦର୍ଶନ ପାଇଁ କେତେକ ନିୟମ ରହିଛି । ଦଶ ବର୍ଷରୁ ପଚାଶ ବର୍ଷ ପର୍ଯ୍ୟନ୍ତ ମହିଳା ରଜସ୍ୱଳା ହୁଅନ୍ତି ବୋଲି ସେମାନଙ୍କୁ ଦେବ ଦର୍ଶନ ପାଇଁ ଯିବାକୁ ମନା । କିନ୍ତୁ ସର୍ବୋଚ୍ଚ ଅଦାଲତ ଏଇ ନିଷେଧ ଉଠାଇ ଦେଇ ପୁରୁଷ ପରି ନାରୀମାନଙ୍କୁ ମଧ ସମାନ କ୍ଷମତା ଦେଇଛନ୍ତି । ଏଇ ଖୋଲା ବ୍ୟବସ୍ଥା ବଦଳରେ ଯଦି ଦଶବର୍ଷରୁ ପଚାଶ ବର୍ଷ ମହିଳାମାନଙ୍କୁ ରଜସ୍ୱଳା ସମୟରେ ଦର୍ଶନ ନିଷିଧ କରି ଅନ୍ୟ ସମୟରେ ସେମାନଙ୍କୁ ପୁରୁଷଙ୍କ ପରି ଦର୍ଶନ କରିବା ପାଇଁ କ୍ଷମତା ଦିଆଯାଆନ୍ତା ତେବେ ନାରୀ ଓ ପୁରୁଷ ମଧରେ ସମାନତା ରହନ୍ତା । ଏ ବିଷୟରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କର ରିଭ୍ୟୁପିଟିସନ୍ ଦାଖଲ କରିବା ପାଇଁ ବାଟ ଅଛି । ସେହିପରି ସମଲିଙ୍ଗୀମାନଙ୍କ ବିବାହ କରିବା ପାଇଁ ଅନୁମତି ଦେଲେ ହଜାର ହଜାର ବର୍ଷ ଧରି ସମଲିଙ୍ଗୀମାନେ ମାନି ଆସୁଥିବା ପ୍ରଥା ପରମ୍ପରା ସାମାଜିକ ପରିବର୍ତ୍ତନ ନାମରେ ଅନେକ ଆଶାଳୀନ ଓ ଅଶୁଦ୍ଧ ଅଭ୍ୟାସ ଚଳିଯିବ ସମାଜରେ । ଏଥିରେ ମଧ କିଛି ପରିବର୍ତ୍ତନ କରାଯାଇପାରେ ଯଦି ମାନ୍ୟବର ସର୍ବୋଚ୍ଚ ଅଦାଲତ ଆଉ କିଛି ପରିବର୍ତ୍ତନ କରିବା ପାଇଁ ବାଟ ଖୋଲନ୍ତେ କିନ୍ତୁ ଗୋଟିଏ ବିଷୟ ସତ୍ୟ ଯେ ଦୀର୍ଘ ବର୍ଷ ଧରି ସର୍ବୋଚ୍ଚ ଅଦାଲତ ପ୍ରଚଳିତ ଆଇନଗୁଡ଼ିକୁ ମାନ୍ୟତା ଦେଇ ଆସୁଥିଲେ ମଧ ସମୟର ଚାହିଦାକୁ ଚାହିଁ ଆଚାର ବିଚାରରେ ପରିବର୍ତ୍ତନ ପାଇଁ ମଧ ବାଟ ଫିଟନ୍ତା । ଲୋକଙ୍କ ଚଳଣିରେ ପରିବର୍ତ୍ତନ କରିବା ସହିତ ସେମାନଙ୍କ ମଧରେ ସମାନତା ରହିବାରେ ମାନସିକତା। କୋହଳ କରିବା ମଧ ସମ୍ଭବ ହୁଅନ୍ତା । ମୁସଲମାନମାନଙ୍କ ମଧରେ 'ତଲାକ୍ ତଲାକ୍ ତଲାକ୍' ତିନିଥର ଉଚ୍ଚାରଣ ଦ୍ୱାରା ସ୍ୱାମୀ ସ୍ତ୍ରୀକୁ ଛାଡ଼ପତ୍ର ଦେଇପାରିବ । ଆଇନ ଅନୁସାରେ ସେମାନେ ଏହାର ବିରୋଧ କରୁଛନ୍ତି । କିନ୍ତୁ ଲକ୍ଷାଧିକ ମୁସ୍‌ଲିମ୍ ମହିଳା ସାମାଜିକ ପ୍ରଥା ମାନିନବା ଦ୍ୱାରା ସେମାନଙ୍କ ଜୀବନ ଜଞ୍ଜାଳ ଦୁର୍ଗମ ହେଉଛି । ସୌଭାଗ୍ୟର ବିଷୟରେ ତଲାକ୍ ପ୍ରଥା ଉଠାଇ ଦିଆଯାଇଛି ଏବଂ ନୂତନ ଆଇନ ଚାଲୁ ହୋଇଛି । ହରିୟାନା ଓ ଉତ୍ତରପ୍ରଦେଶ ଅଞ୍ଚଳରେ ସମଗୋତ୍ରୀମାନଙ୍କ ବିବାହ ନିଷେଧ । ଏହି ନିୟମ ନମାନିଲେ ପୁଅ ଝିଅଙ୍କୁ ହତ୍ୟା କରିବା ପରି ହୀନ କାର୍ଯ୍ୟ କରାଯାଉଛି । ଏଥିରୁ ଗୋଟିଏ ନିଷ୍କର୍ଷରେ ଉପନୀତ ହୋଇପାରିବା ଯେ ଯେଉଁ ସବୁ ପ୍ରଥ ପରମ୍ପରା ନାମରେ କେତେକ ପ୍ରଥା ପରମ୍ପରା ଏବେ ବି ଚାଲୁଛି ଯଦ୍ୱାରା ମନ୍ଦ ପରମ୍ପରା ସମାଜକୁ ଶୁଦ୍ଧ ଓ ସକ୍ରିୟ କରିବା ପରିବର୍ତ୍ତେ ଅଶୁଦ୍ଧ କରୁଛି, ଏହାର ପରିବର୍ତ୍ତନ ଲୋଡ଼ା । ମାନ୍ୟବର ସର୍ବୋଚ୍ଚ ଅଦାଲତଙ୍କଦ୍ୱାରା ସମୟକ୍ରମେ ଅନେକ ମନ୍ଦ ପରମ୍ପରା ଓ ପ୍ରଥା ଉଠାଇ ଦିଆଯାଇପାରିବ ।




### ସ୍ୱଚ୍ଛତା.....

ପ୍ରିୟଦର୍ଶିନୀ ମହାପାତ୍ର

ଘର ପଛେ ମୁଁ ଚାରି ଛ ଥର
ସଫା କରେ ବାରମ୍ୱାର
ଅଳିଆକୁ ନେଇ ବାହାରେ ପକାଏ
ଏଭଳି ପ୍ରକୃତି ମୋର...
ମୁଁ ସିନା ଓଳାଏନି..
ଯଦି କେ ପଡ଼ିଶା ଘରର ଓଳାନ୍ତି
ଏଠି ସେଠି ଥିବା ଅଳିଆକୁ
ମୁଁ ଦେଖାଏ ବାରମ୍ୱାର...
ଅଳିଆ ବାଲା ତ ପଇସାକୁ ନିଏ
ଓଳେଇବା ତାର ଧର୍ମ
ମୁଁ କାହିଁ ଓଳାଇ ସହଜ କରିବି
ଅଳିଆ ବାଲାର କାମ
ପଡ଼ିଶା ଘରର ଅଳିଆଟେ ଯଦି
ମୋ ଦୁଆରେ ଆସି ପଡ଼େ
ନ ଫୋପାଡ଼ି ତା ସହ କଳି କରେ
ପାଇଛି ସୁଯୋଗ ଥରେ..

ମୋଦି କହୁଛନ୍ତି ସ୍ୱଚ୍ଛ ଭାରତ
କରିବା ଲକ୍ଷ ତାଙ୍କର
ମୁଁ କିବା ଚାହିଁଲେ ଜଣେ ହେଇଯିବ
କଣ ବା ମିଳୁଛି ମୋର...
ଯେବେ ମୁଁ ଦେଖିଲି ଛୋଟ ପିଲାଟିଏ
ଅଳିଆକୁ ଦରି ତାର
ଡଷ୍ଟବିନ୍‌ରେ ପକାଉଛି ନେଇ
ଘର ହେଉ ବା ବାହାର..
ନିଜକୁ ଧିକାର କରି ମୁଁ ଭାବିଲି
ଆଃ କି ଚିନ୍ତା ମୋହର...
ଭୁଲ ମୁଁ ବୁଝିଲି ଅନୁତାପ କଲି
ଆଉ କଥା ଦେଲି
ଆଜିଠାରୁ ମୁଁ ସ୍ୱଚ୍ଛ ରଖିବି
ଘର ହେଉ କି ବାହାର..

+ ଜୟଦେବ ବିହାର
ପୋଲିସ କଲୋନୀ
ଭୁବନେଶ୍ୱର

## ଫିଟ୍ ରୁହ ନଚେତ୍ ଅବସର ନିଅ

ପ୍ରଦୀପ୍ତ ଆଚାର୍ଯ୍ୟ



ପୋଲିସ୍ ବିଭାଗକୁ କମିଶନରେଟ୍ ପୋଲିସର କଡା ଚେତାବନୀ। ବୟସ ଅନୁସାରେ ଓଜନ ଯାଂଚ ହେବ। ଯଦି ଅଧିକ ତେବେ ଖୁବ୍ ଶୀଘ୍ର ଫିଟ୍ ହେବାକୁ ଚେଷ୍ଟାକର, ନଚେତ ବାର୍ଷିକ ଅଭିବୃଦ୍ଧି ବନ୍ଦ। ଦୀର୍ଘକାଳୀନ ଭିତିରେ ଯଦି ଫିଟ୍ ହୋଇ ନପାରିଲ, ତେବେ ବାଧ୍ୟତାମୂଳକ ଅବସର। ପୋଲିସ୍ ବିଭାଗରେ ଖୁବ୍ ସୁନ୍ଦର ସଂସ୍କାର ମୂଳକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଗୋଟିଏ ପକ୍ଷରେ ବିଭାଗରେ ଶହଶହ ସଂଖ୍ୟାରେ ମଞ୍ଜୁରୀପ୍ରାପ୍ତ ପ୍ରାପ୍ତ ନିୟମିତ ପଦବୀ ପୂରଣ ହୋଇପାରୁନାହିଁ। ଅନ୍ୟ ପକ୍ଷରେ ବିଭାଗରେ ପେଟାମୋଟା ଓଜନଦାର କର୍ମଚାରୀଙ୍କ ସଂଖ୍ୟା କେତେ ତାହା ସମସ୍ତଙ୍କୁ ଅବଗତ। ଆଉ ଓଜନ ଥରେ ବଢିଗଲେ ତାହା କମାଇବା ସମୟସାପେକ୍ଷ ଏବଂ କଷ୍ଟସାଧ୍ୟ ମଧ୍ୟ। ଯଦି ନିୟମ ପ୍ରବର୍ତନ କରି ଚୁପ ରହିଗଲେତ ଭଲ କଥା.ଯଦି ଏହାକୁ କଡାକଡି ଭାବେ ପାଳନ କରାଯାଏ,ତେବେ ଏହା କମ୍ୱଳରୁ ଲୋମ ବାଛିବା ପ୍ରକ୍ରିୟା ସଦୃଶ ହେବ। ପ୍ରକୃତ ପକ୍ଷରେ ପୋଲିସ୍ ଭାଇ ମାନଙ୍କର ମେଦବୃଦ୍ଧି ବା ଓଜନବୃଦ୍ଧି ପାଇଁ ସେମାନଙ୍କୁ ବ୍ୟକ୍ତିଗତ ଭାବରେ ସଂପୂର୍ଣ ଦାୟୀ କରାଯାଇ ପାରିବ ନାହିଁ, ଏଥିପାଇଁ ବିଭାଗୀୟ ବିଧି ବ୍ୟବସ୍ଥା ଏବଂ ପାରିପାର୍ଶ୍ୱିକ ପରିସ୍ଥିତି ମଧ୍ୟ ଅନେକାଂଶରେ ଦାୟୀ। ୧) କଥାରେ ଅଛି ଚାକିରୀ କରିବ ପୋଲିସ୍ ମାଛ ଖାଇବ ଇଲିସି। ଏହାର ଅର୍ଥ ଏହା ଏକ ସମ୍ମାନଜନକ ପଦବୀ। ଏଥିରେ ଖାତିରି ଅଛି ଆଉ ଉପୁରିବି ଅଛି। ଆଇନଶୃଙ୍ଖଳା ରକ୍ଷାକାରୀ ହିସାବରେ, ଜଣେ ପୋଲିସ କର୍ମଚାରୀ ନଚାହିଁଲେ ମଧ୍ୟ,ଆଇନ ଉଲଙ୍ଘନକାରୀ ଅସାମାଜିକ ବ୍ୟକ୍ତିମାନେ,ସେମାନଙ୍କୁ ଲାଂଚ ଗ୍ରହଣ କରିବାପାଇଁ ବାଧ୍ୟ କରିଥାନ୍ତି। ଅପରାଧୀ ଯଦି ଶକ୍ତିଶାଳୀ ବା ରାଜନୈତିକ ବ୍ୟକ୍ତିଙ୍କ ଆଶ୍ରିତ ହୋଇଥାନ୍ତି,ତେବେ ଲାଂଚ ଗ୍ରହଣ ନକଲେ ଜୀବନ ନେଇଯିବାର ଧମକ ମଧ୍ୟଦେଇଥାନ୍ତି। ପୋଲିସ୍ ଭାଇ ତ ରକ୍ତମାଂସଧାରୀ ଜଣେ ସାଧାରଣ ମନୁଷ୍ୟ। ତାର ନିଜର ଜୀବନ ତଥା ପରିବାରର ସୁରକ୍ଷା ନିମନ୍ତେ,ତାର ଅନିଚ୍ଛା ସତ୍ୱେ ମଧ୍ୟ ଲାଂଚ ଗ୍ରହଣ କରିବାକୁ ବାଧ୍ୟ ହୋଇଥାଏ ଯାହାକି ପରବର୍ତୀ ସମୟରେ ତାହା ଅଭ୍ୟାସରେ ପରିଣତ ହୋଇଯାଏ।୨)ଅସାମାଜିକ ଅପରାଧୀ ମାନଙ୍କୁ ଦମନ କରିବା ନିମନ୍ତେ ପୋଲିସର ଶାରୀରିକ ଶକ୍ତି ବା ବଳ ଏକାନ୍ତ ଅପରିହାର୍ଯ୍ୟ। କିନ୍ତୁ ଥରେ ନିଯୁକ୍ତି ପାଇଗଲା ପରେ ଶକ୍ତି ବା କୌଶଳ ବୃଦ୍ଧି ପାଇଁ ବିଭାଗୀୟ ବିଧି ବ୍ୟବସ୍ଥା ଅତ୍ୟନ୍ତ ଗୌଣ।୩) କୌଣସି ସ୍ଥାନରେ ଦଙ୍ଗା ବା ଗଣ୍ଡଗୋଳ ଉପୁଜିଲେ ପୋଲିସ ଗାଡିରେ ସାଇରନ ବଜାଇ ସେ ସ୍ଥାନରେ ପହଂଚେ। ସାଇରନ ଶବ୍ଦରେ ଗଣ୍ଡଗୋଳକାରୀ ସେ ସ୍ଥାନ ପରିତ୍ୟାଗ କରିଥାନ୍ତି। ତେଣୁ ପୋଲିସକୁ ଆଉ ଦୌଡିବାକୁ ପଡେନାହିଁ, କିମ୍ୱା ବଳ ପ୍ରୟୋଗ କରିବାକୁ ପଡେନାହିଁ। ସାଇରନ ଶବ୍ଦ କହେ, ଆମେ ଯାଉଛୁ,ତୁମେ ପଳାଅ। ୪)ସାଧାରଣତଃ ପୋଲିସ୍ କର୍ମଚାରୀଙ୍କ ପଦୋନ୍ନତୀ ହେଲେ,ସେମାନେ ଯେତେଯେତେ ଉଚ୍ଚ ପଦବୀକୁ ଯିବେ,ଶାରୀରିକ କାର୍ଯ୍ୟ ସେତେ ସେତେ କମିଯିବ ଏବଂ ପ୍ରଶାସନିକ ପରିଚାଳନା ମାନସିକ କାର୍ଯ୍ୟ ବୃଦ୍ଧି ହେବ। ଶାରୀରିକ ପରିଶ୍ରମ କମ ହେବା ମେଦ ବୃଦ୍ଧିର ଅନ୍ୟତମ କାରଣ।

ଫିଟ୍ ରୁହ ନଚେତ୍ ଅବସର ନିଅ ନିୟମକୁ ଲାଗୁ କରାଇବା ଏକ ଅତ୍ୟନ୍ତ ଆବଶ୍ୟକୀୟ ତଥା ସର୍ବଗ୍ରହଣୀୟ ପ୍ରସ୍ତାବ। କିନ୍ତୁ ତାପୂର୍ବରୁ ବିଭାଗୀୟ ବିଧି ବ୍ୟବସ୍ଥାରେ କିଛି ସଂସ୍କାରର ଆବଶ୍ୟକତା ରହିଅଛି।

୧) ସର୍ବ ପ୍ରଥମେ ପୋଲିସ୍ ବିଭାଗକୁ ଅପରାଧ ଦମନ ନିମନ୍ତେ ଅଧିକ ପ୍ରଭାବମୁକ୍ତ ସ୍ୱାଧୀନତା ପ୍ରଦାନ କରିଯିବା ଉଚିତ।୨) ସେମାନଙ୍କର ପଦୋନ୍ନତୀ ତଥା ସ୍ଥାନାନ୍ତରକୁ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ଦ୍ୱାରା କରାଯାଇ, ରାଜନୈତିକ ପ୍ରଭାବରୁ ମୁକ୍ତ ରଖାଯାଉ। ୩)ସୈନ୍ୟ ବିଭାଗରେ ନିୟମିତ ବ୍ୟାୟାମ ଅଭ୍ୟାସ ପରି ,ପ୍ରତ୍ୟେକ କାର୍ଯ୍ୟ ଦିବସରେ ପୋଲିସ ମାନଙ୍କର ବ୍ୟାୟାମ ଏବଂ ଶାରୀରିକ କୌଶଳ ପ୍ରୟୋଗର ଅଭ୍ୟାସ ଜାରି ରଖାଯିବା ଉଚିତ୍। ଅପରାଧ ଦମନ ନିମନ୍ତେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଣ ତଥା ସେଗୁଡିକର ବ୍ୟବହାର କୌଶଳ ଶିକ୍ଷା ଦେବାର ବ୍ୟବସ୍ଥା କରାଯିବା ବିଧେୟ।୪)ଅପରାଧୀଙ୍କୁ ଗିରଫ କରିବା ପରେ ସେମାନଙ୍କୁ ଛାଡିଦେବା ପାଇଁ ,ସେମାନଙ୍କ ଉପରେ କୌଣସି ଚାପ ପ୍ରୟୋଗ କରା ଯିବା ଉଚିତ୍‌ନୁହେଁ। ନଚେତ କର୍ମଚାରୀ ମାନଙ୍କ ମନୋବଳ ହ୍ରାସ ହେବା ସଙ୍ଗେ ସଙ୍ଗେ,ଅପରାଧୀ ମାନଙ୍କ ସଂଖ୍ୟା ବୃଦ୍ଧି ହେବାର ଯଥେଷ୍ଟ ସମ୍ଭାବନା ରହିବ।୫)ପୋଲିସ୍ ବିଭାଗରେ ଅନେକ ସଚ୍ଚୋଟ ଏବଂ ଦକ୍ଷ କର୍ମଚାରୀ କାର୍ଯ୍ୟରତ। ସେମାନଙ୍କ ଦକ୍ଷତା ଓ ଅପରାଧ ନିୟନ୍ତ୍ରଣ ସଫଳତାକୁ ବିଚାରକୁ ନେଇ, ସର୍ବ ସମ୍ମୁଖରେ ସେମାନଙ୍କୁ ସ୍ୱତନ୍ତ୍ର ଭାବରେ ପୁରସ୍କୃତ କରାଯାଉ ଏବଂ ଅସାଧୁ ଲାଂଚଖୋର କର୍ମଚାରୀଙ୍କ ପାଇଁ କଠୋର ଦଣ୍ଡର ବ୍ୟବସ୍ଥା କରାଯାଉ।୬) ପୋଲିସ୍‌ଙ୍କୁ ରାଜନୈତିକ ବ୍ୟକ୍ତିଙ୍କ ସୁରକ୍ଷା,ସଭା ସମିତି ପରିଚାଳନାରେ ଅଧିକ ସମୟ ବିନିଯୋଗ କରା ନଯାଇ ,ଜନ ସାଧାରଣଙ୍କ ଧନ ଜୀବନର ସୁରକ୍ଷା ଓ ଅସହାୟଙ୍କୁ ସାହାଯ୍ୟ କରିବା କାର୍ଯ୍ୟରେ ଅଧିକ ବିନିଯୋଗ କରାଯାଇ ସେମାନଙ୍କୁ ମାନସିକ ଅବସାଦରୁ ମୁକ୍ତ କରାଯାଉ।

୭)ବିଭିନ୍ନ ସଭା ସମିତିରେ ପୋଲିସ ଭାଇମାନଙ୍କୁ ଅତିଥି ରୁପେ ନିମନ୍ତ୍ରଣ କରି ସେମାନଙ୍କ ଦ୍ୱାରା ଉତ୍ସବ ଉଦ୍‌ଘାଟନ ପୁର୍ବକ ସେମାନଙ୍କୁ ସମ୍ମାନ ପ୍ରଦର୍ଶନ କରାଯାଉ ଯଦ୍ୱାରା ଜନସାଧାରଣଙ୍କ ନିକଟବର୍ତୀ ହେବାପାଇଁ ପୋଲିସ ବିଭାଗକୁ ଅଧିକ ସୁବିଧା ସୁଯୋଗ ମିଳିବ ଏବଂ ସାଧାରଣ ଲୋକଙ୍କର ପୋଲିସ ପ୍ରତି ଥିବା ନକରାତ୍ମକ ଚିନ୍ତାଧାରାର ପରିବର୍ତନ ହେବ।୮) ପୋଲିସ ମାନେ ଅପରାଧୀଙ୍କ କ୍ଷେତ୍ରରେ ଯେତିକି କଠୋର ଆଚରଣ ପ୍ରଦର୍ଶନ କରିବେ, ନିରୀହ ଶାନ୍ତ ଲୋକଙ୍କ ପ୍ରତି ସେତିକି ଭଦ୍ର ଓ ନମନୀୟ ଆଚରଣ ପ୍ରଦର୍ଶନ କରିବା ଉଚିତ୍। ୯)କର୍ମରତ ପୋଲିସ କର୍ମଚାରୀଙ୍କର ଯଦି କୌଣସି ଅଘଟଣ ଘଟେ,ସେଥିପାଇଁ ସରକାର ସେମାନଙ୍କ ପରିବାରକୁ ମୁକ୍ତ ହସ୍ତରେ ସମସ୍ତ ପ୍ରକାର ସାହାଯ୍ୟ ସହାନୁଭୁତିର ହସ୍ତ ପ୍ରସାରିତ କରିବାର ଆବଶ୍ୟକତା ରହିଅଛି।

ସର୍ବଶେଷରେ ଗୋଟିଏ କଥା କେତେକ ଅସାଧୁ କର୍ମଚାରୀଙ୍କ ପାଇଁ ସମଗ୍ର ବିଭାଗକୁ ଦୋଷାରୋପ କରିବା ଆଦୌ ସ୍ପୃହଣୀୟ ନୁହେଁ। କେବଳ ଦଣ୍ଡ ନୁହେଁ, ପ୍ରୋତ୍ସାହନ ମଧ୍ୟ ଦକ୍ଷତା ବୃଦ୍ଧି ମାନସିକତାର ପରିବର୍ତନରେ ଯଥେଷ୍ଟ ପ୍ରଭାବଶାଳୀ ହୋଇପାରିବ। ସରକାରଙ୍କର ପ୍ରଗାଢ ଅନ୍ତରିକତା,ଜନସାଧାରଣଙ୍କର ଅକୁଣ୍ଠିତ ସହେଯାଗ ତଥା ବିଭାଗୀୟ କର୍ମଚାରୀଙ୍କର ନକରାତ୍ମକ ମାନସିକତାର ପରିବର୍ତନ, ପୋଲିସ ଭିଭାଗରେ ଏକ ଆଖିଦୃଷ୍ଟିଆ ପରବର୍ତନ ଆଣି ରାଜ୍ୟକୁ ଅପରାଧ ମୁକ୍ତ କରାଇପାରିବ ଏହା ନିଃସନ୍ଦେହ।

+ ଇଶାଣିବ୍ରହ୍ମପୁର,କଟକ,ମୋ-୬୩୭୧୫୯୩୨୨୦

## ସ୍ୱାଧିନତା ସଗ୍ରାମର ପିତାମହ- ତିଲକ

ଅକ୍ଷୟ କୁମାର ରାଉତ



ପୂର୍ବପ୍ରକାଶିତ ଉତ୍ତାରୁ....

ଦାଦାସାହେବ ଖାପର୍ଦ୍ଦେ ପ୍ରିଭି କାଉନ୍‌ସିଲରେ ତିଲକଙ୍କ ମୁକ୍ତିପାଇଁ ଆବେଦନ କରିଥିଲେ। ଆବେଦନ ନାମୁର ହୋଇଗଲା। ବର୍ମାର ମାଣ୍ଡାଲେ କେନ୍ଦ୍ର ଜେଲ୍‌ରେ ଦୁଇମହଲା ବିଶିଷ୍ଟ ୨୦ଫୁଟ୍ ଘ ୧୨ଫୁଟକାଠରେ ତିଆରି ଘରେ ରହୁଥିଲେ। ତାଙ୍କ ସାଙ୍ଗରେ ପାଚକ କୁଲକର୍ଣ୍ଣ ରହୁଥିଲେ। କୁଲକର୍ଣ୍ଣ ଅସୁସ୍ଥ ହେଲେ ତିଲକ ତାଙ୍କ ସେବା କରିଥିଲେ। ମାଣ୍ଡାଲେ ଠାରେ ସେ ଜର୍ମାନ ଓ ପାଲୀ ଭାଷା ସାହିତ୍ୟରେ ବିଶେଷ ଅଧ୍ୟୟନ କରିଥିଲେ। ତାଙ୍କର ଗବେଷଣା ମୂଳକ କୃତି 'ଦି ଓରିୟନ' ଥିଲା। ମାଣ୍ଡୋଲେ ଜେଲରେ ଥିବା ସମୟରେ, ୧୯୧୨ ଜୁନ୍ ୭ ରେ ତାଙ୍କ ପତ୍ନୀ ଦୁଇପୁତ୍ର ଓ କନ୍ୟା ସନ୍ତାନ ଛାଡ଼ି ଇହଲୀଳା ତ୍ୟାଗ କଲେ। ଭଣଜା ଧୋଣ୍ଡୋ ଯଥାରୀତି କ୍ରିୟାକର୍ମ କରିଥିଲେ। ପତ୍ନୀଙ୍କ ମୃତ୍ୟୁ ପରେ ତିଳକ ମାନସିକ ଦୁଃଖ ଓ ଯନ୍ତ୍ରଣା ସହି ମାଣ୍ଡାଲେରେ ପଡ଼ିରହିଲେ। ୧୯୧୪ ଜୁନ୍ ୮ ତାରିଖରେ ଜେଲ୍ ଅଧକ୍ଷଙ୍କ ଠାରୁ ତିଳକ ମୁକ୍ତ ହେବାର ସୂଚନା ପାଇଲେ। ଜୁନ୍ ୧୬ ତାରିଖରେ ସେ ନିଜ ବାସସ୍ଥାନ ଗାୟକ ୱାଡ଼ାରେ ରାତି ଦୁଇଟାରେ ପହଂଚିଥିଲେ। ଦେଶଭକ୍ତ ତିଲକଙ୍କ ଘରବାହୁଡ଼ା ଘଟଣା ଭାରତୀୟଙ୍କ ହୃଦୟରେ ଆନନ୍ଦର ଜୁଆର ଖେଳାଇ ଦେଇଥିଲା।

ଦେଶସେବା ସହିତ ମାତୃଭୂମିକୁ ପରାଧୀନତା କବଳରୁ ଉଦ୍ଧାର କରିବାର ଦୃଢ ସଂକଳ୍ପ ତାଙ୍କୁ ମୁକ୍ତ ସଂଗ୍ରାମର ମହାନାୟକ ଭାବରେ ଉଭା କରିଥିଲା। ତିଳକ ପୂର୍ବପରି କ୍ରିୟାଶୀଳ ଓ ଚଳଂଚଳ ହୋଇପଡ଼ିଲେ। ତାଙ୍କର ପ୍ରିୟ ଜାତିୟ ଦଳକୁ ପୁନର୍ଜିବିତ କରିବାକୁ ଲାଗିପଡ଼ିଲେ। ଏଥିରେ ଆନିବେସାନ୍ତ ତାଙ୍କୁ ସାହାଯ୍ୟ କଲେ। ୧୯୧୪ ଅଗଷ୍ଟରେ ପ୍ରଥମ ବିଶ୍ୱଯୁଦ୍ଧରେ ତିଳକ ଗଣତନ୍ତ୍ରର ପ୍ରତିଷ୍ଠା ଓ ଏକଛତ୍ରବାଦୀ ଶାସନର ବିଲୋପ ପାଇଁ ସରକାରକୁ ସମର୍ଥନ ଜଣାଇଲେ। ତିଲକ ନିଜ ସମର୍ଥକମାନଙ୍କୁ ନେଇ ଶ୍ରୀଖାପର୍ଦ୍ଦେଙ୍କ ଅଧକ୍ଷତାରେ 'ହୋମ୍ ରୁଲ୍ ଲିଗ୍' ନାମକ ସମିତି ଗଠନକରି ୧୯୧୬ ଏପ୍ରିଲ ୨୮ରେ ବେଲ ଗାଁଓ ସହରରେ ଏକ ସମାବେଶ ଆୟୋଜନ କରିଥିଲେ। ବିପୁଳ ସଂଖ୍ୟାରେ ସମର୍ଥକମାନେ ସ୍ୱରାଜ ପାଇଁ ସଂଗ୍ରାମ କରିବାକୁ ଆଗେଇ ଆସିଲେ। ଏହି ସମିତିରେ ସଭାପତି ଯୋଶେଫ ବାପଟିଷ୍ଟା ଓ କେଲକାର୍ ଏବଂ ଡ଼ି.ଭି. ଗୋଖଲେ ଦୁଇ ସେକ୍ରେଟାରୀଙ୍କୁ ନେଇ ଅତି ଅଳ୍ପ ସମୟରେ ତାଙ୍କର ଆଦର୍ଶକୁ ସର୍ବ ଭାରତୀୟ ସ୍ତରରେ ବ୍ୟାପକ କରିପାରିଥିଲେ। ପୁନାର ଜିଲ୍ଲାପାଳ 'ହୋମ୍ ରୁଲ୍' ଦ୍ୱାରା ଆତଙ୍କିତ ହୋଇ ତିଲକଙ୍କୁ ଚେତାବନୀ ଓ ଗ୍ୟାରେଣ୍ଟି ମାଗିଲେ। ଓକିଲ ମହମ୍ମଦ ଅଲ୍ଲିଜିନ୍ନାଙ୍କ ମଧମରେ ତିଳକ ହାଇକୋର୍ଟରେ ଅପିଲ କଲେ ଓ ବିଜୟ ହେଲେ। ନେହରୁ ତିଲକଙ୍କୁ ସମର୍ଥନ ଜଣାଇଲେ। ୧୯୧୬ ଡ଼ିସେମ୍ବର ଲକ୍ଷ୍ନୌ ଠାରେ କଂଗ୍ରେସ୍‌ର ବାର୍ଷିକ ଅଧିବେଶନରେ 'ସ୍ୱରାଜ ମୋର ଜନ୍ମଗତ ଅଧିକାର' ସ୍ଲୋଗାନ ଦିଆଗଲା। ବିଭାଜିତ କଂଗ୍ରେସ୍ ଓ ହିନ୍ଦୁ ମୁସଲମାନ ଏକତ୍ରିତ ହୋଇ ସ୍ୱରାଜ ପାଇଁ ଲଢିବାକୁ ସଂକଳ୍ପ ନେଲେ। ଏକତ୍ରିତ କରିବାରେ ମୂଖ୍ୟଭୂମିକା ତିଳକ ଗ୍ରହଣ କରିଥିଲେ ତିଲକ ଜନ୍ମ ଦିନରେ ଏକ ଲକ୍ଷ ଟଙ୍କାର ଥଳିରୁ ଜାତୀୟ କାର୍ଯ୍ୟ ପାଇଁ ବ୍ୟୟ କରିଥିଲେ। ଔପନିବେଶିକ ସ୍ୱାର୍ଥ ଓ ଆଂଶିକ ରାଜନୀତିକ ଅଧିକାର ଦେବା ଉଦେଶ୍ୱରେ ସରକାର ମଣେଟଗୁ ଚେମ୍‌ସଫୋର୍ଡ଼ ଶାସନ ସଂସ୍କାର ୧୯୧୭ ଅଗଷ୍ଟ ୨୦ରେ ଲଣ୍ଡନରେ ଘୋଷଣା ହେଲା। ଶାସନ କୁ ଗତିଶୀଳ କରିବା ଉଦେଶ୍ୟରେ ଭାରତବ୍ୟାପାର ମନ୍ତ୍ରୀ ମଣେଟଗୁ ନଭେମ୍ବର ମାସରେ ଭାରତୀୟ ନେତାମାନଙ୍କ ସହିତ ଆଲୋଚନା କଲେ । ଚେମ୍‌ସ ଫ୍ରୋର୍ଡ଼ ବଡ଼ଲାଟ ଭାବରେ ତିଲକ ଓ ହୋମରୁଲ୍ ଲିଗ୍‌ର ନେତା ମାନଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ୧୯୧୮ ଜୁନ୍ ଶେଷରେ ମଣେଟଗୁ-ଚେମ୍‌ସ ଫୋର୍ଡ଼ ସରକାରୀ ଇସ୍ତାହାର ପ୍ରକାଶିତ ହେଲା, ତିଲକ କହିଥିଲେ ପ୍ରଜାତନ୍ତ୍ର ଶାସିତ ଇଂଲଣ୍ଡ ଯାହାଦେବ, ଆମେ ସ୍ୱୀକାର କରିବା ଏବଂ ଯାହାନଦେବ ସେଥିପାଇଁ ସଂଘର୍ଷ ଜାରି ରଖିବା। ରାଜନୀତରେ ତିଲକଙ୍କ ମର୍ଯ୍ୟାଦା ବହୁଭାବରେ ବଢିଗଲା। ସମ୍ୱାଦପତ୍ରରେ ଭାରତର ମୁକୁଟ ବିହୀନ ସମ୍ରାଟ ଭାବରେ, ତିଲକ ଅଭିହିତ ହୋଇଥିଲେ। ସେ ସର୍ବଦା ଇଂଲଣ୍ଡର ଗଣତନ୍ତ୍ରକୁ ଭାରତରେ ପ୍ରଚଳନ କରାଇବାକୁ ଚାହୁଁଥିଲେ। 'ଇଣ୍ଡିଆନ୍ ଅନ୍‌ରେଷ୍ଟ' ପୁସ୍ତକ ରଚେୟତା ଭେଲେଣ୍ଟାଇନ ଚିରୋଲଙ୍କ ଆପିତିଜନଙ୍କ ଲେଖା ପାଇଁ ତିଲକ ଲଣ୍ଡନ ଯାତ୍ରା କରିଥିଲେ। ଲଣ୍ଡନସ୍ଥ ରାଜାଙ୍କ କୋର୍ଟରେ ମୋକଦ୍ଦମା ଦାୟର ହେଲା। ଚିରୋଲଙ୍କୁ ଇଂରେଜ ସରକାର ସବୁ ସହାୟତା କରିବାରୁ ବିଚାରରେ ଚିରୋଲ ଜୟଲାଭ କଲେ। ପରାଜୟ ସତ୍ୱେ ତିଲକ ଭାରତୀୟ ଜନ ସାଧାରଣଙ୍କ ସମ୍ମାନାସ୍ୱଦ ନେତା ଭାବରେ ସ୍ୱୀକୃତି ପାଇଥିବା ବିଷୟ ମହାତ୍ମା ଗାନ୍ଧି ସ୍ୱୀକାର କରିଥିଲେ। ଇଂଲଣ୍ଡରେ ଏକ ବର୍ଷରହି ତିଲକ ଭାରତର ସ୍ୱରାଜ ପାଇଁ ଲଢେଇ ଜାରିରଖିଲେ। ଆମେରିକା ରଷ୍ଟ୍ରପତି ଉଇଲସନ ଗଣତନ୍ତ୍ର, ବ୍ୟକ୍ତି ସ୍ୱାଧୀନତା ଓ ପରାଧୀନ ଜାତି ପାଇଁ ସ୍ୱରାଜ ଦେବା ସପକ୍ଷରେ ଚଉଦ ଦଫା ଘୋଷଣାପତ୍ର ପ୍ରକାଶ କଲେ। ଇଂଲଣ୍ଡ ଉପରେ ଏହାର ପ୍ରଭାବ ପଡ଼ିଲା। ସରକାର ତିଲକ ଉପରେ ଥିବା ରାଜନୀତିକ କଟକଣା ହଟାଇଦେଲେ। ୧୯୧୯ ଫେବୃୟାରୀ ୨୫ ରେତିଲକ 'କେକସ୍‌ଟନ୍ ହଲ୍' ରେ ଭାଷଣଦେଇ କହିଥିଲେ- ଭାରତ ପାଇଁ ସ୍ୱାଧୀନତାର ସ୍ୱାଦ ପାଇବା ସମୟ ଏବେ ଆଗତପ୍ରାୟ। ଜାତୀୟ କଂଗ୍ରେସର ସାପ୍ତାହିକ 'ଇଣ୍ଡିଆ' ର ସଂପାଦକ ହେନରୀ ପୋଲକ ଭାରତ ବିରୋଧୀ ଲେଖାମାନ ପ୍ରକାଶ କରୁଥିବାରୁ ତିଳକ ପ୍ରତିବାଦ କଲେ। ପୋଲକ ସ୍ଥାନରେ ଏନ.ସି.କେଲକାରଙ୍କୁ ସଂପାଦକ ନିଯୁକ୍ତ କରିଥିଲେ ବ୍ରିଟିଶ-ଇଣ୍ଡିଆ କମିଟି।

ଅମୃତସର ଅଧିବେଶନରେ ଗାନ୍ଧିଜୀ ଓ ତିଲକ ମଧରେ ହୋଇଥିବା ଆଲୋଚନା ଅତି ଗୁରୁତ୍ୟପୂର୍ଣ୍ଣଥିଲା। ତିଳକଙ୍କ ଆଦର୍ଶ ଭଗବାନ ଶ୍ରୀକୃଷ୍ଣ ଓ ଗାନ୍ଧିଜୀଙ୍କ ଆଦର୍ଶ ବୁଦ୍ଧ ଓ ଯୀଶୁଖ୍ରୀଷ୍ଟ । ତିଲକ ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ, ଗାନ୍ଧୀଜି ଥିଲେ ତପସ୍ୱୀ ସାଧକ। ଉଭୟଙ୍କ ଶ୍ରଦ୍ଧା,ମମତା ଓ ପ୍ରେମ ଥିଲା ଭାରତମାତା ପ୍ରତି। ମେଲେରିଆ ଓ ନିମୋନିଆରେ ଆକ୍ରାନ୍ତ ହୋଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାସେନାପତି ୧୯୨୦ ମସିହା ଜୁଲାଇ ୩୧ ତାରିଖ ମଧରାତ୍ରି ୧୨ଟା ୪୦ମିନିଟ୍‌ରେ ଶେଷନିଃଶ୍ୱାସ ତ୍ୟାଗ କରିଲେ। ଭାରତର ବରପୁତ୍ର ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଲକଙ୍କୁ ମହାତ୍ମା ଗାନ୍ଧି, ସୌକତ ଅଲ୍ଲୀ, ଡ଼ଃ କିଚୁଲୁ ନେହୁରୁ ଆଦି ନେତାମାନେ କାନ୍ଧରେ ବୟେ ଚୌପାଠୀ ଶ୍ମଶାନ ଅଭିମୁଖେନେଲେ। ଚନ୍ଦନ କାଠର ଚିତାରେ ସଂଗ୍ରାମୀ ବୀରଙ୍କ ଦାହ ସଂସ୍କାର ହେଲା। ସାରା ଭାରତ ପାଇଁ ଅଗଷ୍ଟ ୧ ଥିଲା ଏକ ଦୁଃଖାତ୍ମକ ଦିବସ। ତିଲକ ଥିଲେ ନବଭାରତର ନିର୍ମାତା। ସେ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପିତାମହ। ଭାରତର ଗୌରବମୟ ଅତୀତର ପ୍ରତୀକ, ସଂସ୍କୃତିର ପୁରୋଧା, ସ୍ୱାଧୀନତାର ନେତୃ ପୁରୁଷ ଓ ସ୍ୱାଧୀନତାର ପଥପ୍ରଦର୍ଶକ ଭାବରେ ଚିରସ୍ମରଣୀୟ। (ସମାପ୍ତ)

+ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି
ପାରାଦ୍ୱୀପ ଗଡ଼, କୁଜଙ୍ଗ , ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

## ଲୁଣର ପ୍ରୟୋଗ




ପାଣିପାଗର ପରିବର୍ତ୍ତନ ଯୋଗୁଁ ବ୍ୟାକ୍ଟେରିଆମାନେ ସକ୍ରିୟ ହୋଇଯାନ୍ତି । ତେଣୁ ଥଣ୍ଡା ଓ ଗରମ ପାଗ ହେଲେ ଜ୍ୱର ହେବା ତ ସାଧାରଣ କଥା । କେତେବେଳେ ଡେଙ୍ଗୁ, ଭାଇରାଲ ଫିଭର ହେବାର ଆଶଙ୍କା ଥାଏ । ସବୁ ପ୍ରକାରର ଜ୍ୱର ପାଇଁ ଔଷଧ ହେଲା ଲୁଣ । ଏହାକୁ ଗରମ କରି ବ୍ୟବହାର କରିଲେ ଉପକାର ମିଳିଥାଏ । ଏହି ଲୁଣର ପ୍ରୟୋଗରେ କୌଣସି ପ୍ରକାରର ଜ୍ୱର ପାଇଁ ଲାଭ ମିଳିଥାଏ ।

ପ୍ରଣାଳୀ:- ଖାଇବା ଲୁଣକୁ କଡ଼େଇରେ ଧୀମା ଆଞ୍ଚରେ କଫି ରଙ୍ଗ ହେବା ପର୍ଯ୍ୟନ୍ତ ଗରମ କରନ୍ତୁ । ଏହା ପରେ ଏହାକୁ ଥଣ୍ଡା କରି ଡବାରେ ରଖନ୍ତୁ । ଜ୍ୱର ଆସିବା ପୂର୍ବରୁ ଗରମ ପାଣିରେ ଏକ ଚାମଚ ଲୁଣ ମିଶାଇ ପିଅନ୍ତୁ । ଏହି ପରିଭାବରେ ଦୁଇରୁ ତିନି ଗ୍ଲାସ ପାଣି ପିଇଲେ ଜ୍ୱର ହେବ ନାହିଁ । ଏହାକୁ ଖାଲି ପେଟରେ ପିଇବା ଉଚିତ । ପାଣି ପିଇବା ପରେ କିଛି ଖାଇବା ଉଚିତ ନୁହେଁ ଓ ଧ୍ୟାନ ରଖିବେ ଏହି ସମୟରେ ରୋଗୀକୁ ଯେପରି ଥଇଣ୍ଡା ନହୁଏ । ଯଦି ରୋଗୀକୁ ଶୋଷ ଲାଗେ ତେବେ ଫୁଟା ପାଣି ଥଣ୍ଡା କରିଦିଅନ୍ତୁ ।

## ପକ୍ଷାଘାତ





ଯଦି ଅଚାନକ ମସ୍ତିଷ୍କର  କୌଣସି ଅଂଶରେ ରକ୍ତର ପ୍ରବାହ ବନ୍ଦ ହୋଇଯାଏ ବା ମସ୍ତିକେର କୌଣସି ରକ୍ତ ବାହିକା ଫାଟିଯାଏ ଓ ମସ୍ତିଷ୍କର କୋଶିକାଗୁଡ଼ିକ ପାର୍ଶ୍ୱରେ ରକ୍ତ ଭରିଯାଏ ତେବେ ଏହା ପକ୍ଷାଘାତ ହୋଇଛି ବୋଲି ଜାଣା ପଡ଼ିଥାଏ । ପକ୍ଷାଘାତରେ ସାଧାରଣତଃ ଶରୀରରେ କୌଣସି ଭାଗକୁ ଅଚଳ କରିଦେଇଥାଏ । କେବଳ ଚେହେରା, ଗୋଟେ ହାତ, ଗୋଟେ ଗୋଡ଼ ବା ଶରୀରକୁ ଦୁର୍ବଳ କରିଦିଏ । ମସ୍ତିଷ୍କରେ ଅପର୍ଯ୍ୟାପ୍ତ ରକ୍ତ ଆପୂର୍ତ୍ତି ସ୍ଥିତିରେ ମସ୍ତିଷ୍କରେ  ଅପର୍ଯ୍ୟାପ୍ତ ରକ୍ତ ଆପୂର୍ତ୍ତି ସ୍ଥିତିରେ ମସ୍ତିଷଶ୍କର କୋଶିକାଗୁଡ଼ିକରେ ଅକ୍ସିଜେନ ଓ ପୋଷଣର ଅଭାବକୁ  ସ୍ଥାନିକାରକ୍ତତା କୁହାଯାଏ । ଏହୀ କାରଣରୁ ମସ୍ତିଷ୍କର କୋଶିକା ମୃତ ହୋଇଯାଏ ଓ ଅନ୍ତତଃ କ୍ଷତିଗ୍ରସ୍ତ ମସ୍ତିଷ୍କରେ ତରଳ ଯୁକ୍ତ ଗୁହିକା ତାହାର ସ୍ଥାନ ନେଇଥାଏ । ଯେଉଁ ବ୍ୟକ୍ତିର ମସ୍ତିଷ୍କର ବାମ ଗୋଲାର୍ଦ୍ଧ ଡାହାଣ ପାର୍ଶ୍ୱକୁ ପାରାଲିସିସ ହୁଏ । ଯେଉଁ  ବ୍ୟକ୍ତିଙ୍କର ଡାହାଣ ହେମିସ୍ଫିୟରରେ ଆଘାତ ଲାଗେ ତାର ବାମ ଅଙ୍ଗ ଅର୍ଦ୍ଧାଙ୍ଗର ଶିକାର ହୁଏ । ମସ୍ତିଷ୍କରେ ରକ୍ତପ୍ରବାହ ବାଧିତ ହେଲେ ମସ୍ତିଷ୍କର କିଛି କୋଶିକା ତୁରନ୍ତ ମୃତ ହେଂାଇଯାନ୍ତି ଓ ଅବଶିଷ୍ଟ କୋଶିକାଙ୍କର ମୃତ ହେବାର ଆଶଙ୍କା ବୃଦ୍ଧି ପାଇଥାଏ । ସଠିକ୍ ସମୟରେ ଔଷଧ ସେବନ ଦ୍ୱାରା କ୍ଷତିଗ୍ରସ୍ତ କୋଶିକାମାନଙ୍କୁ ଜୀବିତ ରଖାଯାଇପାରିବ । ଅଧ୍ୟନରୁ ଜଣାପଡ଼ିଛି ଯେ ଆଘାତ ଲାଗିବାର ତିନି ଘଣ୍ଟା ମଧ୍ୟରେ ରକ୍ତ ଜମାଟକୁ ତରଳେଇବାର ଟିସ୍ୟୁ ପ୍ଲାଜମନୋଜେନ ଏକ୍ଟିଭେଟର ଦେଇ ଏହି କୋଶିକାରେ ରକ୍ତ ପ୍ରବାହ କରାଯାଇ ପାରିବ । ପ୍ରାରମ୍ଭିକ ଆକ୍ରମଣ ପରେ ହୋଇଥିବା କ୍ଷତିକୁ ବନ୍ଦ କରିବା ପାଇଁ ବହୁତ ପ୍ରକାରର ନ୍ୟୁରୋ ପ୍ରୋଟେକଟିଭ ମେଡିସିନ ଉପରେ ପରୀକ୍ଷଣ ଚାଲିଛି ଲୋକମାନେ ପକ୍ଷାଘାତକୁ ବ୍ରେନ ଷ୍ଟ୍ରୋକ୍ ଭାବରେ ନେବା ଓ ତୁରନ୍ତ ଚିକିତ୍ସା କରିବା ଉଚିତ୍ ।

## ସ୍ମାର୍ଟ ଡଷ୍ଟବିନ୍



ଚୀନର  ପ୍ରସିଦ୍ଧ ଇଲେକ୍ଟ୍ରୋନିକ୍ସ କମ୍ପାନି ଜିଓମି ଦ୍ୱାରା 'ସ୍ମାର୍ଟ ଡଷ୍ଟବିନ ବା ଅଳିଆକୁଣ୍ଡ' ବିକଶିତ ହୋଇଛି । ଏହା ସ୍ୱୟଂଚାଳିତ ଏବଂ ଅତି ଶକ୍ତିଶାଳୀ ସେନସର ଦ୍ୱାରା ପରିଚାଳିତ । ଢ଼ଶଙ୍କୁଣି ବାୟୁନିରୋଧୀ ହୋଇଥିବାରୁ ପରିବେଶ ଦୁର୍ଗନ୍ଧ ହେବାର ସମ୍ଭାବନା ନାହିଁ । ଅଳିଆକୁଣ୍ଡ ଠାରୁ ପଞ୍ଚତିରିଶ ସେଣ୍ଟିମିଟର ଦୂରତା ପର୍ଯ୍ୟନ୍ତ ମଣିଷର ହାତ କିମ୍ବା କୌଣସି ସାମଗ୍ରୀ ସେନସର ଦ୍ୱାରା ଚିହ୍ନଟ ହୁଏ ଏବଂ ଢ଼ାଙ୍କୁଣି ଆପେ ଖୋଲିଯାଏ । ଅଳିଆ ପକାଇବା ସହଜ । ସ୍ମାର୍ଟ ଅଳିଆକୁଣ୍ଡର ଉଚ୍ଚତା ଚାଳିଶ ସେଣ୍ଟିମିଟର, ଓଜନ ସାଢ଼େ ତିନି କିଲୋଗ୍ରାମ । ପ୍ରାୟ ପନ୍ଦର କିଲୋଗ୍ରାମ ଓଜନର ଅଳିଆ ଧରିରଖିବାକୁ ଏହା ସକ୍ଷମ । ଅଳିଆ ମୁଣା ପୂରିଯିବା ପରେ, ତାହା ଆପେ ବନ୍ଦ ହୋଇଯାଏ ।

## ରହସ୍ୟମୟ ବରଫ



ଜାପାନର ପାଶ୍ୱବର୍ତ୍ତୀ ସମୁଦ୍ରର ମିଥେନ ଗ୍ୟାସ ଜମା ହୋଇଛି ଯାହା ବରଫର ଆବରଣରେ ଫସି ରହିଛି । କିଛି ସ୍ଥାନରେ ଏହି ଭଣ୍ଡାରର ଉପରେ ଜମା ହୋଇଥିବା ଆବରଣ ହଟିଯାଇଛି । ଯାହା ଦ୍ୱାରା ଏହି ଧଳା ବରଫର କିଛି ଅଂଶ ସମୁଦ୍ର ଉପରକୁ ଆସିଯାଇଛି । ଏହା ଦେଖିବାକୁ ବରଫ  ଖଣ୍ଡ ଭଳି । ଏହାକୁ ହାତରେ ଧରିଲେ ଥଣ୍ଡା ଅନୁଭବ ହେଉଛି । କିନ୍ତୁ ଯଦି ଏହାକୁ ଅଗ୍ନି ସଂଯୋଗ କରାଯାଏ ତେବେ ଏହା ମିଳେଇବାକୁ ଆରମ୍ଭ କରେ । ସମୁଦ୍ର ତଳୁ ବାହାରିବା ପରେ ଏହି ମିଥେନକୁ ଇନ୍ଧନ ରୂପରେ ବ୍ୟବହାର କରିବା ପାଇଁ ବଡ଼ ବଡ଼ ଅନ୍ତରାଷ୍ଟ୍ରୀୟ ପରୀକ୍ଷା ଟିମ ଓ କମ୍ପାନୀମାନେ ଲାଗିଛନ୍ତି । ଯଦି ସବୁକିଛି ଯୋଜନା ମୁତାବକ ହେବ ତେବେ ଆସନ୍ତା ଦାକ ଶେଷ ହେବା ପୂର୍ବରୁ ଏହି ଜଳୁଥିବା ବରଫକୁ ବାହାର କରିବାର କାର୍ଯ୍ୟ ଆରମ୍ଭ ହେବାର ସମ୍ଭାବନା ରହିଛି । କିନ୍ତୁ ଏ ପର୍ଯ୍ୟନ୍ତ ଯାହା ସବୁ ଘଟିଛି ତାହା ଏତେ ସହଜ ନୁହେଁ । ମିଥେନ ହାଇଡ୍ରେଡ ଇନ୍ଧନର ମୁଖ୍ୟ ସ୍ରୋତ ହୋଇପାରେ । ଏଥିରେ କାର୍ବନର ସମ୍ପୂର୍ଣ୍ଣ ମାତ୍ରା ଅନ୍ୟ ଜୀବାଶ୍ମ ଇନ୍ଧନ ର ତିନି ଭାଗରୁ ଏକ ଭାଗ । ମିଥେନ ହାଇଡ୍ରେଡ ଚାପ ଓ ତାପମାନ ପ୍ରତି ଏତେ ସମ୍ବେଦନଶୀଳ ଯୌ ସାମାନ୍ୟ ଭାବରେ ଏହାକୁ ଖୋଳି ବାହାର କରି ପୃଥିବୀକୁ ଆଣିବା ସମ୍ଭବ ନୁହେଁ। ଏହା ସମୁଦ୍ର ତଳେ କେତେ ମିଟର ତଳେ ତିଆରି ହେଉଛି । ସେଠାରେ ପୃଥିବୀ ତୁଳନାରେ ଚାପ ଅଧିକ ଥାଏ ଓ ତାପମାନ ଶୂନ୍ୟ ଡିଗ୍ରୀ ସେଲସିୟସ ପାଖାପାଖି ରହେ । ସାମାନ୍ୟ ପରିସ୍ଥିତିରେ ବାହାରକୁ ଆଣିବା ପରେ ବରଫ ଭାଙ୍ଗିଯାଉଛି ଓ ବ୍ୟବହାର ପୂର୍ବରୁ ମିଥେନ ବାହାରକୁ ଆସିଯାଉଛି ।

## ଉପକାରୀ ଅଖରୋଟ

ସପ୍ତାହରେ ଥରେ ଦୁଇଥର ଅଖରୋଟ୍ ଖାଇବା ଫଳରେ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପଡ଼ିଥାଏ ବୋଲି ଜର୍ଣ୍ଣାଲ୍ ଅଫ୍ ନ୍ୟୁଟ୍ରିସନ ପକ୍ଷରୁ ହୋଇଥିବା ସ୍ୱାସ୍ଥ୍ୟ ସମୀକ୍ଷାରୁ ଜଣାପଡ଼ିଛି । ବୟସ ବଢ଼ିବା କାରଣରୁ ଶରୀରରେ ହେଉଥିବା ଶକ୍ତି ହ୍ରାସ ପ୍ରକ୍ରିୟାକୁ ଏହା କମ କରିବାରେ ସକ୍ଷମ ହୋଇଥାଏ । ସମୀକ୍ଷାରୁ ଜଣାପଡ଼ିଛି ଯେ ଆବଶ୍ୟକ ମୁତାବକ ସାଧାରଣ ଖାଦ୍ୟ ପରିବର୍ତ୍ତେ ସ୍ୱାସ୍ଥ୍ୟ ପକ୍ଷରେ ଉପକାରୀ ଖାଦ୍ୟ ଶରୀରକୁ ଦୁର୍ବଳ ତଥା ଶକ୍ତିହୀନ କରିବାକରୁ ରୋକିଥାଏ । ସେହି ଖାଦ୍ୟର ଗୁଣବତ୍ତା ଉତ୍ତମ ରହିଲେ ଆକସ୍ମିକ ଶାରୀରିକ ଅସୁବିଧାରୁ ଏହା ରକ୍ଷା କରିଥାଏ ।  ଏଥିରେ ଆହୁରି ମଧ୍ୟ  କୁହାଯାଇଛି ଯେ ଖାଦ୍ୟରେ କମଳା, କମଳା ଜୁସ, ସେଓ, ସହିତ ଅଥରୋଟ୍ ଭଳି ସମାଗ୍ରୀ ବ୍ୟବହାର ଦ୍ୱାରା ଏହା ଶରୀର ପାଇଁ ଲାଭ କାରୀ ହୋଇଥାଏ ।



## ଦୁଇମୁଣ୍ଡ , ଚାରି ଆଖିଥିବା ସାପ



ଆମେରିକାର ନ୍ୟୁଜର୍ସି ସ୍ଥିତ ପରିବେଶବିତ ମାନେ ଏକ ଦୁଇମୁଣ୍ଡ ଥିବା ସାପକୁ ଖୋଜି କାଢ଼ିଛନ୍ତି । ଦୁଇଜଣ ବ୍ୟକ୍ତି ଏହି ସାପକୁ ଜଙ୍ଗଲରୁ ଧରିଥିଲାବେଳେ ତାହାର ଚାରୋଟି ଆଖି ଥିଲା । ଡେବ ନାମକ ବ୍ୟକ୍ତି ଏହି ସାପକୁ ଧରିଥିଲା ବେଳେ ସାପର ନାଁ ରଖାଯାଇଛି ଡବଲ ଡେବ । ସାପର ଚେହେରା ଅନ୍ୟ ସାପ ଭଳି ରହିଥିଲେ ମଧ୍ୟ ଦୁଇମୁଣ୍ଡ ଏବଂ ଚାରି ଆଖି ସହ ତାହାର ଦୁଇଟି ପାଟି ରହିଛି । ପରିବେଶ ବିତଙ୍କ କହିବା ଅନୁସାରେ ଏହି ବିରଳ ସାପନ ଜଙ୍ଗଲରେ ରହିବା ସମ୍ଭବ ନୁହେଁ, ତେଣୁ ସେମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବା ଦରକାର । ଦୁଇଟି ମୁଣ୍ଡ କାରଣରୁ ଏମାନେ ଅତି ଧିରେ ଚାଲିବାକୁ ବାଧ ହୋଇଥିବାରୁ ସହଜରେ ଅନ୍ୟମାନଙ୍କର ଶିକାର ହୋଇଥାନ୍ତି । ତେଣୁ ଏହି ସାପ ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ।

## ସୁପରଫାଷ୍ଟ କ୍ୱାଣ୍ଟମ୍ କମ୍ପ୍ୟୁଟର



କ୍ୱାଣ୍ଟମ କମ୍ପ୍ୟୁଟିଙ୍ଗ କ୍ଷେତ୍ରରେ ଅଷ୍ଟ୍ରେଲିଆର ବୈଜ୍ଞାନିକମାନଙ୍କ ଏକ ଟିମକୁ ବଡ଼ ଉପଲବ୍ଧି ହାସଲ ହୋଇଛି । ଏହି ବୈଜ୍ଞାନିକମାନେ କ୍ୱାଣ୍ଟମ୍ କମ୍ପ୍ୟୁଟରର ସେଣ୍ଟ୍ରାଲ ବିଲଡିଙ୍ଗର ସୁପରଫାଷ୍ଟ ଭର୍ସନର ନିର୍ମାଣ କରିଛନ୍ତି । ଏହି କମ୍ପ୍ୟୁଟର କୌଣସି ପ୍ରକାରର ସମସ୍ୟାର ସମାଧାନ ୩୦୦ ଗୁଣ ଶୀଘ୍ର କରିପାରିବ । ଏହି କମ୍ପ୍ୟୁଟର କୌଣସି ପ୍ରକାରର ସମସ୍ୟାର ସମାଧାନ ୩୦୦ ଗୁଣ ଶୀଘ୍ର କରିପାରିବ । ଏହି କମ୍ପ୍ୟୁଟରର ବ୍ୟବହାର ଭୌତିକ ରୂପରେ ଲାଗୁ କରାଯାଇ ପାରିବ । ବିଶେଷଜ୍ଞମାନଙ୍କ କହିବା ଅନୁସାରେ ଅଧିକରୁ ଅଧିକ କ୍ୱାଣ୍ଟମ୍ କମ୍ପ୍ୟୁଟର କସମୋ ଦ୍ୱାରା ସମ୍ବନ୍ଧିତ ରହସ୍ୟକୁ ସମାଧାନ କରିବାରେ ବୈଜ୍ଞାନିକମାନଙ୍କୁ ସାହାଯ୍ୟ କରିବାରେ । ଏହି ଗଣନାର ସାହାଯ୍ୟରେ ଦୁନିଆର ଉତ୍ପତ୍ତିର ରହସ୍ୟକୁ ନେଇ ଅନ୍ୟ ଗ୍ରହରେ ଜୀବନ ସଞ୍ଚାର ହୋଇପାରିବ । ଏହି ଅନୁସନ୍ଧାନ ରିପୋର୍ଟ 'ନେଚର ଜର୍ଣ୍ଣାଲ'ରେ ପ୍ରକାଶିତ ହୋଇଛି ।

## ସକାଳୁ ଉଠି ନିଜ ହାତ ଦର୍ଶନ କରନ୍ତୁ



ସବୁଦିନ ସକାଳୁ ଉଠି ପ୍ରଥମେ ନିଜର ଦୁଇ ହାତ ପାପୁଲିକୁ ଏକାଠି ଯୋଡ଼ି ଦର୍ଶନ କରନ୍ତୁ । ଏହା ଦ୍ୱାରା ଆମକୁ ତିନି ଦୈବୀ ଶକ୍ତି ଦର୍ଶନର ପୂଣ୍ୟ ମିଳିଥାଏ । ହାତର ଆଙ୍ଗୁଳିରେ ମା' ଲକ୍ଷ୍ମୀ, ମଧ ଭାଗରେ ସରସ୍ୱତୀ, ଏବଂ ନିମ୍ନ ଭାଗରେ ନାରାୟଣ ଅର୍ଥାତ୍ ବିଷ୍ଣୁ ନିବାସ କରିଥାନ୍ତି ବୋଲି ମୁନି ଋଷିମାନେ କହିଛନ୍ତି। ସକାଳେ ନିଜ ହାତ ଦର୍ଶନ କରିବା ଦ୍ୱାରା ପରମାତ୍ମାଙ୍କଠାରୁ ନିଜ କର୍ମର ପବିତ୍ରତା ଏବଂ ଶକ୍ତିର କାମନା କରିଥାଉ । ସଂସାରର ସମସ୍ତ ବେହଭବ, ଶିକ୍ଷା, ପରାକ୍ରମ ଆମ ହାତ ଜରିଆରେ ମିଳିଥାଏ । କୁହାଯାଏ ଦିନର ପ୍ରାରମ୍ଭ ଭଲ ହେଲେ ଦିନ ଯାକ ଭଲରେ କଟିଥାଏ । ଶାସ୍ତ୍ରାନୁସାରେ ବିଛଣା ଛାଡ଼ିବା ପରେ ପ୍ରଥମେ ନିଜ ହାତ ଦେଖନ୍ତୁ ତେବେ ସମସ୍ତେ ଭାବୁଥିବେ ହାତ ଦେଖିଲେ କଣ ହେବ ମନେ ରଖିବା ଉଚିତ ହାତ ହିଁ ସମସ୍ତ କର୍ମ କରିବା ସହିତ ଆମ ଭାଗ୍ୟକୁ ବଦଳାଇବାର କ୍ଷମତା ରଖିଛି । ପାପୁଲି ହାତରେ ଥିବା ତିନି ପ୍ରକାର ଦୈବୀ ଶକ୍ତି ସକାଳୁ ଦର୍ଶନ କରିବା ଦ୍ୱାରା ଆମ ମନରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ । ତେବେ ନିମ୍ନକ୍ତେ ନିୟମ ଅବଲମ୍ବନ କଲେ ଅଧିକ ସୁଫଳ ମିଳିଥାଏ । ତାହା ହେଉଛି- ବିଛଣାରୁ ଉଠିବା ପରେ ନିଜ ପାଦ ଭୂମିରେ ନରଖି ହାତ ସାହାଯ୍ୟରେ ଭୂମିକୁ ସ୍ପର୍ଶ କରି ନିଜ ମଥାରେ ଲଗାନ୍ତୁ । କାରଣ ଧରଣୀକୁ ମା' ସମାନ ତୁଳନା କରାଯାଏ । ଏଭଳି କରିବା ଦ୍ୱାରା ଆମ ମନରେ ଉର୍ଜାର ସଞ୍ଚାର ହେବା ସହ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ ।

## ୨୦୨୧ରେ ନାସାର ଶୁକ୍ର ଅଭିଯାନ

ଆମେରିକାର ଜାତୀୟ ମହାକାଶ ଗବେଷଣା କେନ୍ଦ୍ର ପକ୍ଷରୁ ଶୁକ୍ର ଗ୍ରହ ଅଭିଯାନ ପାଇଁ ଏକ ପ୍ରକଳ୍ପ ତିଆରି କରାଯାଇଛି । ପ୍ରକଳ୍ପଟି ଗୋଟିଏ ବିମାନ ଆକୃତିର । ୨୦୨୧ରେ ମହାକାଶ ଯାନ ଦ୍ୱାରା ଶୁକ୍ର ଗ୍ରହକୁ ଏହାକୁ ଉତକ୍ଷେପଣ କରାଯିବ । ସ୍ୱୟଂଚାଳିତ ପଦ୍ଧତିରେ ବାୟୁ ଦ୍ୱାରା ବିମାନଟି ଅନ୍ତରୀକ୍ଷରେ ଫୁଲିଉଠିବ । ଏହା ସୌର ଶକ୍ତିକୁ ଇନ୍ଧନ ଭାବେ ବ୍ୟବହାର କରିଘଣ୍ଟା ପ୍ରତି ୨୨୦ କିଲୋମିଟର ବେଗରେ ଶୁକ୍ର ଗ୍ରହକୁ ପ୍ରଦକ୍ଷିଣ କରିବା ଅତି ଉଚ୍ଚ ତାପମାତ୍ରାରେମଧ୍ୟ ଏହି ବିମାନର କୌଣସି କ୍ଷତି ଘଟିବ ନାହିଁ । ଶୁକ୍ର ଗ୍ରହର ବାୟୁମଣ୍ଡଳର ସ୍ଥିତି ସମ୍ପର୍କରେ ବିମାନଟି ଫଟୋ ଓ ତଥ୍ୟ ପ୍ରେରଣ କରିବ ।

## ଚନ୍ଦ୍ରରେ ମୂଲ୍ୟବାନ ଧାତୁର ସନ୍ଧାନ

ପୃଥିବୀ ଓ ଚନ୍ଦ୍ରରେ ମୂଲ୍ୟବାନ ଧାତୁର ସନ୍ଧାନକୁ ନେଇ ହୋଇଥିବା ଏକ ଅଧ୍ୟନ ଅନୁସାରେ ପୃଥିବୀର ଏକମାତ୍ର ଉପଗ୍ରହ ଗର୍ଭରେ ମୂଲ୍ୟବାନ ଧାତୁର ବଡ଼ ଭଣ୍ଡାର ଥିବାର ଅନୁମାନ କରାଯାଉଛି । ଏକ ଅଧ୍ୟନରେ ଚନ୍ଦ୍ରରେ ଥିବା ଜ୍ୱାଳାମୁଖୀ ପଥରରେ ମିଳିଥିବା ସଲଫରର ସମ୍ବନ୍ଧ ଚନ୍ଦ୍ରର ଗର୍ଭରେ ଲୁଚିଥିବା ଆଇରନ ସଲଫେଟ୍ ସହିତ ସଂଯୋଗ କରିବାରେ ସଫଳ ହୋଇଛନ୍ତି । ପୃଥିବୀ ପୃଷ୍ଠରେ ଥିବା ଧାତୁ ଭଣ୍ଡାରର ଯାଞ୍ଚରୁ ଜଣାପଡ଼ିଛି ପ୍ଲାଟିନପମ ଓ ପଲଡିୟମ ପରି ମୂଲ୍ୟବାନ ଧାତୁର ଉପସ୍ଥିତି ପାଇଁ ଆଇରନ ସଲଫାଇଡର ବହୁତ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି ଚନ୍ଦ୍ରର ନିର୍ମାଣ ପୃଥିବୀରୁ ବାହାରିଥିବା ଏକ ବଡ଼ ଗ୍ରହର ଆକାରର ଗୋଲାର ୪.୫ ଅରବ ବର୍ଷ ପୂର୍ବରୁ ହୋଇଥିଲା । ପୃଥିବୀ ଓ ଚନ୍ଦ୍ରର ଇତିହାସ ସମାନତା ପାଇଁ ଏମାନଙ୍କର ଗଠନରେ ମଧ୍ୟ ସମାନତା ରହିଛି । ଚନ୍ଦ୍ରକୁ ନେଇ ହୋଇଥିବା ଏକ ଅଧ୍ୟୟନ ଅନୁସାରେ ଚନ୍ଦ୍ରମାରେ ସଲଫର ରହିଛି, ତାର ଗଭୀରତାରେ ଆଇରନ ସଲଫାଏଡ଼ର ଉପସ୍ଥିତିର ସଙ୍କେତ ଦେଉଛି । ତେଣୁ ଯେତେବେଳେ ଲାଭା ତିଆରି ହୋଇଛି ସେ ସମୟରେ ଅନେକ ବହୁମୂଲ୍ୟ ଧାତୁ ଦବି ଯାଇଥିବାର ଅନୁମାନ କରାଯାଉଛି ।



## ପୂଜା କରିବାର ନିୟମ



- ନିର୍ଦ୍ଦିଷ୍ଟ ପୂଜା ସ୍ଥାନରେ ଦେବଦେବୀଙ୍କୁ ସ୍ଥାପନ କରନ୍ତୁ । ଐଶାନ୍ୟ କୋଣରେ ମନ୍ଦିର ପ୍ରତିଷ୍ଠା କରିବା ସର୍ବଶ୍ରେଷ୍ଠ।
- ପୂଜା କାର୍ଯ୍ୟ ବ୍ରାହ୍ମ ମୂହର୍ତ୍ତରୁ ଦ୍ୱିପ୍ରହର ୧୨ଟା ଭିତରେ ସୀମିତ ରଖନ୍ତୁ ।
- ପୂଜା ସମୟରେ ଆମର ମୁହଁ ଐଶାନ୍ୟ କୋଣ କିମ୍ବା ପୂର୍ବ ଉତ୍ତର ଦିଗକୁ ରହିବା ଉଚିତ । ଯାହା ଦ୍ୱାରା ସୂର୍ଯ୍ୟଙ୍କ କିରଣ ସହଜରେ ମିଳିବା ସହ ଦିନ ଯାକ ଶୁଭରେ କଟେ ।
- ପୂଜା ସମୟରେ ମନକୁ ପବିତ୍ର ରଖିବା ସହ ଅନ୍ୟପ୍ରତି ସଦଭାବନା ରଖନ୍ତୁ । ତାହାଦ୍ୱାରା ପୂଜା ସାର୍ଥକ ହେବା ସହ ଈଶ୍ୱର ସମସ୍ତ ମନସ୍କାମନା ପୂର୍ଣ୍ଣ କରନ୍ତି । ଦୀପରୁ ଦୀପ ଲଗାନ୍ତୁ ନାହିଁ । ଶାସ୍ତ୍ରନୁସାରେ ଏଭଳି କରିବା ଦ୍ୱାରା ବ୍ୟକ୍ତି ରୋଗ ଗ୍ରସ୍ତ ହୋଇଥାଏ ।
- ମନ୍ଦିର ଏବଂ କୌଣସି ଦେବଦେବୀଙ୍କ ସାମ୍ନାକୁ ପିଠିକରି ବସିବା ଉଚିତ ନୁହେଁ ।

# ହାଇଡ୍ରୋଜେନ ଯୁକ୍ତ ସିଏନଜିକୁ ଅଟୋମୋଟିଭ୍ ଇନ୍ଧନ ରୂପେ ସାମିଲ କରିବା ପ୍ରସଙ୍ଗରେ ସଡ଼କ ପରିବହନ ଓ ଜାତୀୟ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ମତାମତ ଆହ୍ୱାନ

ନୂଆଦିଲ୍ଲୀ, ୨୪/୭ (ନି.ପ୍ର.): କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଏକ ଚିଠା ବିଜ୍ଞପ୍ତି ଜାରି କରାଯାଇଛି । ଏହି ବିଜ୍ଞପ୍ତିରେ କେନ୍ଦ୍ରୀୟ ମୋଟର ଯାନ ଆଇନ ୧୯୭୯ରେ ସଂଶୋଧନ ସକାଶେ ଜନସାଧାରଣ ତଥା ସମସ୍ତ ହିତଧାରକଙ୍କ ଠାରୁ ମତାମତ ଆହ୍ୱାନ କରାଯାଇଛି । ଜିଏସଆର ୪୬୧(ଇ) ଜୁଲାଇ ୨୨, ୨୦୨୦ରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି । ହାଇଡ୍ରୋଜେନ ଯୁକ୍ତ ସିଏନଜିକୁ ଅଟୋମୋଟିଭ୍ ଇନ୍ଧନ ରୂପେ ସାମିଲ କରାଯିବା ସଂକ୍ରାନ୍ତରେ ଏହି ମତାମତ ଆହ୍ୱାନ କରାଯାଇଛି । ଦେଶରେ ଅଟୋମୋବାଇଲ୍ କ୍ଷେତ୍ରରେ ସବୁଜ ଇନ୍ଧନ ବ୍ୟବହାରକୁ ପ୍ରୋତ୍ସାହନ ଯୋଗାଇବା କ୍ଷେତ୍ରରେ ମନ୍ତ୍ରଣାଳୟ ଏହା ଆଉ ଗୋଟିଏ ପାଦ ଆଗୁଆ ବୋଲି ବିବେଚନା କରାଯାଉଛି । ଏହି ପରିପ୍ରେକ୍ଷୀରେ ଯେଉଁମାନେ ନିଜର ମତାମତ ଅବା ପରାମର୍ଶ ଦେବାକୁ ଚାହାନ୍ତି ସେମାନେ ତାହା ଯୁଗ୍ମ ସଚିବ (ଏମଭିଏଲ), ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ, ପରିବହନ ଭବନ, ପାର୍ଲାମେଣ୍ଟ ଷ୍ଟ୍ରୀଟ୍, ନୂଆ ଦିଲ୍ଲୀ – ୧୧୦୦୦୧ (କୁ ତାହା ବିଜ୍ଞପ୍ତି ଜାରି ହେବାର ତିରିଶ ଦିନ ମଧ୍ୟରେ ପଠାଇପାରିବେ ।

# ପାକିସ୍ତାନ ଯାଦବଙ୍କୁ ଆଇନଗତ ସହାୟତା ଦେବାକୁ ବାରଣ କରୁଛି : ବୈଦେଶିକ ମନ୍ତ୍ରଣାଳୟ

ନୂଆଦିଲ୍ଲୀ, ୨୪/୭ (ନି.ପ୍ର.): ପାକିସ୍ତାନ ଜେଲରେ ଥିବା ଜଣେ ଭାରତୀୟ ନାଗରିକ କୁଲଭୂଷଣ ଯାଦବଙ୍କ ପାଇଁ ଆଇନଗତ ସହାୟତା ପାଇବାରେ ବାଧା ସୃଷ୍ଟି କରୁଛି ବୋଲି ଭାରତ କହିଛି । ଏହା ଦର୍ଶାଉଛି ଯେ ହେଗରେ ଅନ୍ତର୍ଜାତୀୟ କୋର୍ଟର ନିଷ୍ପତିକୁ ପାକିସ୍ତାନ କାର୍ଯ୍ୟକାରୀ କରିବାକୁ ଚାହୁଁନାହିଁ ବୋଲି ଭାରତ କହିଛି । ଗୁରୁବାର ଦିନ ଏକ ସାପ୍ତାହିକ ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ କହିଛନ୍ତି ଯେ ଯାଦବ ମାମଲାରେ ପାକିସ୍ତାନ ଭାରତକୁ ଆବଶ୍ୟକୀୟ ଦଲିଲ ଯୋଗାଉ ନାହିଁ । ପାକିସ୍ତାନ ଯାଦବଙ୍କୁ ଆଇନଗତ ସହାୟତା ଯୋଗାଇବା ପାଇଁ ଅନ୍ତର୍ଜାତୀୟ କୋର୍ଟର ନିଷ୍ପତିକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛି । ଏହି ପରିସ୍ଥିତିରେ ଭାରତ ଅନ୍ୟ ସହାୟତା ପଦକ୍ଷେପ ଉପରେ ନିଜର ଅଧିକାର ବ୍ୟବହାର କରିବ ।

# ଗୀତିକବି ଦିଲ୍ଲୀପ ବେହୁରାଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୪/୭ (ନି.ପ୍ର.):ଜଣାଶୁଣା ଗୀତିକବି ଦିଲ୍ଲୀପ କୁମାର ବେହୁରାଙ୍କ ଆକସ୍ମିକ ବିୟୋଗରେ ତୁଷାର ଚାରିଟେବୁଲ ଟ୍ରଷ୍ଟ ଗଭୀର ଶ୍ରଦ୍ଧାଞ୍ଜଳି ବ୍ୟକ୍ତ କରିବା ସହିତ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଛି । ଏହି ଅବସରରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଥିରେ ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଟ୍ରଷ୍ଟର ସଭାପତି ଜିତେନ୍ଦ୍ର କୁମାର ଜେନା, ସମ୍ପାଦକ ବିବେକାନନ୍ଦ ବାରିକ, ଉପଦେଷ୍ଟା ବିକାଶ ଚନ୍ଦ୍ର ପଟ୍ଟନାୟକ, ନବକିଶୋର ବେହେରା, ଆନନ୍ଦ ବଜାର ବ୍ୟବସାୟୀ ସଂଘ ତରଫରୁ ସମାଜସେବୀ ଚିତ୍ରସେନ ବେହେରା, ବିକାଶ ମହାନ୍ତି, ସୁରେଶ ରାଉତରାୟ, ଜ୍ଞାନ ମିଶ୍ର, ଜିତୁ ମହାପାତ୍ର, ସୁରେଶ ଦାସ ପ୍ରମୁଖ ତାଙ୍କର ଅମର ଆତ୍ମାର ସଦଗତି କାମନା କରିଛନ୍ତି । ଭାଷା ସଂସ୍କୃତି ସମାଜର ପ୍ରତିଷ୍ଠାତା ସମ୍ପାଦକ ଭାବରେ ଓଡ଼ିଆ ସାହିତ୍ୟକୁ ଅଧିକ ଲୋକାଭିମୁଖୀ କରିବାରେ ତାଙ୍କର ଭୂମିକା ଥିଲା ଅନନ୍ୟ । ପ୍ରତି ମାସର ତୃତୀୟ ରବିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ରାଜଧାନୀ ସଂସଦ ପରିସରରେ ସାହିତ୍ୟ ଆଲୋଚନା ସହିତ କବିତା ପାଠ ଅନୁଷ୍ଠିତ ହୋଇଥାଏ । ଅନେକ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଗ୍ରାମ୍ୟ ଜୀବନକୁ ନେଇ ତାଙ୍କ ରଚିତ 'ମୋ ଗାଁ ମୋ ମାଟି' ପୁସ୍ତକ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଏକ ଅନବଦ୍ୟ ଦାନ ।

## ଭିନ୍ନମୋଡ ନେଉଛି ବାଲିଘାଟ ବିବାଦ

# ନିୟମରେ ବନ୍ଧା ନିଲାମଧାରୀ ; ଆଇନକୁ ଫୁଁ କରିଦେଲେ ଚୋରା ବେପାରୀ

# ଚୁପ୍ ରହିଛି ପ୍ରଶାସନ ; ଅନଶନ ପାଇଁ ଅନୁମତି ଭିକ୍ଷା

ପଟ୍ଟାମୁଣ୍ଡାଇ, ୨୪/୭ (ନି.ପ୍ର.): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ବିଭିନ୍ନ ବାଲିଘାଟରେ ଦୈନନ୍ଦିନ ବିବାଦ ଲାଗିରହିଛି । ଏହି ବିବାଦକୁ ସମାଧାନ ନକରି ପ୍ରଶାସନ ଚୁପ୍ ରହିବା ଫଳରେ ବିଭିନ୍ନ ବାଲିଘାଟରେ ବିବାଦ ବଢିବାରେ ଲାଗିଛି । ଅଳପୁଆ ବାଲିଘାଟ ବିବାଦ ଚରମ ସୀମାରେ ପହଁଚିଛି । ସରକାରୀ ନିୟମ ଅନୁଯାୟୀ ଉକ୍ତ ବାଲିଘାଟକୁ କେନ୍ଦ୍ରାପଡାର ଜନୈକ ବ୍ୟକ୍ତି ୫ ବର୍ଷ ପାଇଁ ନିଲାମ ନେଇଥିଲେ । ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ସରକାର ବାଲିଘାଟ ନିଲାମ ଅବଧିକୁ ୧ ବର୍ଷ ବୃଦ୍ଧି କରିଛନ୍ତି । ଏହି ଘାଟରେ ବାଲି ଉଠାଣକୁ ନେଇ ଏବେ ନିଲାମଧାରୀ, ଚୋରା ବେପାରୀ ଓ ଦାମୋଦରପାଟଣାର କିଛି ବ୍ୟକ୍ତିଙ୍କ ମଧ୍ୟରେ ବିବାଦ ଦେଖା ଦେଇଛି । ଉକ୍ତ ବାଲିଘାଟକୁ ରାସ୍ତା ନଥିବାରୁ ବାଲିଘାଟ ନିଲାମବେଳେ ଏ ଦିଗ ପ୍ରତି ପ୍ରଶାସନ ଦୃଷ୍ଟି ନଦେଇ ଘାଟ ନିଲାମ କରିଦେଇଥିଲା । ପ୍ରଶାସନର ପରାର୍ମଶରେ ଘାଟ ନିଲାମ ନେଇଥିବା ବ୍ୟକ୍ତି ୫ ଲକ୍ଷ ଟଙ୍କା ବ୍ୟୟରେ ଘାଟକୁ ରାସ୍ତା ନିର୍ମାଣ କରି ବାଲି ଉଠାଣ କରୁଥିଲେ । ଏଥିନେଇ ନିଲାମଧାରୀଙ୍କ ବାରମ୍ବାର ଲିଖିତ ଆବେଦନ ପରେ ମଧ୍ୟ ସ୍ଥାନୀୟ ପ୍ରଶାସନ ବାଲିଘାଟ ପାଇଁ ରାସ୍ତା ନିର୍ମାଣ ଖର୍ଚ୍ଚ ଭରଣା କଲେ ନାହିଁ । ଏସବୁ ସତ୍ୱେ ନିଲାମଧାରୀ ଘାଟରୁ ବାଲି ଉଠାଣ କରିବା ସହିତ ନିୟମିତ ଭାବେ ସରକାରୀ ରୟାଲିଟି ପ୍ରଦାନ କରିଆସୁଥିଲେ । ପଟ୍ଟାମୁଣ୍ଡାଇ ବ୍ଲକର ଶେଷ ସୀମାରେ ଥିବା ଉକ୍ତ ବାଲିଘାଟରୁ ନଈରେ ପାଣି ରହିବା ଓ ଅନ୍ୟାନ୍ୟ ସମସ୍ୟା ଯୋଗୁଁ ମାସ ମାସ ଧରି ବାଲି ଉଠାଣ ହୋଇପାରୁନଥିବା ବେଳେ ଚୋରା ବେପାରୀଙ୍କ ଚୋରା ବାଲି ଚାଲାଣ ଯୋଗୁଁ ନିଲାମଧାରୀ ଚରମ ଆର୍ଥିକ କ୍ଷତି ସହି ଆସୁଛନ୍ତି । ସଂପ୍ରତି କରୋନା ମାହାମାରୀ ଯୋଗୁଁ ସ୍ଥିତି ସଂଗୀନ ହୋଇପଡିଛି । ଅଧିକନ୍ତୁ ଅଳପୁଆ ବାଲିଘାଟ ନିକଟରେ ଅନ୍ୟାନ୍ୟ ବାଲିଘାଟ ଥିବାରୁ ଶେଷ ସୀମାରେ ଥିବା ଏହି ବାଲିଘାଟ ମାସ ମାସ ଧରି ବନ୍ଦ ରହିବା ଯୋଗୁଁ ନିଲାମଧାରୀ କ୍ଷତି ସହୁଥିବାବେଳେ ଚୋରା ବେପାରୀଙ୍କ ବାଲି ଚାଲାଣ ଯୋଗୁଁ କ୍ଷତିର ପରିମାଣ ବଢାଇ ଦେଇଛି । ସଂପ୍ରତି ଅଳପୁଆ ବାଲିଘାଟରେ ବାଲି ଉଠାଣକୁ ନେଇ ବିବାଦ ଚରମସୀମାରେ ପହଁଚିଛି । ଘାଟ ନିଲାମଧାରୀ, ଚୋରା ବାଲି ବେପାରୀ ଓ ଦାମୋଦରପାଟଣା ଗ୍ରାମର କିଛି ଲୋକଙ୍କ ମଧ୍ୟରେ ବିବାଦ ଓ ଗଣ୍ଡଗୋଳ ଘଟି ମାମଲା ଥାନାରେ ପହଁଚିଛି । ଅଳପୁଆ ଘାଟ ସହିତ କୌଣସି ପ୍ରକାର ସଂପୃକ୍ତ ନଥିବା ଦାମୋଦରପାଣା ଗ୍ରାମର କିଛି ଲୋକ ଘାଟ ନିଲାମଧାରୀ ସରକାରୀ ନିର୍ଦ୍ଧାରିତ ଜାଗା ଛାଡି ଅଧିକ ଜାଗାରୁ ବାଲି ଉଠାଣ କରୁଥିବା ନେଇ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଜିଲ୍ଲାପାଳ ଏହାର ତଦନ୍ତ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ପଟ୍ଟାମୁଣ୍ଡାଇ ତହସିଲଦାର ଘଟଣାସ୍ଥଳକୁ ଯାଇ ସରଜମିନ ଅନୁଧାନ କରିବାବେଳେ କିଛି ଲୋକ ଚୋରାରେ ବାଲି ଚାଲାଣ କରୁଥିବା ଦେଖିବାକୁ ପାଇଥିଲେ । ଏହାପରେ ତହସିଲଦାର ସଂପୃକ୍ତ ଲୋକଙ୍କ ବାଲି ଉଠାଣ ସାମଗ୍ରୀ ଜବତ କରିବା ସହିତ ଜୋରିମାନା କରିଥିଲେ । ଜିଲ୍ଲାପାଳଙ୍କ ନିକଟରେ ଘାଟ ନିଲାମଧାରୀ ନାମରେ ବେଆଇନ ବାଲି ଉଠାଣ ଅଭିଯୋଗ ହୋଇଥିବାବେଳେ ବେଆଇନ ବାଲି ଉଠାଣରେ ଚୋରା ବେପାରୀଙ୍କ ସଂପୃକ୍ତି ଓ ତହସିଲଦାରଙ୍କ ନିକଟରେ ଜୋରିମାନା ଦେବା ଘଟଣା ଘାଟ ନିଲାମଧାରୀ ନାଁରେ ଆସିଥିବା ଅଭିଯୋଗକୁ ଭିନ୍ନମୋଡ ଦେଇଛି । ବାଲି ଘାଟ ନିଲାମ ନେଇଥିବା ବ୍ୟକ୍ତି ଏ ସଂପର୍କରେ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଓ ନ୍ୟାୟ ଭିକ୍ଷା କରିଛନ୍ତି । ବାଲିଘାଟ ନିଲାମ ନେଇଥିବା ବ୍ୟକ୍ତି ତାଙ୍କ ଆବେଦନପତ୍ରରେ ସରକାରଙ୍କୁ ଲେଖି ଜଣାଇଛନ୍ତି ଯେ, ପଟ୍ଟାମୁଣ୍ଡାଇ ବ୍ଲକର ଶେଷସୀମାରେ ଥିବା ଅଳପୁଆ ବାଲିଘାଟ ଘୋର କ୍ଷତିରେ ଚାଲୁଛି । ଏହି ବାଲିଘାଟ ନିକଟରେ ବିଭିନ୍ନ ବାଲିଘାଟ ଥିବା ଓ ଅଳପୁଆ ବାଲିଘାଟରୁ ଚୋରା ବେପାରୀଙ୍କ ଚୋରା ବାଲି ଚାଲାଣ ଯୋଗୁଁ ବାଲିଘାଟଟି ଚରମ ଆର୍ଥିକ ସଂକଟ ଦେଇ ଗତି କରୁଛି । ନଦୀରେ ପାଣି ରହୁଥିବାରୁ ମାସ ମାସ ଧରି ବାଲି ଉଠାଣ ହୋଇପାରୁନାହିଁ । କାରଣ ନଦୀ ମଧ୍ୟକୁ ଟ୍ରକ୍ ପଶି ପାରୁନାହିଁ । ଯାହାର ଫାଇଦା ନେଇ ଏହି ଘାଟରୁ ଚୋରା ବେପାରୀମାନେ ବାଲି ଚାଲାଣ କରୁଛନ୍ତି । ଏବେ କରୋନା ମହାମାରୀ ଯୋଗୁଁ ପରିସ୍ଥିତି ଅଧିକ ସଂଗୀନ ହୋଇପଡିଛି । ବାଲିଘାଟକୁ ରାସ୍ତା ନଥିବାରୁ ଘାଟ ନିଲାମ ପରେ ପ୍ରଶାସନର ପରାର୍ମଶରେ ନିଲାମଧାରୀ ୫ ଲକ୍ଷ ଟଙ୍କା ବ୍ୟୟରେ ଘାଟକୁ ଯିବା ପାଇଁ ନିର୍ମାଣ କରିଥିବା ରାସ୍ତାର ପାଉଣା ବାରମ୍ବାର ଲିଖିତ ଆବେଦନ ପରେ ମଧ୍ୟ ପ୍ରଶାସନ ଭରଣା କରିନଥିବାବେଳେ ସଂପ୍ରତି ରୟାଲିଟି ବାକି ଆଳରେ ରାସ୍ତା ଖୋଳି ଘାଟକୁ ବାଟ ବନ୍ଦ କରିବା କେତେ ଦୂର ଯଥାର୍ଥ ଓ ଆଇନସମ୍ମତ ବୋଲି ନିଲାମଧାରୀ ପ୍ରଶ୍ନ କରିଛନ୍ତି । ବିଭିନ୍ନ କାରଣରୁ ବ୍ୟବସାୟିକ କ୍ଷତିରେ ଥିବା ଘାଟ ନିଲାମଧାରୀ ବକେୟା ରୟାଲିଟି ଭରଣା ପାଇଁ ସମୟ ମାଗିଛନ୍ତି । ମହାମାରୀ କରୋନା ବିପତି ସମୟରେ ସରକାରୀ ପାଉଣା ଆଦାୟ କ୍ଷେତ୍ରରେ ସଂପୂର୍ଣ୍ଣ କୋହଳ ମନୋଭାବ ପ୍ରଦର୍ଶନ ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି । ମାତ୍ର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବେଆଇନ ବାଲି ଉଠାଣ ଅଭିଯୋଗର ତଦନ୍ତ ପାଇଁ ଯାଇଥିବା ତହସିଲଦାର ବେଆଇନ ବାଲି ଉଠାଣ ଅଭିଯୋଗର ତଦନ୍ତ କରୁ କରୁ ନିଲାମଧାରୀ ନିଜସ୍ୱ ୫ ଲକ୍ଷ ଟଙ୍କା ବ୍ୟୟରେ ଘାଟକୁ ଯିବା ପାଇଁ ତିଆରି କରିଥିବା ରାସ୍ତାକୁ ବିନା ନୋଟିସରେ ଭାଙ୍ଗି ଓ ଘାଟ ସିଲ୍ କରି ପରବର୍ତୀ ସମୟରେ ନୋଟିସ୍ ଜାରି କରିବା ଘଟଣା କେତେ ଦୂର ଆଇନସମ୍ମତ ବୋଲି ସରକାରଙ୍କ ନିକଟରେ ଆବେଦନପତ୍ରରେ ନିଲାମଧାରୀ ଗୁହାରୀ କରିଛନ୍ତି । ସରକାରୀ ରାଜସ୍ୱହାନୀ ପରି ବିନା ନୋଟିସରେ ରାସ୍ତା ଭାଙ୍ଗି ଘାଟ ସିଲ୍ କରିବା ଘଟଣା ଚୋରା ବାଲି ବେପାରକୁ ପ୍ରୋତ୍ସାହନ ଦେଉନାହିଁକି ବୋଲି ଘାଟ ନିଲାମଧାରୀ ତାଙ୍କ ଆବେଦନ ପତ୍ରରେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ଶେଷରେ ସରକାରୀ ନିୟମ ଅନୁଯାୟୀ ଘାଟ ନିଲାମ ନେଇ ଏହି ଘାଟରୁ ଉପାର୍ଜିତ ଅର୍ଥରେ ତାଙ୍କ ପରିବାର ସହ ଏକାଧିକ ଶ୍ରମଜୀବି ପରିବାର ପ୍ରତିପୋଷଣ ହେଉଥିବାବେଳେ ମହାମାରୀ କରୋନା ସଂକଟ ଓ ବିପତି ସମୟରେ ସ୍ଥାନୀୟ ପ୍ରଶାସନର ବଳ ପ୍ରୟୋଗ ଓ ଅନ୍ୟାୟ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଅନଶନ କରିବାକୁ ନିଲାମଧାରୀ ସରକାରଙ୍କ ଅନୁମତି ଭିକ୍ଷା କରିଛନ୍ତି ।

# ସାଇ ପରିବାର ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ



ବାଲେଶ୍ୱର, ୨୪/୭ (ନି.ପ୍ର.): ସାମ୍ପ୍ରତିକ କରୋନା ସ୍ଥିତିରୁ ବର୍ତ୍ତିବା ପାଇଁ ମାଣିଖମ୍ବ ସାଇ ପରିବାର ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ ଆଜି ଅନୁଷ୍ଠିତ ହୋଇଯାଇଛି । ସହରର ମିର୍ଜାପୋଖରୀ ପାର୍ଶ୍ୱ ସାଇମନ୍ଦିର ସମ୍ମୁଖରେ ଏହି ଯଜ୍ଞ କର୍ମକାଣ୍ଡ ଆୟୋଜିତ ହୋଇଥିଲା । ବେଦଜ୍ଞ ପଣ୍ଡିତ ମଣ୍ଡଳିଙ୍କ ଦ୍ୱାରା ଆୟାଜିତ ଏହି ଯଜ୍ଞରେ ମହାମାରୀ କରୋନା ସ୍ଥିତିରୁ ବିଶ୍ୱକୁ ରକ୍ଷା କରିବା, କରୋନା ଆକ୍ରାନ୍ତଙ୍କୁ ସୁସ୍ଥ କରିବା, କରୋନା ଜନିତ ମୃତ୍ୟୁ ବନ୍ଦ କରିବା ତୁରନ୍ତ ଭେକ୍ସିନ୍ ପ୍ରସ୍ତୁତିର କାମନା କରି ସାଇବାବା ଓ ପ୍ରଭୁ ପଞ୍ଚମୁଖୀ ହନୁମାନଙ୍କ ଉଦ୍ଦେଶ୍ୟରେ ଆହୁତି ପ୍ରଦାନ କରାଯାଇଥିଲା । ମାଣିଖମ୍ବ ଓ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ସାମାଜିକ ଦୂରତା ରକ୍ଷା ସହ ଏହି ଯଜ୍ଞସ୍ଥଳରେ ଉପସ୍ଥିତ ରହି ଭଗବାନଙ୍କ ଆଶିଷ ଭିକ୍ଷା କରିଥିଲେ ।

# ଛତାବରରୁ ୬୩୨ ଲିଟର ଚୋରା ପିଡିଏସ୍ କିରୋସିନି ଜବତ : ଖସିଗଲା ଚୋରା ବେପାରୀ

ଭଦ୍ରକ, ୨୪/୭ (ହି.ସ.) - ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ୍ ଯୋଗାଣ ନିରୀକ୍ଷକ ରେବତୀ ସିଂ ନାୟକ ରାମଚନ୍ଦ୍ରପୁର ପଂଚାୟତର ଛତାବର ଛକ ନିକଟ ରାମଚନ୍ଦ୍ରପୁର ଗ୍ରାମର ବଙ୍ଗୀୟ ଚୋରା ବେପାରୀଙ୍କ ଘରୁ ୬୩୨ ଲିଟର ଚୋରା କିରୋସିନି ଜବତ କରିଛନ୍ତି । ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ମାନସ ରଂଜନ ମହାପାତ୍ର, ମାଜିଷ୍ଟ୍ରେଟ୍ ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ସ୍ୱାଇଁ ଓ ପୁଲିସ୍ ସହାୟତାରେ କିରୋସିନି ଚୋରା ବେପାରୀ ଆଶୁତୋଷ ଦାସଙ୍କ ବାସଗୃହରେ ଚଢାଉ କରିଥିଲେ । ଗୃହ ବାହାରେ କିଛି ପରିମାଣର କିରୋସିନି ମିଳିଥିବା ବେଳେ ଗୃହ ଭିତରେ ଚାବି ପଡିଥିବା ବହୁ ପରିମାଣର କିରୋସିନି ଥିବା ସୂଚନା ମିଳିଥିଲା । ଫଳରେ ମାଜିଷ୍ଟ୍ରେଟଙ୍କ ସହାୟତାରେ ଚାବି ଭଙ୍ଗାଯାଇ କିରୋସିନି ଜବତ କରାଯାଇଥିଲା । ସେଥିମଧ୍ୟରୁ ୩ ଲିଟର କିରୋସିନି ପରୀକ୍ଷା ପାଇଁ ପଠାଇବା ସହ ସ୍ଥାନୀୟ ଡିଲର ଦିବାକର ସେନାପତିଙ୍କ ଜିମାରେ ଜବତ କିରୋସିନି ରଖାଯାଇଛି । ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରାଯାଇ ଯୋଗାଣ ବିଭାଗ ହେପାଜତକୁ ଅଣାଯାଇଛି । ପରୀକ୍ଷା ରିପୋର୍ଟ ହସ୍ତଗତ ହେବା ପରେ ଫୌଜଦାରୀ ମାମଲା ରୁଜୁ ହେବ ବୋଲି ଯୋଗାଣ ନିରୀକ୍ଷକ ଶ୍ରୀ ସିଂ ସୂଚନା ଦେଇଛନ୍ତି । ଅସାଧୁ ଡିଲରମାନେ ପିଡିଏସ୍ କିରୋସିନିକୁ ବାଟମାରଣା କରି ଚୋରା ବେପାରୀଙ୍କୁ ବିକ୍ରୟ କରିଦେଉଛନ୍ତି । ବ୍ୟବସାୟିକ ଭିଁ ରେ ଡିଲରମାନଙ୍କ ଠାରୁ ହାସଲ କରିଥିବା କିରୋସିନିକୁ ଡିଜେଲରେ ରୂପାନ୍ତରିତ କରିବା ଉଦ୍ଦେଶ୍ୟରେ ମହଜୁଦ କରି ରଖିଥିବା ଆଶୁତୋଷ ଦାସଙ୍କ ଘର ଓ ବାଡିରୁ କିରୋସିନି ଜବତ ହେବା ଏହା ଚଳିତ ବର୍ଷ ଦ୍ୱିତୀୟ ଘଟଣା । ଏହି ବଙ୍ଗୀୟ ଯୁବକ ଗତ ମାର୍ଚ୍ଚ ୧୭ ତାରିଖରେ ଯୋଗାଣ ନିରୀକ୍ଷକଙ୍କ ହାତରେ ଧରାପଡିଥିଲା । ଏଥିସହ ୫୬ ଲିଟର ଚୋରା ପିଡିଏସ୍ କିରୋସିନି ଜବତ କରାଯାଇ ଫୌଜଦାରୀ ମାମଲା ରୁଜୁ କରାଯାଇଥିଲା । ଅନୁରୂପ ଭାବେ ସେହି ଅଂଚଳରେ ଜନୈକ ବଙ୍ଗୀୟ ଯୁବକ ଭୂତିଆରେ ଅନ୍ୟ ସ୍ଥାନୀୟ ଯୁବକ ସହ ମିଶି ଶହ ଶହ ଲିଟର ଚୋରା କିରୋସିନିକୁ ଡିଜେଲରେ ରୂପାନ୍ତରିତ କରି ଡାହାଲା ଅଂଚଳର ଆନ୍ତଃରାଜ୍ୟ କିରୋସିନି ଚୋରା ବେପାରୀଙ୍କୁ ହସ୍ତାନ୍ତର କରୁଥିବା ନିତିଦିନିଆ ଘଟଣା । ଏହି କାରବାରରେ ଥାନାର ପୃଷ୍ଠପୋଷକତା ଜଣାଶୁଣା କଥା ହୋଇଥିବାବେଳେ ସ୍ଥାନୀୟ ଅଂଚଳର କେତେକ କୁଜିନେତା ରାଜନୈତିକ ଭାବେ ପ୍ରୋତ୍ସାହନ ଦେଉଥିବା ଜଣାଯାଇଛି । ଛଅବର୍ଷ ପୂର୍ବେ ପୂର୍ବତନ ଥାନା ଇନ୍ସପେକ୍ଟର ଜ୍ଞାନ ମିଶ୍ର ଚୋରା ଭୂତିଆ ବେପାରୀ ଦ୍ୱୟଙ୍କୁ ଗିରଫ କରି ଜେଲ୍ ପଠାଇବା ସହ ପ୍ରାୟ ୪୦୦ ଲିଟର କିରୋସିନି ଜବତ କରିଥିଲେ । ଏହାପରେ ଥାନା ପକ୍ଷରୁ ମାସିକିଆ ବ୍ୟବସ୍ଥା କରାଯାଇ ଆଉ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା ।

# ସ୍ୱାବ ଟେଷ୍ଟ, ସର୍ଭେ ପାଇଁ ଭୁବନ ଏନଏସି ସଟଡାଉନ

ଭୁବନ, ୨୪/୭ (ନି.ପ୍ର.): ଭୁବନ ବ୍ଲକ ଅନ୍ତର୍ଗତ ମହୁଲପାଳ ଗ୍ରାମର କରୋନା ସଂକ୍ରମିତ ଦୁଇଭାଇ ଗତ ୧୫ ତାରିଖ ଦିନ ସ୍ୱାବ ଦେଇ ଭୁବନ ବଜାରରେ ମାର୍କେଟିଂ କରି ବିଭିନ୍ନ ଦୋକାନୀ ଙ୍କ ସଂପର୍ଶରେ ଆସିଥିବା କାରଣରୁ ଗତ ୨୦ ତାରିଖ ଠାରୁ ୭ଟି ବ୍ୟବସାୟ ପ୍ରତିଷ୍ଠାନ,ଗୋଟିଏ ବ୍ୟାଙ୍କ ଓ ଗୋଟିଏ ପେଟ୍ରୋଲ ପମ୍ପ ଅନିର୍ଦ୍ଧିଷ୍ଟ କାଳ ପାଇଁ ବନ୍ଦ ରହିଛି । ସଂପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ଆଜି ସେମାନଙ୍କର ସ୍ୱାବ ଟେଷ୍ଟ କରାଯାଇଛି । ଦୋକାନ ବଜାର ଖୋଲା ରହିଲେ ଚିହ୍ନଟ ବ୍ୟକ୍ତି ମାନେ ମାର୍କେଟିଂ କରିବାର ଆଶଙ୍କା ଥିବାରୁ ଆଜି ଭୁବନ ଏନଏସି କୁ ସଟଡାଉନ କରାଯାଇଥିଲା । ଆସନ୍ତା କାଲି ଠାରୁ ରବିବାର ପର୍ଯ୍ୟନ୍ତ ଏନଏସି ତରଫରୁ ଘରକୁ ଘର ବୁଲି ସର୍ଭେ କରାଯିବା ନିମନ୍ତେ ମଧ ସଟଡାଉନ ଜାରି ରହିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ଦିନ ଅପେକ୍ଷା ଆଜିର ସଟଡାଉନ ସଂପୂର୍ଣ୍ଣ ନିଆରା ଥିଲା । ଆଜି ସ୍ୱାବ ଟେଷ୍ଟ ନିମନ୍ତେ ସଟଡାଉନ ହୋଇଥିବାରୁ ଲୋକମାନେ ଭୟରେ ପଦାକୁ ବାହାରିନଥିଲେ । ନିହାତି ଆବଶ୍ୟକ ତଥା ଜରୁରୀ କାର୍ଯ୍ୟରେ ବଜାରକୁ ଆସିଥିବା ଲୋକଙ୍କୁ ପୋଲିସ ପଚରାଉଚରା କରି ସନ୍ତୋଷଜନକ ଉତର ପାଇବା ପରେ ଛାଡୁଥିବା ଦେଖିବାକୁ ମିଳିଥିଲା । ଗଡନୃସିଂହପ୍ରସାଦ ସ୍ୱାବ ଟେଷ୍ଟ କେନ୍ଦ୍ରଠାରେ ଆଇଆଇସି ଜିତେନ୍ଦ୍ର ସାହୁ ,ଏସଆଇ ରମେଶ ଚନ୍ଦ୍ର ସ୍ୱାଇଁ, ୫୩ ନମ୍ବର ଜାତୀୟ ରାଜପଥର କାଳୀବଜାର ଠାରେ ଏଏସଆଇ ଲକ୍ଷ୍ମୀଧର ରଣା,ଅନନ୍ତପୁର ସୀମାନ୍ତରେ ଏଏସଆଇ ହେମନ୍ତ କୁମାର ପାଢୀ,ମହୁଲପାଳ ନୂଆହାଟ ରେ ଏଏସଆଇ ନୀଳକଣ୍ଠ ପାତ୍ର ସଜାଗ ରହିଥିଲେ । ଆଜି ଏବଂ ଆସନ୍ତା କାଲି ଦୁଇଦିନ ଘରକୁ ଘର ବୁଲି ସର୍ଭେ କରାଯିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ବେଳେ ଆଜି ସ୍ୱାବ ଟଷ୍ଟେ ପାଇଁ ଏନଏସି କର୍ମଚ୍ରାରୀମାନେ ବ୍ୟସ୍ତ ରହିବା କାରଣରୁ ସର୍ଭେ ହୋଇପାରିନଥିଲା । ଆସନ୍ତା କାଲିଠାରୁ ଘରକୁ ଘର ବୁଲି କରୋନା ସର୍ଭେ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ସୂଚନା ଦେଇଛନ୍ତି ।

# ତାଲିକା ଭୁକ୍ତ ଆଇନଜୀବିଙ୍କୁ ତାଲିମ ପ୍ରଦାନ

କେନ୍ଦ୍ରାପଡା, ୨୪/୭ (ନି.ପ୍ର.): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଭରର୍ଚୁଆଲ ପ୍ଲାଟଫର୍ମ ମାଧମରେ ପ୍ୟାନେଲ ଭୁକ୍ତ ଆଇନଜୀବି ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ଗୁରୁବାର ପୂର୍ବାହ୍ନରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଦୌରାଜଜ ମାନ୍ୟବର ବାସୁଦେବ ପଣ୍ଡାଙ୍କ ଅଧକ୍ଷତା ରେ ଏହି ତାଲିମ ପ୍ରଦାନ କରାଯାଇଥିଲା । ଉପସ୍ଥିତ ଥିବା ତାଲିକା ଭୁକ୍ତ ୨୧ଜଣ ଆଇନଜୀବିଙ୍କୁ ଫୌଜଦାରୀ, ଦେୱାନୀ, ପରିବାର ଅଦାଲତ ମକଦ୍ଦମା ତଥା ବିଭିନ୍ନ ଆଇନ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇ ଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚୀବ ମଳୟ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ମାନ୍ୟବର ସିଜେଏମ ଜ୍ଞାନ ରଂଜନ ପଟ୍ଟନାୟକ, ବରିଷ୍ଠ ବିଚାରପତି ଶୋଭନ କାନୁନ୍‌ଗୋ, ରେଜିଷ୍ଟାର ପୁଣ୍ୟଶ୍ଳୋକ ରଥ, ଜେଏମ୍‌ଏଫସି ପାରସ ପାଢୀ, ଜରିନ୍ ଖାଁ ଓ ନିଷିକା ଚଣ୍ଡକ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଓଡିଶା ସାହିତ୍ୟ ଏକାଡେମୀର୍ ସଦସ୍ୟ ଭା୍ବରେ୍ ମୟୂରଭଞ୍ଜ୍ରୁ ଦୁଇ୍ଜଣ ସାହିତ୍ୟିକ ମନୋନୀତ

ବାରିପଦା, ୨୪/୭ (ନି.ପ୍ର.): ଆଗାମୀ ତିନିବର୍ଷ ପାଇଁ ଓଡିଶା ସାହିତ୍ୟ ଏକାଡେମୀର ସଦଶ୍ୟ ଭାବରେ ମୟୂରଭଞ୍ଜ ଜିଲ୍ଲାରୁ ଦୁଇଜଣ ସାହିତ୍ୟିକ ମନୋନୀତ ହୋଇଛନ୍ତି । ଏବାବଦରେ ଗତ ଜୁଲାଇ ୨୧ ତାରିଖରେ ଏକାଡେମୀ ପକ୍ଷରୁ ପ୍ରକାଶିତ ତାଲିକାରୁ ଜଣାଯାଇଛି । ଉତର ଓଡିଶା ବିଶ୍ୱ ବିଦ୍ୟାଳୟ ବାରିପଦାର ପ୍ରତିନିଧି ଭାବରେ ବାରିପଦାରୁ ବିଶିଷ୍ଟ ଗାଳ୍ପିକ ପଦ୍ମନାଭ ସାହୁ ମନୋନୀତ ହୋଇଛନ୍ତି । ଶ୍ରୀ ସାହୁଙ୍କ ଜନ୍ମ ମୟୂରଭଞ୍ଜ ଜିଲ୍ଲାର ସାରସକଣା ନିକଟସ୍ଥ ନୁଆଗାଁ ଗ୍ରାମରେ । ବର୍ତମାନ ବାରିପଦାର ୧୯ନମ୍ବର ୱାର୍ଡର ସେ ସ୍ଥାୟୀ ବାସିନ୍ଦା ଅଟନ୍ତି । ସେ ଜିଲ୍ଲାର ଜଣେ ଆଗଧାଡିର ସାହିତ୍ୟ ସ୍ରଷ୍ଟା ତଥା ସାରସ୍ୱତ ସଂଗଠକ । ତାଙ୍କର ବହୁ ପ୍ରବନ୍ଧ ଶତାଧିକ ଗଳ୍ପ ଓ କବିତା ରାଜ୍ୟର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିବା ବେଳେ, ପ୍ରଜାତନ୍ତ୍ର ଗଳ୍ପ ପୁରସ୍କାର, ଆଇନା ସାରସ୍ୱତ ସମ୍ମାନ ଏବଂ ଜିଲ୍ଲା ତଥା ଜିଲ୍ଲା ବାହାରର ବହୁ ସାରସ୍ୱତ ଅନୁଷ୍ଠାନ ଦ୍ୱାରା ସେ ସମ୍ମାନୀତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି । ପତ୍ରିକା ସମ୍ପାଦନା କ୍ଷେତ୍ରରେ ସେ ସିଦ୍ଧହସ୍ତ । ଜିଲ୍ଲାରୁ ଦୀର୍ଘବର୍ଷ ଧରି ପ୍ରକାଶିତ ହୋଇଆସୁଥିବା ସାହିତ୍ୟ ପତ୍ରିକା ମକର ମଣ୍ଡା ଓ ଆଧ୍ୟତ୍ମିକ ପତ୍ରିକା ହୋ ଭଗତେ ପତ୍ରିକାର ସେ ମୁଖ୍ୟ ସମ୍ପାଦକ ଭାବରେ କାର୍ଯ୍ୟତୁଲାଇ ଆସୁଛନ୍ତି । ମୟୂରଭ ସାହିତ୍ୟ ପରିଷଦ ଓ ମୟୂରଭଞ୍ଜ ପୁସ୍ତକ ମେଳା କମିଟିର ସଭାପତି ଏବଂ ଉତର ଓଡିଶା ଉପାନ୍ତ ସାହିତ୍ୟ ସମ୍ମିଳନୀ, ଝାରପୋଖୋରିଆର କାର୍ଯ୍ୟକାରୀ ସଭାପତି, ନନ୍ଦିଘୋଷ ସାହିତ୍ୟ ସମାଜର ପ୍ରତଷ୍ଠାତା ସଭ୍ୟ ଭାବରେ ସେ ଅବସ୍ଥାପିତ ଅଛନ୍ତି । ଅଧିକନ୍ତୁ ସମାଜରେ ଆଧ୍ୟାତ୍ମିକତାର ବିକାଶ ଓ ମୟୂରଭଞ୍ଜ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଶିକ୍ଷାର ପ୍ରସାର ଦିଗରେ ସେ ସର୍ବଦା କାର୍ଯ୍ୟରତ । ଶ୍ରୀଜଗନ୍ନାଥ ଚେତନା ଓ ଗବେଷଣା ପ୍ରତିଷ୍ଠାନ ପୁରି ଉତରାଂଚଳ ଶାଖାର ସେ ସଭାପତି ଓ ସାରସକ୍ଷେତ୍ର ସାରସକଣା ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସେ ମେନେଜିଂ ଟ୍ରଷ୍ଟି ଅଟନ୍ତି । ବିଭିନ୍ନ ଶିକ୍ଷା ନୁଷ୍ଠାନର ସେ ପ୍ରତଷ୍ଠାତା ଓ ପରିଚାଳନା କମିଟି ସଦସ୍ୟ ଭାବରେ କାର୍ଯ୍ୟକରି ଆସୁଛନ୍ତି । ତାଙ୍କ ଦ୍ୱାରା ଲିଖିତ ପୁସ୍ତକ ଗଳ୍ପ ସଂକଳନ ଜଙ୍ଗଲି ଫୁଲ, ପିଲାଙ୍କ କାହାଣୀ ମାଳା- ବଣମିଠେଇ, ରମ୍ୟ ଗଳ୍ପମାଳା ଆଦି ସଂକଳନ ବେଶ ପାଠକୀୟ ଆଦୃତି ଲାଭ କରିଛି । ସେହିପରି ଆଉଜଣେ ଲେଖକ ତଥା ଅନୁବାଦକ ଶ୍ରୀ ଅଜିତ ପାତ୍ର ମଧ୍ୟ ଓଡିଶା ସାହିତ୍ୟ ଏକାଡେମୀକୁ ମନୋନୀତ ହୋଇ ଥିବାର ଜଣାଯାଇଛି । ଶ୍ରୀ ପାତ୍ରଙ୍କ ଜନ୍ମ ୩ ଜାନୁୟାରୀ ୧୯୭୧ ମସିହା ରେ ଭାରତର ଅଧୁନା ଝାଡଖଣ୍ଡ ରାଜ୍ୟର ଶାସନ ଗ୍ରାମରେ ନିଜ ଗ୍ରାମର ମାତୃଭାଷା ଓଡିଆ । ପୂର୍ବରୁ ଏହି ଅଂଚଳ ମୟୂରଭଞ୍ଜ ରାଜ୍ୟରେ ଥିବାରୁ ଗ୍ରାମରେ ଏକ ଓଡିଆ ଉଚ୍ଚ ବିଦ୍ୟାଳୟ ମଧ୍ୟ ରହିଛି । ଶ୍ରୀ ପାତ୍ର ନିଜର ମୌଳିକ ସୃଷ୍ଟିକୁ ଓଡିଆ ଭାଷାରେ ପ୍ରକାଶ କରି ଜଣେ ଓଡିଆ କବି, ଲେଖକ ଏବଂ ଅନୁବାଦକ ଭାବରେ ବିଶେଷ ପରିଚିତ । ଶ୍ରୀ ପାତ୍ର ଓଡିଆ , ବଙ୍ଗଳା ଓ ହିନ୍ଦି ଭାଷାରେ ବହୁ ସାହିତ୍ୟ ଅନୁବାଦ ମଧ୍ୟ କରିଛନ୍ତି । ନିଜସ୍ୱ ମୌଳିକ ଲେଖା ଏବଂ ଅନୁବାଦ ଗୁଡିକ ବିଭିନ୍ନ ସମୟରେ ଅମୃତାୟନ, ପୌରୁଷ, ସୁଲେଖା, ମହିମା, ପ୍ରଜାତନ୍ତ୍ର ସାପ୍ତାହିକି, ସମାଜ, ଯୁଗଶ୍ରୀ ଯୁଗନାରୀ, ସୁବର୍ଣ୍ଣଶ୍ରୀ, ଆମ ମାଟିର ସ୍ୱର ରେବତୀ ଆଦି ପ୍ରତିଷ୍ଠିତ ଓଡିଆ ପତ୍ରପତ୍ରିକାରେ ପ୍ରକାଶିତ ହେବା ସହିତ ବଙ୍ଗଳା ଭାଷାରେ ପ୍ରଥମ ଆଲୋ, (ଢାକା), ଦୈନିକ ସମ୍ବାଦର ସାହିତ୍ୟ ସାମୟିକି (ଢାକା), ନବରୂପେ ସୁବର୍ଣ୍ଣରେଖା, ଭାଷା ନଗର, ସଂବର୍ତିକା କଲିଖାତା ଆଦି ବଙ୍ଗଳା ପତ୍ର ପତ୍ରିକା ଏବଂ ହିନ୍ଦି ଭାଷାରେ ସମକାଳିନ ଭାରତୀୟ ସାହିତ୍ୟ (ସାହିତ୍ୟ ଏକାଡେମୀ ଦିଲ୍ଲି), ଭାଷା (ଦିଲ୍ଲି), ନବ ନିକଷ (କାନପୁର), ଯୁଗସ୍ପନ୍ଦନ (ଦିଲ୍ଲି) ଆଦି ହିନ୍ଦି ପତ୍ରପତ୍ରିକାରେ ପ୍ରକାଶିତ । ବର୍ତମାନ ଶ୍ରୀ ପାତ୍ର ବାରିପଦା ରେ ବସବାସ କରୁଥିବା ବେଳେ ତାଙ୍କ ଦ୍ୱାରା ଲିଖିତ ପଥର ଫେରା କବିତା ସଂକଳନ, ଜଙ୍ଗଲ ଗଳ୍ପ ସଂକଳନ ଆଦି ଓଡିଆ ପୁସ୍ତକ ସହିତ ବହୁ ବଙ୍ଗଳା ପୁସ୍ତକ ଏବଂ ବହୁ ଉପାଦେୟ ପୁସ୍ତକର ଅନୁବାଦକ ଭାବରେ ବେଶ ସୁଖ୍ୟାତି ଅର୍ଜନ କରିଛନ୍ତି । ସେମଧ୍ୟ ଉତର ଓଡିଶା ଉପାନ୍ତ ସାହିତ୍ୟ ସମ୍ମିଳନୀ ସମ୍ମାନ, ସାହିତ୍ୟ ସଂସ୍କୃତି ସମ୍ମାନ, ସୁବର୍ଣ୍ଣଶ୍ରୀ ଅନୁସୃଜନ ସମ୍ମାନ, ଦୈନିକ ଭାସ୍କର ହିନ୍ଦି ସମ୍ମାନ ଭଳି ବହୁ ଅନଷ୍ଠାନ ତରଫରୁ ସମ୍ମାନୀତ ହୋଇଥିବାର ଜଣାଯାଇଛି ।



# ନିମ୍ନ ମଧ୍ୟବିତ୍ତ ଆୟ ବର୍ଗକାରୀଙ୍କ ପାଇଁ ଆର୍ଥିକ ପ୍ୟାକେଜ ଘୋଷଣା କରନ୍ତୁ ରାଜ୍ୟ ସରକାର

## ଦାବି ପୂରଣ ନହେଲେ ବିଏମସି ଅଚଳ କରିବାକୁ ବିଜେପିର ଚେତାବନୀ

ଭୁବନେଶ୍ୱର,୨୪।୭ (ନି.ପ୍ର): କରୋନା ମହାମାରୀକୁ ମୁକାବିଲା କରିବା ପାଇଁ ରାଜ୍ୟସରକାର କେତେକ ଜିଲ୍ଲା ଓ ସହରାଂଚଳକୁ ସଟଡାଉନ ଘୋଷଣା କରି ସବୁ ଦାୟିତ୍ୱ ସରିଗଲା ବୋଲି ଭାବୁଛନ୍ତି । ଏହି ସମସ୍ତ ସହରାଂଚଳରେ ରହୁଥିବା ବସ୍ତିବାସିନ୍ଦା, ଉଠାଦୋକାନି, ବୁଲାବେପାରି ଆଦି ଯେଉଁ ସମସ୍ୟା ଭୋଗୁଛନ୍ତି ତାହା ବୋଧେ ରାଜ୍ୟସରକାରଙ୍କ ଦେଖିପାରୁନାହାଁନ୍ତି । ଲୋକଙ୍କୁ ସଚେତନ କରିବା ସହ ସ୍ୱାସ୍ଥ୍ୟ ସମ୍ପର୍କୀୟ ଜିନିଷ ଯୋଗାଇଦେବା ଓ ତାଙ୍କ ଆର୍ଥିକ ଅବସ୍ଥା କେମିତି ସ୍ୱାଭାବିକ ହେବ ସେଥିପାଇଁ କାର୍ଯ୍ୟ କରନ୍ତୁ ରାଜ୍ୟ ସରକାର। ଯଦି ସରକାର ତୁରନ୍ତ ପଦକ୍ଷେପ ନନେଲେ ମହାନଗର ନିଗମକୁ ଅଚଳ କରାଯିବ ବୋଲି ବିଜେପି ଚେତାବନୀ ଦେଇଛି । ରାଜ୍ୟ ମୁଖପାତ୍ର ଶ୍ରୀ ଦିଲୀପ ମହାନ୍ତି ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ଭାରତ ଯୋଜନାରେ ଉଠା ଦୋକାନି ମାନଙ୍କ ପାଇଁ ୧୦ ହଜାର ଟଙ୍କାର ବିନା ବନ୍ଧକରେ ଋଣର ବ୍ୟବସ୍ଥା କରିଛନ୍ତି । ରାଜ୍ୟସରକାର ଏହି ଯୋଜନାର ଫେସିଲିଟେଟର ଭୂମିକାରେ ରହିବା କଥା । ହେଲେ ରାଜ୍ୟସରକାର ତାହା କରୁନାହାନ୍ତି । କେବଳ ଭୁବନେଶ୍ୱରରେ ଅସ୍ଥାୟୀ ଦୋକାନି ୨୪୪୦, ଉଠା ଦୋକାନି ୧୯୦୪୩ (୧୭,୭୬୭ ହେଉଛନ୍ତି ଷ୍ଟେସନର ଉଠାଦୋକାନି, ୧୨୭୬ ହେଉଛନ୍ତି ଫେରିବାଲା) ଅଛନ୍ତି । ସରକାର ରାଜନୀତିର ଉପରକୁ ଉଠି ଏମାନଙ୍କ କଥା ଚିନ୍ତା କରିବା ଦରକାର । ସେମାନଙ୍କୁ ବୀମାଭୁକ୍ତ କରି ବୀମାର ପ୍ରିମିୟମରାଶି ଖୋଦ୍ ରାଜ୍ୟସରକାର ଭରଣା କରିବାକୁ ଶ୍ରୀ ମହାନ୍ତି ଦାବୀ କରିଛନ୍ତି । କେବଳ ଭୁବନେଶ୍ୱରରେ ୪୩୬ ବସ୍ତିରେ ରହୁଛନ୍ତି ୮୦୬୬୫ ପରିବାର ଏବଂ ୩ ଲକ୍ଷରୁ ଅଧିକ ଲୋକ । ସେହିପରି କଟକ ମହାନଗରରେ ୩୦୯ ବସ୍ତି ଅଛି ଯେଉଁଥିରେ ପାଖାପାଖି ୨ ଲକ୍ଷରୁ ଅଧିକ ଲୋକ ରହୁଛନ୍ତି । ସଟଡାଉନ ହୋଇଥିବା ଅନ୍ୟ ସମସ୍ତ ସହରାଂଚଳରେ ଜନସଂଖ୍ୟାକୁ ମିଶାଇଲେ ଏହା ୧୫ ଲକ୍ଷ ପାରିହେବ । ଏମାନଙ୍କ ସମସ୍ୟାକୁ ମହାନଗର ନିଗମର ଅଧିକାରୀମାନ ବୁଝି ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଦରକାର । ରାଜ୍ୟସରକାର ନିମ୍ନ ମଧ୍ୟବିତ ଆୟ ବର୍ଗକାରୀଙ୍କ ପାଇଁ ଆର୍ଥିକ ପ୍ୟାକେଜ ଘୋଷଣା କରନ୍ତୁ ବୋଲି ଶ୍ରୀ ମହାନ୍ତି ଦାବୀ କରିଛନ୍ତି । ଅନେକ ଦିନ ବସ୍ତିର କରୋନା ପଜିଟିଭ ସଂଖ୍ୟା ଅନ୍ୟ ଅଂଚଳ ଠାରୁ ବଳିଯାଉଛି । ଏପରି ସ୍ଥିତିରେ ବସ୍ତିରେ କରୋନା ସ୍ଥାନୀୟ ସଂକ୍ରମଣ ଗୋଷ୍ଠିସଂକ୍ରମଣର ଆଶଙ୍କା ବି ସୃଷ୍ଟିହେଲାଣି । କୌଣସି ବସ୍ତି ସାନିଟାଇଜେସନ ହେଉନାହିଁ । କେବଳ ଦିନ ଦୁଇ ଦିନ ପାଇଁ କଂଟେନମେଂଟ ଘୋଷଣା ସମାଧାନ ନୁହେଁ । ସମସ୍ତ ବସ୍ତିକୁ ଯଥାଶିଘ୍ର ସାନିଟାଇଜେସନ କରାଯାଉ । ଏହା ସହ ବସ୍ତି ବାସିନ୍ଦାମାନଙ୍କୁ ମାଗଣା ମାସ୍କ ଓ ସାନିଟାଇଜେସନ ଯୋଗାଇ ଦିଆଯାଉ ବୋଲି ଶ୍ରୀ ମହାନ୍ତି ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂ, ଜଗନ୍ନାଥ ପ୍ରଧାନ ଏବଂ ହରେକୃଷ୍ଣ ଖୁଂଟିଆ ପ୍ରମୁଖ ଉପସ୍ଥିତଥିଲେ ।

## ସର୍ବନିମ୍ନ ମଜୁରୀ ଛଅଶହ ଟଙ୍କାକୁ ବୃଦ୍ଧି କରାଯାଉ - ସି.ଆଇ.ଟି.ୟୁ

ଭୁବନେଶ୍ୱର,୨୪।୭ (ନି.ପ୍ର): କରୋନା ମହାମାରୀ ସମୟରେ ରାଜ୍ୟରେ ଲକ୍ଷ ଲକ୍ଷ ଶ୍ରମିକ କାମ ହରାଇଛନ୍ତି । ସେମାନଙ୍କୁ ନିଯୁକ୍ତି ମିଳୁନାହିଁ । ନୂଆ ନିଯୁକ୍ତି ସରକାର ବନ୍ଦ କରିଦେଇଛନ୍ତି । ଏହି ପରିସ୍ଥିତିରେ ରାଜ୍ୟ ସରକାର ଦୈନିକ ସର୍ବନିମ୍ନ ମଜୁରୀ ଛଅଶହ ଟଙ୍କାକୁ ବଢାଇବାକୁ ସି.ଆଇ.ଟି.ୟୁ. ଦାବୀ କରିଛି ।

ଗତ ୨୦୧୮ ଅକ୍ଟୋବର ୩୦ ତାରିଖରେ ରାଜ୍ୟ ସରକାର ଏହି ଘୋଷଣା ଅନୁଯାୟୀ ସର୍ବନିମ୍ନ ମଜୁରୀ ଦିନକୁ ଦୁଇଶହ ଅଶି ଟଙ୍କା ଧାର୍ଯ୍ୟ କରିଥିଲେ । ବିଗତ ଦୁଇବର୍ଷ ମଧ୍ୟରେ ଭି.ଡିଏ. ବୃଦ୍ଧି ପାଇବା କାରଣରୁ ସର୍ବନିମ୍ନ ମଜୁରୀ ପର୍ଯ୍ୟାୟକ୍ରମେ ସାମାନ୍ୟ ପରିମାଣରେ ବଢିଛି । ଏହା ସରକାରଙ୍କ ଆଉ ଏକ ମଜୁରୀ ବୃଦ୍ଧି ପଦକ୍ଷେପ ନୁହେଁ । ଗତ ଏପ୍ରିଲ ମାସରେ ଏହି ଭି.ଡି.ଏ. ବଢିବାର ଥିଲା । ଏହାକୁ ବିଳମ୍ବରେ ଘୋଷଣା କରାଯାଇଛି ।

## ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୧୧୬୪୭ କରୋନା ପରୀକ୍ଷଣ

ଭୁବନେଶ୍ୱର,୨୪।୭ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୧୧୬୪୭ କରୋନା ପରୀକ୍ଷଣ ହୋଇଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୪୩୩୫୭୮ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

# ଅଯୋଗ୍ୟଙ୍କୁ କାଳିଆ ଯୋଜନାରେ ସାମିଲ କରିଥିବା ଅଧିକାରୀମାନଙ୍କଠାରୁ ଟଙ୍କା ଆଦାୟ କରାଯାଉ : ବିଜେପି

ଭୁବନେଶ୍ୱର,୨୪।୭ (ନି.ପ୍ର): ଶାସକ ବିଜେଡି ନିର୍ବାଚନ ଜିତିବା ଓ କ୍ଷମତା ଆପଣେଇବା ପାଇଁ କାଳିଆ ଯୋଜନା ଲାଗୁ କରିଥିଲା । ଦଳୀୟ କର୍ମୀମାନଙ୍କୁ ହିତାଧିକାରୀ ଚିହ୍ନଟ କରି ଏହି ଯୋଜନା ମାଧ୍ୟମରେ ଟଙ୍କା ବଂଟାଯାଇଥିଲା । ଆଉ ଏବେ ନିର୍ବାଚନ ସରିବା ପରେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ଅର୍ଥ ଫେରାଇବାକୁ କହୁଛନ୍ତି । କୃଷି ବିଭାଗ ପକ୍ଷରୁ ରାଜ୍ୟର ୨ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କ ପାଖକୁ ଅଯୋଗ୍ୟ ହିତାଧିକାରୀ ଦର୍ଶାଇ ନୋଟିସ ପଠାଯିବା ସହ ୧ ମାସ ଭିତରେ ଟଙ୍କା ପଇଠ କରିବା ପାଇଁ ନିର୍ଦ୍ଦେଶ ରହିଛି । ସମଗ୍ର ରାଜ୍ୟରେ ଏବେ କୋରନା ସଙ୍କଟ ଚ । ଲି ଥି ବ । ବେ ଳେ ରାଜ୍ୟସରକାରଙ୍କ ଏବେ କାଳିଆ ମାଡ କରି ଚାଷୀମାନଙ୍କୁ ତଳିତଳାନ୍ତ କରିବାକୁ ଷଡଯନ୍ତ୍ର କରୁଛନ୍ତି ବୋଲି ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି । କାଳିଆ ଯୋଜନାକୁ ରାଜ୍ୟ ସରକାର ତରବରିଆ ଭାବେ ଆରମ୍ଭ କରିଥିଲେ । ବିନା ବଜେଟରେ ବିନା ଚାଷୀ ତାଲିକାରେ ଠିକ୍ ନିର୍ବାଚନ ପୂର୍ବରୁ ଭୋଟ ହାତେଇବା ପାଇଁ କଂଟିଜେନ୍ସୀ ଫଣ୍ଡରୁ ଅର୍ଥ ଆଣି ବଂଟାଯାଇଥିଲା । କାଳିଆ ଯୋଜନାରେ ଅଯୋଗ୍ୟ ହିତାଧିକାରି ମାନଙ୍କୁ ହିତାଧିକାରି ତାଲିକାରେ କିଏ ସାମିଲ କଲା ? ଏଥିପାଇଁ ଦାୟୀ କିଏ ? ଯେଉଁ ଅଧିକାରୀମାନେ ନିଜ କ୍ଷମତାକୁ ଅପବ୍ୟବହାର କରି ଅଯୋଗ୍ୟ ହିତାଧିକାରୀମାନଙ୍କୁ କାଳିଆ ଯୋଜନାରେ ସାମିଲ କରିଛନ୍ତି ସେହି ସରକାରୀ ଅଫିସର ଏବଂ କୃଷି ଅଧିକାରୀମାନଙ୍କ ଠାରୁ ଏହି ଅର୍ଥ ଆଦାୟ କରାଯାଉ ବୋଲି ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।

# ଛତିଶଗଡ଼ରେ ଗୋଟିଏ ଦିନରେ କରୋନାରେ ୫ ମୃତ୍ୟୁ : ୩୭୧ ନୂଆ ସଂକ୍ରମିତ

ରାୟପୁର,୨୪।୭ (ନି.ପ୍ର): ଗତ ୨୪ ଘଂଟାରେ ପ୍ରଦେଶରେ କରୋନାର ସଂଖ୍ୟା ବଢ଼ିବାରେ ଲାଗିଛି । ୩୭୧ ନୂଆ ସଂକ୍ରମିତଙ୍କ ସହିତ ୫ ଜଣଙ୍କର ମୃତ୍ୟୁ ହୋଇଛି । ପ୍ରଦେଶରେ କରୋନା ସଂକ୍ରମିତଙ୍କ ମୋଟ ସଂଖ୍ୟା ୬୩୭୦ରେ ପହଂଚିଛି । ଏମାନଙ୍କ ମଧ୍ୟରୁ ୪୩୮୭ ଜଣ ସୁସ୍ଥ ହୋଇଥିବା ବେଳେ ୩୪ ଜଣଙ୍କର ମୃତ୍ୟୁ ହୋଇଛି । ଏବେ କରୋନା ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧୯୪୯ରେ ରହିଛି । ଗତ ୨୪ଘଂଟାରେ ରାୟପୁରରେ ୬୭ ବର୍ଷ ବୟସ୍କ ପୁରୁଷ ଯିଏକି ଡାଇବେଟିସ ରୋଗରେ ପିଡ଼ୀତ ଥାଇ କରୋନା ସଂକ୍ରମିତ ହୋଇଥିଲେ, ତାଙ୍କର ମୃତ୍ୟୁ ଘଟିଛି । ରାୟପୁରର ଜଣେ ୫୨ ବର୍ଷୀୟ ମହିଳା, ୬୧ ବର୍ଷୀୟ ପୁରୁଷ ତଥା ଟିକରାପାରା ନିବାସୀଙ୍କର ମଧ୍ୟ ମୃତ୍ୟୁ କରୋନା ପଜିଟିଭି ଯୋଗୁଁ ହୋଇଛି । ଏମାନେ ସମସ୍ତେ ଅନ୍ୟ ରୋଗରେ ମଧ୍ୟ ପିଡ଼ୀତ ଥାଇ କରୋନା ପଜିଟିଭରେ ଆକ୍ରାନ୍ତ ହୋଇଥିଲେ । ସ୍ୱାସ୍ଥ୍ୟ ବିଭାଗ କହିବା ଅନୁସାରେ ଗତ ୨୪ ଘଂଟାରେ ରାୟପୁରରେ ସର୍ବାଧିକ ୨୦୫, କବୀରଧାମ ଜିଲ୍ଲାରେ ୩୪, ରାଜନାନ୍ଦଗାଓଁରେ ୨୩, କାଂକେରରେ ୨-୨, ମୁଂଗେଲିରେ ୧୬, ଜାଂଜଗିର-ଚାମ୍ପାରେ ୧୨, ବସ୍ତରରେ ୧୦, ସରଗୁଜାରେ ୯, ବିଳାସପୁରରେ ୮, ଦୁର୍ଗରେ ୯, ନାରାୟଣପୁର ଏବଂ ଗରିୟାବନ୍ଦରେ ୪-୪, କୋରିଆ, ମହାସମୁନ୍ଦ ଏବଂ କୋରଓ୍ୱା ରେ ୩-୩, ଯଶପୁରରେ ୨, ବାଲୋଦ, ମହାସମୁନ୍ଦ ଏବଂ କୋରବା ରେ ୩-୩, ଘମତରୀ, ବଲୋନ୍ଦବଜାର, କୋଣ୍ଡାଗାଓଁ, ଦନ୍ତେଓ୍ୱାଡ଼ା ଏବଂ ବିଜାପୁରରେ ୧-୧ ନୂଆ କରୋନା ସଂକ୍ରମିତ ମିଳିଛନ୍ତି । ଏହା ମଧ୍ୟରେ ମୌଦହାପାରା ଥାନାର ୫ ଜଣ ଷ୍ଟାଫ, ରାୟପୁର ସଦାଣୀ ଦରବାରରେ ୧୫, ଆଇଟିବିପି ରେ ୫ ଯବାନ, ଡିକେ ହସ୍ପିଟାଲରେ ୨ କରୋନା ରୋଗୀ, ୫ ସ୍ୱାସ୍ଥ୍ୟ କର୍ମୀ, ବ୍ୟାଙ୍କ କର୍ମଚାରୀ, ସେଲଟାକ୍ସ ଅଧିକାରୀ ସହିତ ଆମାଜନ ମଧ୍ୟ ସାମିଲ ଅଛି । କବୀରଧାମ ଜିଲ୍ଲାର ୨ ଜଣ ନୂଆ ସଂକ୍ରମିତଙ୍କ ସମ୍ପର୍କରେ ଆସି ୩୨ ଜଣ ସଂକ୍ରମିତ ହୋଇଛନ୍ତି । ଏଚଆରସିର କାର୍ଯ୍ୟକାରୀ ନିର୍ଦ୍ଦେଶକ ସମେତ ୭ କର୍ମୀ ମଧ୍ୟ ସଂକ୍ରମିତ ହୋଇଛନ୍ତି । ଏମ୍ସର ନିର୍ଦ୍ଦେଶକ ଡାକ୍ତର ନିତିନ ଏମ ନାଗରକର ଙ୍କ କହିବା ଅନୁସାରେ ଗତ ୪ ମାସ ମଧ୍ୟରେ ୮୨ ହଜାରରୁ ଅଧିକ କୋଭିଡ଼-୧୯ ପରୀକ୍ଷା କରାଯାଇଛି । କରୋନା ସଂକ୍ରମଣ ମାମଲାରେ ଏବେ ସୁଦ୍ଧା ଅଧିକ ରାୟପୁର ଜିଲ୍ଲାରୁ ୧୬୦୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ଏବଂ ୧୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୮୭୮ ଜଣ ଏବେ ବି ସକ୍ରିୟ ରୋଗୀ ଅଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ରାଜ୍ୟରେ ଗୋଟିଏ...

ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ଜିଲ୍ଲାରେ ସବୁଠାରୁ ଅଧିକ ୭୩୨ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୧୦ , ବାଲେଶ୍ୱର ଜିଲ୍ଲାରେ ୨୨ ଜଣ, ବରଗଡ ଜିଲ୍ଲାରେ ୮, ଭଦ୍ରକ ଜିଲ୍ଲାରେ ୬୦ , ବଲାଙ୍ଗୀର ଜିଲ୍ଲାରେ ୬. ବୌଦ୍ଧ ଜିଲ୍ଲାରେ ୪୧, କଟକ ଜିଲ୍ଲାରେ ୧୩୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଢେଙ୍କାନାଳ ଜିଲ୍ଲାରେ ୨, ଗଜପତି ଜିଲ୍ଲାରେ ୩, ଜଗତସିଂହପୁର ଜିଲ୍ଲାରେ ୩, ଯାଜପୁର ଜିଲ୍ଲାରେ ୫, ଝାରସୁଗୁଡା ଜିଲ୍ଲାରେ ୮, କଳାହାଣ୍ଡି ଜିଲ୍ଲାରେ ୧. କନ୍ଧମାଳ ଜିଲ୍ଲାରେ ୧୭, କେନ୍ଦ୍ରାପଡା ଜିଲ୍ଲାରେ ୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାରେ ୨୦ , ଖୋର୍ଦ୍ଧା ଜିଲ୍ଲାରେ ୩୨୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୩୩ ଜଣ, ମାଲକାନଗିରି ଜିଲ୍ଲାରେ ୯, ମୟୁରଭଂଜ ଜିଲ୍ଲାରେ ୩୨ , ନବରଂଗପୁର ଜିଲ୍ଲାରେ ୩. ନୟାଗଡ ଜିଲ୍ଲାରେ ୧୦, ନୂଆପଡା ଜିଲ୍ଲାରେ ୧, ପୁରୀ ଜିଲ୍ଲାରେ ୩୦ କୋରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।, ସମ୍ବଲପୁର ଜିଲ୍ଲାରେ ୧୩ ଜଣ, ସୋନପୁର ଜିଲ୍ଲାରେ ୪ ତଥା ସୁନ୍ଦରଗଡ ଜିଲ୍ଲାରେ ୫୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

### ରାଜ୍ୟରେ ଆଉ ଛଅ ...

ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାର ୪୪ ବର୍ଷିୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ରାୟଗଡା ଜିଲ୍ଲାର କରୋନା ସଂକ୍ରମିତ ୭୧ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ସେ ଡାଇବେଟିସ ଓ ହାଇପର ଟେନସନ ଓ କ୍ରୋନିକ କିଡନି ରୋଗରେ ପୀଡିତ ଥିଲେ । ସେହିପରି ଗଜପତି ଜିଲ୍ଲାର ୫୩ ବର୍ଷିୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର କରୋନା ଆକ୍ରାନ୍ତ ୫୯ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ୫୦ ବର୍ଷିୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି ଭଦ୍ରକ ଜିଲ୍ଲାର ଜଣେ ୬୦ ବର୍ଷିୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । । ସେ ଡାଇବେଟିସ ଓ ହାଇପର ଟେନସନ ରୋଗରେ ପୀଡିତ ଥିଲେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

### ଦିଲ୍ଲୀ ଏମସ୍‌ରେ ୩୦...

ପାରାମିଟର ପରୀକ୍ଷା କରାଯାଇଥିଲା । ସ୍ୱାସ୍ଥ୍ୟର ସମସ୍ତ ମାନଦଣ୍ଡ ପୂରଣ କରିବା ପରେ ଆଜିଠାରୁ ଏହି ଟିକା ଆରମ୍ଭ ହୋଇଛି । ଏହି ବ୍ୟକ୍ତି ଟିକା ଦେବା ପରେ ଦୁଇ ଘଂଟା ଧରି କୌଣସି ପାର୍ଶ୍ୱ ପ୍ରତିକ୍ରିୟା ପାଇ ନଥିଲା ।ଡ. ରାୟ କହିଛନ୍ତି ଯେ ଆଗାମୀ ଦିନରେ ଅନୁସନ୍ଧାନରେ ଫିଟ୍ ଥିବା ଅନ୍ୟ ସ୍ୱେଚ୍ଛାସେବୀମାନଙ୍କୁ ଟିକା ଦିଆଯିବ । ବର୍ତମାନ ସୁଦ୍ଧା ମାନବ ପରୀକ୍ଷଣ ପାଇଁ ୩୫୦୦ ଲୋକ ପଞ୍ଜୀକୃତ ହୋଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ କୋରୋନା ଟିକା- ଇଣ୍ଡିଆ ବାୟୋଟେକ୍ ଆଇସିଏମଆର ଏବଂ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି ସହଯୋଗରେ ପ୍ରସ୍ତୁତ ହୋଇଛି । ଦେଶର ୧୨ ଟି ସ୍ଥାନରେ ଏହି ଟୀକାକରଣର ପ୍ରଥମ ପର୍ଯ୍ୟାୟରେ ପରୀକ୍ଷା ଆରମ୍ଭ ହୋଇଛି । ଦିଲ୍ଲୀର ଏମସ୍ ଠାରେ ୧୦୦ ଜଣଙ୍କ ଉପରେ ଏହାର ପରୀକ୍ଷା କରାଯିବ । ଏଥିପାଇଁ ୩୭୫ ଜଣଙ୍କୁ ଚୟନ କରାଯାଇଛି ।

### ପ୍ଲାଜମା ଦାନକୁ ...

ଓ ସୁନ୍ଦରଗଡ. ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକାଙ୍କୁ ଗଜପତି ଓ କୋରାପୁଟ, ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଢେଙ୍କାନାଳ, ମନ୍ତ୍ରୀ ଅଶୋକ ପଣ୍ଡାଙ୍କୁ ଅନୁଗୁଳ, ମନ୍ତ୍ରୀ ସମୀର ରଂଜନ ଦାଶଙ୍କୁ ଯାଜପୁର, ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ବାଲେଶ୍ୱର, ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ କେନ୍ଦୁଝର, ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ନବରଙ୍ଗପୁର ଓ ଜଗତସିଂହପୁର, ମନ୍ତ୍ରୀ ପଦ୍ମିନୀ ଦିଆନଙ୍କୁ ରାୟଗଡା, ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ମାଲକାନଗିରି ଦାୟିତ୍ୱ ଦିଆ ଯାଇଛି ।

### କାଳିଆ ଟଙ୍କା ଫେରାଇବେ...

କରାଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି । ସେହିପରି ବିଜେପିର ପୂର୍ବତନ ବିଧାୟକ ତଥା କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି, କେବଳ ଅଯୋଗ୍ୟ ହିତାଧିକାରୀ ନୁହେଁ, ଟଙ୍କା ପାଇ ନ ଥିବା କିଛି ଚାଷୀଙ୍କ ପାଖକୁ ମଧ୍ୟ ନୋଟିସ୍ ଯାଇଛି । ଅଯୋଗ୍ୟଙ୍କୁ ଟଙ୍କା ନେଇ ଗଡ଼ବଡ଼ କରିଥିବା ଅଧିକାରୀଙ୍କ ପାଖରୁ ଟଙ୍କା ଆଦାୟ ପାଇଁ ପ୍ରଦୀପ ପୁରୋହିତ ଦାବି କରିଛନ୍ତି ।

### ଅନ୍ତର୍ଦେଶୀୟ ଜଳ...

ଭରିବାକୁ ପଡୁଥିଲା । କ୍ରୁଜ ଭେସଲ୍ କ୍ଷେତ୍ରରେ ଏହା ଥିଲା କିଲୋମିଟର ପିଛା ୦.୦୫ ପଇସା । ଏହି ନିଷ୍ପତି ଫଳରେ ଅନ୍ତଦେର୍ଶୀୟ ଜଳପଥରେ ମାଲ ପରିବହନ ବଢିବ ବୋଲି ଆଶା କରାଯାଉଛି । ୨୦୧୯-୨୦ ଆର୍ଥିକ ବର୍ଷରେ ଏହି ଜଳପଥରେ ମୋଟ ୭୨ ଏମ୍ଏମ୍ଟି ମାଲ ପରିବହନ ହୋଇଥିଲା । ୨୦୨୨-୨୩ ସୁଦ୍ଧା ଏହା ୧୧୦ ଏମ୍ଏମ୍ଟିରେ ପହଞ୍ଚିବ ବୋଲି ଆଶା କରାଯାଉଛି । ଏହା ଫଳରେ ସଂପୃକ୍ତ ଅଂଚଳରେ ଅର୍ଥନୈତିକ କାର୍ଯ୍ୟକଳାପ ବଢିବା ସହ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ।

### ରାଜଧାନୀରୁ ୨୪୮...

ପାଣ୍ଡରା ଜିଜିପି କଲୋନୀରୁ ୫ ଜଣ , ନୟାପଲ୍ଲୀ ଗାନ୍ଧି ବସ୍ତିରୁ ୬ ଜଣ, ସାଲିଆସାହିରୁ ୩ ଜଣ, ନୟାପଲ୍ଲୀ କୃଷ୍ଣ ବଳରାମବିହାରରୁ ୪ ଜଣ , ୟୁନିଟ୍ ୧ରୁ ୪ ଜଣ , ଶ୍ରୀ ବିହାରରୁ ୩ଜଣ , ଆଇଆରସି ଭିଲେଜ ଏନ ୬ ରୁ ୩ ଜଣ, ଲକ୍ଷ୍ମୀସାଗର ଓସ୍କାର ସିଟିରୁ ୫ ଜଣ, ଚିନ୍ତାମଣିଶ୍ୱରରୁ ୩ ଜଣ, ନୟାପଲ୍ଲୀ ବେହେରା ସାହିରୁ ୩ ଜଣ, ରାଜମହଲ ଠାରେ ଥିବା କନଷ୍ଟ୍ରକସନ୍ କମ୍ପାନୀରୁ ୪ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏମାନେ ସମସ୍ତେ କ୍ୱାରେଂଟାଇନ୍ ରେ ଥିଲେ । ସେହିପରି ଲୋକାଲ କେସ୍ ମଧ୍ୟରୁ ଆଇଆରସି ଭିଲେଜ ଏନ ୬ ରୁ ୩ ଜଣ, ଖଣ୍ଡଗିରି ବାରିରୁ ୨ ଜଣ,ଲକ୍ଷ୍ମୀସାଗରରୁ ୨ ଜଣ ଏହିପରି ମୋଟ ୪୧ ଜଣ ଚିହ୍ନଟ ହୋଇଛନ୍ତି । ଅନ୍ୟପକ୍ଷରେ ଭୁବନେଶ୍ୱରରୁ ୨୯ ଜଣ ସୁସ୍ଥ ହୋଇଛନ୍ତି ।

# ଚୌଦ୍ୱାରରେ ହେବ ବିଶ୍ୱସ୍ତରୀୟ ଟେକ୍ସଟାଇଲ୍ ପାର୍କ

ଭୁବନେଶ୍ୱର ,୨୪ ଜୁଲାଇ - ଶକ୍ତି, ଶିଳ୍ପ, ଏମ୍ଏସ୍ଏମ୍ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ଓଟିଏମ୍ ଚୌଦ୍ୱାର, ପେପ୍‌ସି, ଜଗତପୁର ଓ ବଲାରପୁର କାଗଜ କଳ ଉପରେ ଏକ ଭର୍ଚୁଆଲ୍ ବୈଠକ ଆୟୋଜନ କରି ଏସବୁ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ରହିଥିବା ସମସ୍ୟାସବୁକୁ କିପରି ସମାଧାନ କରାଯାଇ ପାରିବ ସେ ନେଇ ଆଲୋଚନା କରିଛନ୍ତି । ମନ୍ତ୍ରୀ କ୍ୟାପଟେନ୍ ମିଶ୍ର ଦୀର୍ଘଦିନ ଧରି ଉଚ୍ଚ ନ୍ୟାୟାଳୟଠାରେ ବିଚାରାଧୀନ ଥିବା ଓଡ଼ିଶା ଟେକ୍ସଟାଇଲ୍ ମିଲ୍ ର ମାମଲାର ତୁରନ୍ତ ଫଇସଲା ଉପରେ ଜୋର ଦେଇ ଏଠାରେ ବ୍ୟାପକ ପୁଞ୍ଜିନିବେଶ ଆହ୍ୱାନ କରାଯିବା ସହ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ଏକ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା କରାଯିବାକୁ ସେ ପ୍ରସ୍ତାବ ରଖିଥିଲେ । ଏସବୁ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ରହିଥିବା ମାମଲା ଫଇସଲା ହେବା ପରେ ଇଡ୍‌କୋ ଓ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆବଶ୍ୟକୀୟ ପଦକ୍ଷେପ ନେଇ ଓଟିଏମ୍ ଚୌଦ୍ୱାରକୁ ଏକ ବିଶ୍ୱସ୍ତରୀୟ ଟେକ୍ସଟାଇଲ୍ ପାର୍କରେ ପରିଣତ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅବସରରେ ମନ୍ତ୍ରୀ ବଲାରପୁର କାଗଜକଳର ପୁନଃକାର୍ଯ୍ୟକ୍ଷମ ସକାଶେ ମ୍ୟାନେଜ୍‌ମେଂଟ ସହ ଆଲୋଚନା ଏବଂ ରାଜସ୍ୱ ବିଭାଗ ସହ ଜମିଜମା ସଂକ୍ରାନ୍ତୀୟ ମାମଲାର ସମାଧାନ କରି ଏଦିଗରେ ପଦ କ୍ଷେପ ନେବାକୁ କହିଥିଲେ । ଅନୁରୂପ ଭାବେ ଜଗତପୁର ପେପ୍‌ସି ୟୁନିଟ୍ ଦ୍ୱାରା କରାଯାଇଥିବା ଆବଂଟିତ ଜମିରେ ଅନିୟମିତତାକୁ ବିଧିପୂର୍ବକ ସମାଧାନ କରିବାକୁ ଜିଲ୍ଲାପାଳ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଏହି ଭିଡ଼ିଓ ବୈଠକରେ ଚୌଦ୍ୱାର-କଟକ ବିଧାୟକ ଶ୍ରୀ ସୌଭିକ୍ ବିଶ୍ୱାଳ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଇଡ୍‌କୋ ଶ୍ରୀ ସଂଜୟ କୁମାର ସିଂ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଶଶିକାନ୍ତ ମିଶ୍ର, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, କଟକ ଜିଲ୍ଲାପାଳ ଶ୍ରୀ ଭବାନୀ ଶଙ୍କର ଚୟନୀ ଏବଂ ଅତିରିକ୍ତ ପୋଲିସ୍ ଉପଆୟୁକ୍ତ ଶ୍ରୀ ପ୍ରମୋଦ କୁମାର ରଥ ପ୍ରମୁଖ ଅଂଶଗ୍ରହଣ କରି ନିଜ ନିଜର ମତ ପ୍ରଦାନ କରିଥିଲେ ।

# ପୂର୍ବୋତ୍ତରରେ ୮ଟି ରାଜ୍ୟରେ ମୋଟ ୩୮ ,୦୮୨ କରୋନା ରୋଗୀ

## ଗତ ୨୪ ଘଂଟାରେ ୧୪୯୧ ନୂଆ କରୋନା ରୋଗୀ ଚିହ୍ନଟ

ଗୌହାଟୀ,୨୪।୭ (ନି.ପ୍ର): ପୂର୍ବୋତରରେ ସିକିମ ସହିତ ଆଠଟି ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ସୁସ୍ଥ ହେଉଥିବା ରୋଗୀଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି । ଦ୍ରୁତ ଗତିରେ ନୂଆ କରୋନା ରୋଗୀ ମିଳୁଥିବା ଚିନ୍ତାର କାରଣ ହୋଇଛି । ପୂର୍ବୋତରରେ ସବୁଠାରୁ ଅଧିକ ମାମଲା ଆସାମରୁ ଆସୁଅଛି, ତ୍ରିପୁରା ଦ୍ୱିତୀୟ ସ୍ଥାନରେ ଥିବା ବେଳେ ମଣିପୁର ତୃତୀୟ ସ୍ଥାନରେ ରହିଛି । ପୂର୍ବୋତରରେ ଗତ ୨୪ ଘଂଟା ମଧ୍ୟରେ ୧୪୯୧ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ସେହିପରି ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୮,୦୮୨ରେ ପହଂଚିଛି । ଏଥିମଧ୍ୟରୁ ୨୫,୪୮୩ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ମୋଟ ୧୫୧୩ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ଏବଂ ୧୨,୪୭୮ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ୮୭ ଜଣ ରୋଗୀଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ କରୋନା ରୋଗୀ ବାହାରକୁ ଚାଲିଯାଇଛନ୍ତି । ଆସାମରେ ନୂଆ ରୋଗୀଙ୍କ ସଂଖ୍ୟା ୧୦୪୭ରେ ପହଂଚିଛି । ରାଜ୍ୟର ମୋଟ କରୋନା ରୋଗୀଙ୍କ ସଂଖ୍ୟା ୨୮,୭୯୨ ହୋଇଛି । ଏଥିରୁ ୨୦,୭୦୦ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୧୩୪୯ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୮୦୧୯ ରୋଗୀଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ୭୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ରୋଗୀ ରାଜ୍ୟ ବାହାରକୁ ଚାଲିଯାଇଛନ୍ତି । ତ୍ରିପୁରାରେ ୨୦୬ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୩୬୭୭ ରେ ପହଂଚିଛି । ୨୦୭୨ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୩୯ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୧୫୭୭ ରୋଗୀଙ୍କ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୧୦ ଜଣଙ୍କର ମୃତ୍ୟୁ ଘଟିଛି । ମଣିପୁରରେ ୫୫ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ଏଥି ସହିତ ରାଜ୍ୟର ମୋଟ ରୋଗୀଙ୍କ ସଂଖ୍ୟା ୨୧୧୫ରେ ପହଂଚିଛି । ସେଥିମଧ୍ୟରୁ ୧୪୬୦ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୪୨ ଜଣ କରୋନା ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୬୫୫ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ନାଗାଲାଣ୍ଡରେ ୯୦ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୧୧୧୪ ହୋଇଛି । ରାଜ୍ୟରେ ୫୩୦ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୪୪ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୬୪୪ ଜଣ ରୋଗୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି । ଅରୁଣାଚଳ ପ୍ରଦେଶରେ ୪୨ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୯୯୧ ହୋଇଛି । ୩୩୪ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୨୦ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୬୫୪ ଜଣ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୩ ଜଣଙ୍କର ମୃତ୍ୟୁ ହୋଇଛି । ମେଘାଳୟରେ ୨୦ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟର ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୩୪ ରେ ପହଂଚିଛି । ୮୨ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୫ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୪୪୮ ଜଣଙ୍କର ଏବେ ସୁଦ୍ଧା ଚିକିତ୍ସା ଚାଲିଛି ଏବଂ ୪ ଜଣଙ୍କର ମୃତ୍ୟୁ ଘଟିଛି । ମିଜୋରମରେ ୯ ଜଣ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୬ ରେ ପହଂଚିଛି । ୧୮୩ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୪ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୧୪୩ ଜଣ ରୋଗୀଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ସିକ୍କିମରେ ୨୨ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୭୩ରେ ପହଂଚିଛି । ୧୨୨ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୧୦ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଏବେ ସୁଦ୍ଧା ୩୩୮ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି ।

# ଗତ ୨୪ ଘଂଟା ମଧ୍ୟରେ ୩୪ ହଜାରରୁ ଉର୍ଦ୍ଧ୍ୱ ସଂକ୍ରମିତ ସୁସ୍ଥ

ନୂଆଦିଲ୍ଲୀ, ୨୪ ଜୁଲାଇ (ହି.ସ.) କରୋନା ସଂକ୍ରମିତଙ୍କ ଦ୍ରୁତ ଆରୋଗ୍ୟ ହାର ଅବ୍ୟାହତ ରହିଛି । କ୍ରମାଗତ ଭାବେ ତୃତୀୟ ଦିନ ପାଇଁ ଗତ ୨୪ ଘଂଟା ମଧ୍ୟରେ ସର୍ବାଧିକ ୩୪,୬୦୨ ଜଣ ରୋଗୀ ଆରୋଗ୍ୟ ଲାଭ କରିଛନ୍ତି । ଏହା ଫଳରେ ମୋଟ ସୁସ୍ଥଙ୍କ ସଂଖ୍ୟା ୮,୧୭,୨୦୮କୁ ବୃଦ୍ଧି ପାଇଛି । ଏହି ଆରୋଗ୍ୟ ହାର ସର୍ବାଧିକ ୬୩.୪୫ ପ୍ରତିଶତରେ ପହଂଚିଛି । କ୍ରମାଗତ ଭାବରେ ଆରୋଗ୍ୟ ହାର ବୃଦ୍ଧି ପାଉଥିବାରୁ ସକ୍ରିୟ ସଂକ୍ରମିତ ଓ ସୁସ୍ଥ ବ୍ୟକ୍ତିଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ମଧ୍ୟ ବୃଦ୍ଧି ପାଇଛି । ଆରୋଗ୍ୟ ଲାଭ କରିଥିବା ସଂଖ୍ୟା ସକ୍ରିୟ ରୋଗୀଙ୍କ ତୁଳନାରେ ୩,୭୭,୦୭୩ ଅଧିକ । ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳକୁ କେନ୍ଦ୍ରୀୟ ବିଶେଷଜ୍ଞ ଦଳ ପ୍ରେରଣ ଏବଂ କେତେକ ବିଶେଷ ପଦକ୍ଷେପ ଭିଡିଓ କନଫରେନ୍ସ ଦ୍ୱାରା ନିଆଯିବା ଫଳରେ ଏହା ସମ୍ଭବ ହୋଇପାରିଛି । ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କ ଅନବରତ ଉଦ୍ୟମ ଯୋଗୁଁ ମୃତ୍ୟୁ ହାର ମଧ୍ୟ ହ୍ରାସ ପାଇ ଏହା ୨.୩୮ ପ୍ରତିଶତରେ ପହଂଚିଛି । କେନ୍ଦ୍ରର ପରାମର୍ଶ ଅନୁଯାୟୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକ ବ୍ୟାପକ ପରୀକ୍ଷା କରିବା ତଥା ଦୃଢ ଆବଦ୍ଧାଂଚଳ ବ୍ୟବସ୍ଥା ଓ ଦକ୍ଷ ଉପଚାର ଯୋଗୁଁ ଏହା ସମ୍ଭବ ହୋଇପାରିଛି । ତ୍ରିସ୍ତରୀୟ ସ୍ୱାସ୍ଥ୍ୟ ଭିତିଭୂମି ଏବଂ କାର୍ଯ୍ୟକ୍ଷମ ହୋଇଥିବା ଷ୍ଟାଣ୍ଡାର୍ଡ ଅଫ କେୟାର ପ୍ରୋଟୋକଲ ମାଧ୍ୟମରେ ପ୍ରଭାବଶାଳୀ କଂଟେନମେଂଟ ଯୋଜନା ଏବଂ ଦକ୍ଷ କ୍ଲିନିକାଲ ମ୍ୟାନେଜମେଂଟ ଦ୍ୱାରା ଏହାକୁ ଅନୁସରଣ କରାଯାଏ । ଡାକ୍ତରଖାନାଗୁଡ଼ିକରେ ଉତମ ଚିକିତ୍ସା ବ୍ୟବସ୍ଥା ଏବଂ ଘରୋଇ ଏକାନ୍ତବାସ ମାଧ୍ୟମରେ ଏଗୁଡିକ ସଫଳ ହୋଇଥାଏ ଯାହା ପରବର୍ତୀ ସମୟରେ ଗୁରୁତର ରୋଗୀଙ୍କ ପାଇଁ ଡାକ୍ତରଖାନାଗୁଡ଼ିକରେ କାମ ଭିଡକୁ ସୁନିଶ୍ଚିତ କରିଥାଏ ।

# କରୋନାକୁ ପ୍ରତିହତ କରିବା ପାଇଁ ତ୍ରିନାଥ ବସ୍ତିର ବିଶୋଧନ ଓ ସଫେଇ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୪ ଜୁଲାଇ – ନୂତନ ସରକାରୀ ବାସଗୃହ କଲ୍ୟାଣ ସମିତି ଆନୁକୂଲ୍ୟରେ ମହାମାରୀ କରୋନାର ପ୍ରାଦୁର୍ଭାବକୁ ପରାହତ କରିବା ପାଇଁ ସମସ୍ତ ସରକାରୀ ବାସଗୃହ ତଥା ଚତୁଃପାର୍ଶ୍ୱରେ ଥବବା ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ବସ୍ତିର ବିଶୋଧନ ପର୍ଯ୍ୟାୟକ୍ରମେ କରାଯାଉଅଛି । ଆଜି ସରକାରୀ ବାସଗୃହ କଲୋନୀର ପଶ୍ଚିମ ପାର୍ଶ୍ୱରେ ଥିବା ଦୋକାନ ଏବଂ ତ୍ରିନାଥ ବସ୍ତିର ବିଶୋଧନ ଓ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ କଲ୍ୟାଣ ସମିତିର ସଭାପତି ଦିଲ୍ଲୀପ କୁମାର ରଥ, ଉପସଭାପତି ଅଶ୍ୱିନୀ କୁମାର ଶତପଥି, ସାଧାରଣ ସମ୍ପାଦକ ରେବତୀକାନ୍ତ ମହାରଣା, କୋଷାଧ୍ୟକ୍ଷ ଦୈତାରୀ ବୈଶାଖ, କାର୍ଯ୍ୟନିର୍ବାହୀ ସଦସ୍ୟ ରାଧାକାନ୍ତ ରାଉତରାୟ ତଥା ଅନ୍ୟାନ୍ୟ ସକ୍ରିୟ ସଦସ୍ୟ ମାନଙ୍କ ସହିତ କୋଭିଡ଼ ସଚେତକର ସ୍ୱେଚ୍ଛାସେବୀ ସଦସ୍ୟମାନେ ଉପସ୍ଥିତ ଥିଲେ ।

ଶନିବାର,୨୫ ଜୁଲାଇ ୨୦୨୦

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଅଲବରରେ ୨୨୪ ରେକର୍ଡ଼ କରୋନା ସଂକ୍ରମିତ ସହିତ ରାଜସ୍ଥାନରେ ୩୭୫ ବୃଦ୍ଧି, ୪ ମୃତ୍ୟୁ

ଜୟପୁର,୨୪।୭ (ନି.ପ୍ର): ପଶ୍ଚିମ ରାଜସ୍ଥାନ ଯୋଧପୁର ଜିଲ୍ଲାରେ ଗୋଟିଏ ଦିନରେ ସର୍ବାଧିକ ନୂଆ ସଂକ୍ରମଣ ମିଳିଥିବା ରେକର୍ଡ଼ ଶୁକ୍ରବାର ସକାଳେ ଅଲବର ଜିଲ୍ଲାରେ ତାଠାରୁ ଅଧିକ ସଂକ୍ରମିତ ବାହାରିଛନ୍ତି। ଶୁକ୍ରବାର ସକାଳେ ୨୨୪ ନୂଆ ସଂକ୍ରମିତ ବଢ଼ିଛନ୍ତି । ଅଲବର ରେ ଏହି ସଂକ୍ରମିତ ବଢ଼ିବା ସହିତ ୧୦ଟି ଜିଲ୍ଲାରେ ୩୭୫ ନୂଆ ସଂକ୍ରମଣ ସହିତ ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୩ ହଜାର ୫୯୫ ହୋଇଯାଇଛି । ପ୍ରଦେଶରେ ଶୁକ୍ରବାର ଦିନ କରୋନାରେ ଆଉ ୪ ଜଣଙ୍କର ମୃତ୍ୟୁ ହୋଇଛି । ମୃତ୍ୟୁବରଣ କରିଥିବା ଲୋକମାନେ ଯୋଧପୁରରୁ ୨ ଏବଂ ବାଡ଼ମେର ଓ ନାଗୌରରୁ ୧-୧ ରୋଗୀ ସାମିଲ ଅଛନ୍ତି । ଏବେ ପ୍ରଦେଶରେ ମୃତକଙ୍କ ସଂଖ୍ୟା ୫୯୮ରେ ପହଂଚିଛି । ଶୁକ୍ରବାର ସକାଳ ସୁଦ୍ଧା ଅଲବରରେ ୨୨୪, ଅଜମେର ରେ ୪୮, ଜୟପୁରରେ ୩୨, କୋଟାରେ ୨୧, ଉଦୟପୁରରେ ୧୫, ଝୁନଝୁନ ଓ ବାରାଂରେ ୧୧-୧୧, ଶ୍ରୀଗଂଗାନଗରରେ ୭, ଟୋଙ୍କରେ ୫ ଓ ଝାଲାୱାଡ଼ରେ ଜଣେ ବ୍ୟକ୍ତି ସଂକ୍ରମିତ ମିଳିଛନ୍ତି । ପ୍ରଦେଶରେ ଏବେ ସୁଦ୍ଧା ୨୩ ହଜାର ୮୭୨ ଜଣ ସୁସ୍ଥ ହୋଇଛନ୍ତି ଏବଂ ତାଙ୍କ ମଧ୍ୟରୁ ୨୨ ହଜାର ୯୬୨ ଜଣ ଘରକୁ ଫେରିଛନ୍ତି । ଚିକିତ୍ସା ବିଭାଗଙ୍କ କହିବା ଅନୁସାରେ ଏବେ ସୁଦ୍ଧା ଯୋଧପୁରରେ ୫୩୧୮, ଜୟପୁରରେ ୪୬୫୮, ଅଲବର ରେ ୨୪୫୧, ଭରତପୁରରେ ୨୨୮୧, ପାଲିରେ ୨୨୦୪, ବିକାନିରରେ ୧୬୦୭, ଅଜମେରରେ ୧୩୯୯, ନାଗୌରରେ ୧୨୧୨, କୋଟାରେ ୧୧୮୨, ବାଡ଼ମେରରେ ୧୦୮୯, ଘୋଲପୁରରେ ୧୦୭୭, ଉଦୟପୁରରେ ୧୦୭୧, ଜାଲୋରରେ ୯୯୦, ସୀକରରେ ୮୩୩, ସିରୋହୀରେ ୭୯୧, ଡୁଙ୍ଗରପୁରରେ ୫୪୮, ଚୁରୁରେ ୫୪୧, ଝୁନଝୁନରେ ୫୨୩, ରାଜସମନ୍ଦରେ ୪୯୨, ଝାଲାୱାଡ଼ରେ ୪୩୪, ଭୀଲୱାଡ଼ାରେ ୪୩୧, ଦୌସାରେ ୨୭୩, ଟୋଙ୍କରେ ୨୫୨, କରୌଲିରେ ୨୫୦, ଚିତୌଡ଼ଗଡ଼ରେ ୨୨୫, ହନୁମାନଗଡ଼ରେ ୧୮୩, ଅନ୍ୟ ପ୍ରଦେଶରେ ୧୮୨, ପ୍ରତାପଗଡ଼ରେ ୧୬୨, ଜୈସଲମେରରେ ୧୫୯, ବାଂସୱାଡ଼ାରେ ୧୨୨, ଶ୍ରୀଗଙ୍ଗାନଗରରେ ୧୩୭ କରୋନା ରୋଗୀ ମିଳିଛନ୍ତି । ଏହା ବାଦ ବାରାଂରେ ୧୦୨ ଏବଂ ବୁନ୍ଦିରେ ୪୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅନ୍ୟ ରାଜ୍ୟରୁ ଆସିଥିବା ପ୍ରବାସୀ ନାଗରିକଙ୍କ ମାନଙ୍କ ମଧ୍ୟରୁ ୬୯୭୫ ସଂକ୍ରମିତ ଅଛନ୍ତି । ଏବେ ପ୍ରଦେଶରେ କରୋନାର ସକ୍ରିୟ ମାମଲା ୯୧୨୫ ରହିଛି ।

## ନିମ୍ନମାନର କାର୍ଯ୍ୟକୁ ନେଇ ଉତ୍ତେଜନା : ରାସ୍ତାକାମ ବନ୍ଦ କଲେ ଆଜିମାବାଦବାସୀ




ବାଲେଶ୍ୱର,୨୪।୭ (ନି.ପ୍ର): ବାଲେଶ୍ୱର ସହରର ଆଜିମାବାଦରେ ଚାଲିଥିବା ପ୍ରୁଫରୋଡ଼୍‌ର ମନ୍ଥର କାର୍ଯ୍ୟ ଯୋଗୁଁ ଜନ ଅସନ୍ତୋଷ ଆଜି ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଥିଲା । ଭିତ୍ତିଭୂମି ନଥିବା ଠିକାଦାରଙ୍କ ଅଧପନ୍ତରିଆ କାର୍ଯ୍ୟ ଯୋଗୁଁ ଲୋକେ ମାସାଧିକ କାଳ ଯନ୍ତ୍ରଣା ଭୋଗିବା ପରେ ଆଜି ଆନ୍ଦୋଳନମୁଖୀ ହୋଇଥିବା ଦେଖିବାକୁ ମିଳିଥିଲା । ଯୁବନେତା ସଂଜୀବ କୁମାର ଦାସଙ୍କ ନେତୃତ୍ୱରେ ଉତ୍ତେଜିତ ଗ୍ରାମବାସୀ ଆଜି ରାସ୍ତାକାର୍ଯ୍ୟ ବନ୍ଦ କରିଥିଲେ । ପୂର୍ତ୍ତ ବିଭାଗର ତତ୍ତ୍ୱାବଧାନରେ ଦୀର୍ଘ ଦେଢ଼ମାସ ଧରି ଅଧାଖଣ୍ଡିଆ ଭାବେ ପ୍ରୁଫ୍‌ରୋଡ଼ କାର୍ଯ୍ୟ ଚାଲିବା ଯୋଗୁଁ ଏହି ରାସ୍ତାରେ ଯା'ଆସ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଠିକାଦାର ଜଣକ ମେରୀ ରାୟ ନୀତିରେ ଦୁଇଦିନ କାର୍ଯ୍ୟ କରୁଥିବା ବେଳେ ୫ ଦିନ କାମ ବନ୍ଦ ରଖୁଛି । ଏକକାଳୀନ ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ୍ ସାଙ୍ଗକୁ ବିଭିନ୍ନ ସ୍ଥାନରେ କଲଭର୍ଟ ନିର୍ମାଣ କରିବା ଫଳରେ ସହରର ଜୀବନରେଖା କୁହାଯାଉଥିବା ଏହି ପ୍ରୁଫ୍ ରୋଡ଼ର ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଏକକାଳୀନ ନ କରି ଯଦି ଗୋଟିଏ ପରେ ଗୋଟିଏ ପ୍ଲାନିଂ ଅନୁସାରେ କାର୍ଯ୍ୟ କରାଯାଇ ଥା'ନ୍ତା, ତାହାଲେ ଏଭଳି ସ୍ଥିତି ଉପୁଜି ନଥାନ୍ତା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସବୁଠାରୁ ବଡ଼କଥା ହେଲା ଜନସାଧାରଣଙ୍କ ଦୀର୍ଘ ଦିନର ଦାବି ପରେ ହେଉଥିବା ଏହି ରାସ୍ତା କାର୍ଯ୍ୟର ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ସେମାନେ କହିଛନ୍ତି । ଏନେଇ ବାରମ୍ବାର କହିବା ପରେ ବି ଠିକାଦାର କିମ୍ବା ପୂର୍ତ୍ତ ବିଭାଗ ଯନ୍ତ୍ରୀମାନେ କର୍ଣ୍ଣପାତ ନ କରିବାକୁ ଯୋଗୁଁ ଶେଷରେ ଆଜି ସ୍ଥାନୀୟ ଲୋକେ କାର୍ଯ୍ୟ ବନ୍ଦ କରିଥିଲେ । ଠିକାଦାର ଘଟଣାସ୍ଥଳରେ ପହଞ୍ଚିବା କ୍ଷଣି ଉତ୍ତେଜିତ ଗ୍ରାମବାସୀମାନେ ତାଙ୍କୁ ଘେରିଯାଇଥିଲେ । ସହଦେବଖୁଣ୍ଟା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଥିଲେ । ସପ୍ତାହକ ମଧ୍ୟରେ ରାସ୍ତାର ଯାନବାହାନ ଚଳାଚଳ ବ୍ୟବସ୍ଥା ସହ ମାସକ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାନେଇ ଠିକାଦାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

## ସେକସରାଇ ରେଳ ଫାଟକ ନିକଟରୁ ଅଭିଯୁକ୍ତ ସହ ୧୦ଗ୍ରାମ ବ୍ରାଉନ୍ ସୁଗର ଜବତ୍



ଜଳେଶ୍ୱର, ୨୪/୭ (ନି.ପ୍ର) : ଏକଦା କୋଲକତା ଫୁଟପାଥରେ ଉଠାଦୋକାନୀଭାବେ କାର୍ଯ୍ୟ କରୁଥିବା ସୁକୁମାର ଦାସଗୁପ୍ତ ଆଜି ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ସେକସରାଇ ରେଳ ଫାଟକ ନିକଟରେ ଏକ ବ୍ରାଉନ୍‌ସୁଗର ବ୍ୟବସାୟୀ ଭାବେ ପରିଚିତ । ଦୀର୍ଘବର୍ଷରୁ ସେ କୋଲକତାରୁ ଆସି ସେକସରାଇ ରେଳଫାଟକ ନିକଟ ପୂର୍ତ୍ତବିଭାଗସ୍ଥାନରେ ଘର କରି ରହିଆସୁଥିଲା । ପୂର୍ବରୁ ମଦ, ଗଞ୍ଜେଇ, କାରବାର କରୁଥିବା ବେଳେ ଏବେ ଧଳ ଜହର ବ୍ୟବସାୟ କରୁଥିଲା । ଏ ସଂପର୍କରେ ଜାଣି ଗ୍ରାମବାସୀମାନେ ବାରମ୍ବାର ତାଗିଦ୍ କରିଥିଲେ । କିନ୍ତୁ ଏ ସବୁକୁ ସେ ହେୟଜ୍ଞାନ ମନେକରି ସବୁଦିନ ଧଳଜହର ବ୍ୟବସାୟ କରି ଆସୁଥିଲା । ଆଜି ଜଣେ ଅଜଣା ବ୍ୟକ୍ତି ତାକୁ କିଛି ପୁଡିଆ ଦେଇ ଚାଲିଯିବାର ଜାଣି ଗ୍ରାମବାସୀ ଚଢାଉ କରିଥିଲେ । ତା ନିକଟରୁ ଧଳାଜହର ପୁଡିଆ ବାହାରିବାପରେ ଜଳେଶ୍ୱର ଥାନାକୁ ଖବର ଦେଇଥିଲେ । ଜଳେଶ୍ୱର ଘଟଣାସ୍ଥଳକୁ ଯାଇ ୧୦ ଗ୍ରାମ ଓଜନର ଧଳ ଜହର ଜବତ୍ କରିବା ସହ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

## ଗତ ୨୪ ଘଂଟାରେ ଦେଶରେ ୪୯୩୧୦ ଟି କରୋନାର ନୂଆ ମାମଲା,୭୪୦ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୪।୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୪୯୩୧୦ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହା ସହିତ କରୋନା ମାମଲା ସଂଖ୍ୟା ୧୨,୮୭,୯୪୫ କୁ ବୃଦ୍ଧି ପାଇଛି । ଗତ ୨୪ ଘଂଟା ମଧ୍ୟରେ ୭୪୦ ଜଣଙ୍କର ମୃତ୍ୟୁ ଘଟିଛି ।

ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ ୪୪୦୧୩୫ ସକ୍ରିୟ ରୋଗୀ ଅଛନ୍ତି । ଏଥି ସହିତ ବର୍ତମାନ ସୁଦ୍ଧା ୩୦,୬୦୧ ମୃତ୍ୟୁବରଣ କରିଛନ୍ତି। ଦେଶରେ ମୋଟ ୮୧୭୨୦୯ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

## ୭୮୫ରେ ପହଞ୍ଚିଲା ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା

### ବଢୁଥିବା ସଂକ୍ରମଣକୁ ନେଇ ଚିନ୍ତାରେ ସହରବାସୀ

ବାଲେଶ୍ୱର,୨୪।୭ (ନି.ପ୍ର): ଦିନକୁ ଦିନ ବୃଦ୍ଧି ପାଉଥିବା କରୋନା ସଂକ୍ରମଣକୁ ନେଇ ସବୁ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ବାଲେଶ୍ୱରରେ ବଢୁଥିବା କରୋନା ସଂକ୍ରମଣ ଜିଲ୍ଲା ପାଇଁ ସଙ୍ଗୀନ ସ୍ଥିତି ସୃଷ୍ଟି କରିଛି । ଆଜି ୨୨ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହେବା ସହ ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୭୮୫ରେ ପହଞ୍ଚିଛି । ଅନ୍ୟପକ୍ଷରେ ଅଦ୍ୟାବଧି ୫୮୭ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୯୬ ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ଚିକିତ୍ସା କରାଯାଉଛି । ତେବେ ଆଜି ଚିହ୍ନଟ ହୋଇଥିବା ୨୨ ଜଣଙ୍କ ମଧ୍ୟରୁ ବସ୍ତା, ବାଲିଆପାଳ ଓ ନୀଳଗିରି ଅଞ୍ଚଳର ଜଣେ ଲେଖାଏଁ, ବାହାର ରାଜ୍ୟରୁ ଫେରିଥିବା ମୋଟ ୩ ଜଣ ଜଣ କ୍ୱାରେଣ୍ଟାଇନ୍‌ରେ ଥିବା ବେଳେ ଅନ୍ୟ ୧୯ ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡ଼ିଛି । ସେମାନଙ୍କ ମଧ୍ୟରୁ ବାଲେଶ୍ୱର ସହରର ସୁନହଟ ଅଞ୍ଚଳର ୫୩ ବର୍ଷୀୟ ପୁରୁଷ ଓ ବସ୍ତା ଚାଷୀପଦା ଅଞ୍ଚଳର ୨୬ ବର୍ଷୀୟା ମହିଳା କରୋନା ଯୋଦ୍ଧା ଥିବା ସରକାରୀ ସୂତ୍ରରୁ ପ୍ରକାଶ । ଅନ୍ୟପକ୍ଷରେ ବାଲେଶ୍ୱର ସହର ଓ ରେମୁଣା ଅଞ୍ଚଳରେ ବଢୁଥିବା ସଂକ୍ରମଣ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି । ୨ଜଣ ଥିବା ବେଳେ ରେମୁଣା, ସଦର ଓ ବାଲେଶ୍ୱର ପୌରପାଳିକା ଅଞ୍ଚଳର ଜଣେ ଲେଖାଏଁ ଥିବା ଜଣାଯାଇଛି । ବାଲେଶ୍ୱର ସହରର ସୁନହଟ କେରାନା ଯୁଦ୍ଧାଙ୍କ ସମେତ ମୋତିଗଞ୍ଜର ୫୦ ବର୍ଷର ଜଣେ ପୁରୁଷ, ପୋଷ୍ଟାଲ କଲୋନିର ୫୮ ବର୍ଷର ପୁରୁଷ, ସୁଏଲପୁର ଅଞ୍ଚଳର ୩୦ ବର୍ଷର ଯୁବକ, ଗୋପାଳଗାଁର ୪୯ ବର୍ଷର ପୁରୁଷ, ଚୁନଭାଟିଅଞ୍ଚଳର ୭୨ ବର୍ଷର ବୃଦ୍ଧ ଓ କଂଗ୍ରେସ ଅଫିସ ଗଳିର ୪୭ ବର୍ଷର ଜଣେ ପୁରୁଷ ଥିବା ଜଣାଯାଇଛି । ସେହିଭଳି ଆଜି ଗୋଟିଏ ଦିନରେ ଚିହ୍ନଟ ହୋଇଥିବା ରେମୁଣାର ୫ ଜଣ କରୋନା ପଜିଟିଭ୍‌ଙ୍କ ମଧ୍ୟରେ ମଙ୍ଗଳପୁର ଅଞ୍ଚଳର ୨୭ ବର୍ଷର ଯୁବକ, ବାଲିଆ ଅଞ୍ଚଳର ୩୨ ବର୍ଷର ମହିଳା, ଶାସନବାଡ଼ ଅଞ୍ଚଳର ୩୦ ବର୍ଷର ଯୁବକ, ବିଶାପଦାର ୬୨ ବର୍ଷର ମହିଳା ଓ ପୁରୁଷୋତ୍ତମପୁର ଅଞ୍ଚଳର ୩୧ ବର୍ଷର ଯୁବକ ଅଛନ୍ତି । ବିଶେଷ କରି ଗତ ୫ ଦିନ ମଧ୍ୟରେ ବାଲେଶ୍ୱର ସହର ଓ ରେମୁଣା ଅଞ୍ଚଳରେ ବଢୁଥିବା କରୋନା ସଂକ୍ରମଣ ଏବେ ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି । ସହରର ଏକପ୍ରକାର ସମସ୍ତ ଅଞ୍ଚଳରେ କରୋନା ଆକ୍ରାନ୍ତ ଚିହ୍ନଟ ହେବାକୁ ବସିଥିବା ବେଳେ କେଉଁ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଓ କେଉଁ ଅଞ୍ଚଳରେ ଦୀର୍ଘ ସଟ ଡାଉନ୍ ଘୋଷଣା କରାଯିବ, କିଛି ସିଦ୍ଧାନ୍ତ ନେଇପାରୁନି ପ୍ରଶାସନ । ଅନ୍ୟପକ୍ଷରେ ବଢୁଥିବା କରୋନା ସଂକ୍ରମଣକୁ ନେଇ ସହରବାସୀ ଆତଙ୍କିତ ହୋଇପଡ଼ିଛନ୍ତି ।

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୨୪।୭ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୭୩୨ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୭୬୩୪ ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୨୪୭, ବାଲେଶ୍ୱର ଜିଲ୍ଲାରେ ୭୮୫, ବରଗଡ ଜିଲ୍ଲାରେ ୩୩୧, ଭଦ୍ରକ ଜିଲ୍ଲାରେ ୪୮୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ୩୦୪. ବୌଦ୍ଧ ଜିଲ୍ଲାରେ ୧୨୩, କଟକ ଜିଲ୍ଲାରେ ୧୫୬୭, ଦେବଗଡ ଜିଲ୍ଲାରେ ୬୯, ଢେଙ୍କାନାଳ ଜିଲ୍ଲାରେ ୧୫୨. ଗଜପତି ଜିଲ୍ଲାରେ ୮୧୯, ଜଗତସିଂହପୁର ଜିଲ୍ଲାରେ ୬୧୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୧୦୬୫, ଝାରସୁଗୁଡା ଜିଲ୍ଲାରେ ୨୭୧, କଳାହାଣ୍ଡି ଜିଲ୍ଲାରେ ୧୧୦, କନ୍ଧମାଳ ୨୯୭, କେନ୍ଦ୍ରାପଡା ଜିଲ୍ଲାରେ ୩୧୪, କେନ୍ଦୁଝର ଜିଲ୍ଲାରେ ୪୮୩, ଖୋର୍ଦ୍ଧା ଜିଲ୍ଲାରେ ୨୬୭୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୪୧୪, ମାଲକାନଗିରି ଜିଲ୍ଲାରେ ୩୮୧, ମୟୁରଭଂଜ ଜିଲ୍ଲାରେ ୫୩୧. ନବରଙ୍ଗପୁର ଜିଲ୍ଲାରେ ୧୮୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୪୨୦, ନୂଆପଡା ଜିଲ୍ଲାରେ ୧୦୨, ପୁରୀ ଜିଲ୍ଲାରେ ୪୯୬, ରାୟଗଡା ଜିଲ୍ଲାରେ ୪୨୨. ସମ୍ବଲପୁର ଜିଲ୍ଲାରେ ୨୪୭. ସୁବର୍ଣ୍ଣପୁର ଜିଲ୍ଲାରେ ୬୮ ଓ ସୁନ୍ଦରଗଡ ଜିଲ୍ଲାରେ ୯୭୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଲାୟନ୍ସ କ୍ଲବ ଉମଙ୍ଗର କରୋନା ମୁକାବିଲା ଅଭିଯାନ




ବାଲେଶ୍ୱର,୨୪।୭ (ନି.ପ୍ର): କରୋନା ଭଳି ସ୍ଥିତିରେ ସଂକ୍ରମଣ ରୋକିବା ଦିଗରେ ଜନସାଧାରଣଙ୍କୁ ସଚେତନ କରାଇବା ଅଭିଯାନ ଜାରି ରଖିଛି ଲାୟନ୍ସ କ୍ଲବ ଉମଙ୍ଗ । ନିକଟ ଅତୀତରେ ସାଧାରଣଙ୍କ ବ୍ୟବହାର ନିମନ୍ତେ ବ୍ୟାଙ୍କ ଓ ମହିଳା କଲେଜରେ ପେଡେଷ୍ଟାଲ ସାନିଟାଇଜର ଷ୍ଟାଣ୍ଡ ପ୍ରତିଷ୍ଠା କରିଥିବା ବେଳେ ଏବେ ସାନିଟାଇଜର, ମାସ୍କ ଓ ସାବୁନ ବଣ୍ଟନ ଉପରେ ଗୁରୁତ୍ୱ ଦେଇଛି ସଂଗଠନ । ଏହି ପରିପ୍ରେକ୍ଷୀରେ ଉମଙ୍ଗ ପକ୍ଷରୁ ଆଜି ପୁରୁଣାବାଲେଶ୍ୱର ଅଞ୍ଚଳର ଜନସାଧାରଣଙ୍କୁ କରୋନା ସମ୍ପର୍କରେ ସଚେତନ କରାଇବା ସହ ମାସ୍କ, ସାନିଟାଇଜର ଓ ସାବୁନ୍ ଆଦି ବଣ୍ଟନ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଉମଙ୍ଗର ସଭାପତି ମନୀଷା ଦାସ, ସମ୍ପାଦିକା ସ୍ନେହା ସରାଓ୍ୱଗୀ, ଦର୍ଶନା ସାନ୍ଦ୍ର, ସଂଗଠନର ହେଲଥ ୟୋରପର୍ସନ ବିଦ୍ୟୁତ୍ ଶ୍ରୀ, ଜୋନାଲ ଚେୟର ପର୍ସନ କ୍ରିଷ୍ଣା ଦାସ ପ୍ରମୁଖ ଯୋଗଦେଇ ମହାମାରୀ କରୋନାର ଭୟାବହତା ଓ ସତର୍କତା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ସମସ୍ତଙ୍କୁ ମାସ୍କ, ସାନିଟାଇଜର ଓ ସାବୁନ୍ ଆଦି ବଣ୍ଟନ କରିଥିଲେ । ପୁରୁଣା ବାଲେଶ୍ୱର ଅଞ୍ଚଳର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ଏହି ସାମଗ୍ରୀ ପ୍ରଦାନ କରାଯାଇଥିଲା । କରୋନା ଭଳି ମହମାରୀକୁ ପ୍ରତିହତ କରିବା ପାଇଁ ଏହି ଅଭିଯାନ ଚାଲିଥିବା ବେଳେ ଆଗାମୀ ଦିନରେ ଅନ୍ୟାନ୍ୟ ଅଞ୍ଚଳରେ ବି ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଉମଙ୍ଗର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ⁂

## ସୀମା ଟପିଲା ଚାକିରିଆ ସ୍ୱାମୀର ନିର୍ଯାତନା !

### ନ୍ୟାୟ ପାଇଁ କୋର୍ଟ ସମ୍ମୁଖରେ ମହିଳାଙ୍କ ଧାରଣା

ବାଲେଶ୍ୱର,୨୪।୭ (ନି.ପ୍ର): ଅନ୍ୟ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖିଥିବା ପ୍ରତାରକ ସ୍ୱାମୀ ଦ୍ୱାରା ନିର୍ଯାତନାର ଶିକାର ପତ୍ନୀ ନ୍ୟାୟ ପାଇଁ ବାଲେଶ୍ୱର ଏସଡିଜେଏମଙ୍କ କୋର୍ଟ ସମ୍ମୁଖରେ ଧାରଣା ଦେବା ଭଳି ଅଭାବନୀୟ ଦୃଶ୍ୟ ଆଜି ଦେଖିବାକୁ ମିଳିଥିଲା । ମହିଳା ଜଣକ ହେଲେ ଟାଉନ ଥାନା ଅନ୍ତର୍ଗତ ସୁଏଲପୁର ଅଞ୍ଚଳର ରାମେଶ୍ୱର ବେହେରାଙ୍କ ପତ୍ନୀ ସାଗରିକା ବେହେରା(୩୮) । ଷ୍ଟେଟ ବ୍ୟାଙ୍କ ଜିଲ୍ଲା ମୁଖ୍ୟ ଶାଖାରେ କାର୍ଯ୍ୟରତ ଥିବା କର୍ମଚାରୀ ସ୍ୱାମୀ ଶ୍ରୀ ବେହେରାଙ୍କ ସମେତ ଗୋଟିଏ ପୁଅ ଓ ଗୋଟିଏ ଝିଅକୁ ନେଇ ସାଗରିକାଙ୍କ ହସଖୁସୀର ସଂସାର ଚାଲିଥିବା ବେଳେ ୨୦୧୮ ମସିହାରେ ଉପୁଜିଥିଲା ସାଂସାରିକ କଳହ । ସ୍ୱାମୀ ଅନ୍ୟଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖି ଯୋଗୁଁ ସାଗରିକା ଓ ତାଙ୍କର ପିଲାଙ୍କୁ ଅଣଦେଖା କରିଚାଲିଥିବା ସେ ପ୍ରକାଶ କରିଛନ୍ତି । ନିୟମିତ ତାଙ୍କୁ ଦେଉଥିବା ଶାରୀରିକ ଓ ମାନସିକ ନିର୍ଯାତନା ଅସହ୍ୟ ହେବା ଫଳରେ ସେ ଟାଉନଥାନାରେ ଲିଖିତ ଅଭିଯୋଗ କରିଥିଲେ । ମାତ୍ର ଥାନାର ପୁଲିସ ତାଙ୍କ ପ୍ରତି ସମ୍ବେଦନଶୀଳ ହେବା ପରିବର୍ତ୍ତେ ସ୍ୱାମୀଙ୍କୁ ସମର୍ଥନ କରିବା ଫଳରେ ସେ ନ୍ୟାୟ ପାଇନଥିଲେ । ତେବେ ଥାନାରେ ଅଭିଯୋଗ କରିବା ଦିନଠାରୁ ନିର୍ଯାତନାର ମାତ୍ରା ବୃଦ୍ଧି ସହିତ ସାଗରିକାଙ୍କୁ ସ୍ୱାମୀ ଶ୍ରୀ ବେରା ଘରୁ ବାହାର କରିଦେଇଥିବା ସେ କହିଛନ୍ତି । ପରେ ସେ ପରିବାର ଅଦାଲତ ଯିବା ପରିବର୍ତ୍ତେ ୨୦୧୯ ମସିହା ଡିସେମ୍ବର ୫ ତାରିଖରେ ବାଲେଶ୍ୱର ଏସଡିଜିଏମ କୋର୍ଟରେ୧୬୭/୨୦୧୯ ନଂର ଏକ ମକଦମା ଦାଏର କରିଥିଲେ । ଏହି ବିଳମ୍ବିତ ପ୍ରକ୍ରିୟାରେ ଚାଲିଥିବା ଏହି ମାମଲାର ବିଚାର ଶେଷ ହୋଇ ନଥିବା ବେଳେ ସାଗରିକାଙ୍କ ଆର୍ଥିକ ସ୍ଥିତି କ୍ରମଶଃ ସଙ୍ଗୀନ ହୋଇପଡ଼ିଥିବା ସେ କହିଛନ୍ତି । ପାଠପଢୁଥିବା ପୁଅଝିଅଙ୍କ ଖର୍ଚ୍ଚ, ଘର ଖର୍ଚ୍ଚ ଏମିତିକି ଘରଭଡ଼ା ଦେବା ପାଇଁ ତାଙ୍କ ନିକଟରେ ଟଙ୍କାଟିଏ ନାହିଁ । ପାଉଥିବା ଦରମା ଅର୍ଥରୁ ସ୍ୱାମୀ ଟଙ୍କାଟିଏ ଦେଉ ନଥିବା ବେଳେ ପରିବାର ଚଳିବା ଅତ୍ୟନ୍ତ କଷ୍ଟକର ହୋଇଥିବା ସେ କହିଛନ୍ତି । ଶେଷରେ ଅନ୍ୟ ଉପାୟ ନ ପାଇ ସେ ଦୁଇ ପୁଅଝିଅଙ୍କ ସହ କୋର୍ଟ ଆଗରେ ଧାରଣା ଦେବାକୁ ବାଧ୍ୟ ହୋଇଛନ୍ତି ବୋଲି ସାଗରିକା କହିଛନ୍ତି । ତେବେ ଦୀର୍ଘ ସମୟ ଧାରଣା ଦେବା ପରେ ଶେଷରେ ସେ ଉଠିଯାଇଥିବା ଦେଖିବାକୁ ମିଳିଥିଲା ।

## ସଟ୍‌ଡାଉନ୍‌ରେ ମଦବାର୍ ଖୋଲା, ପୁଲିସ୍‌ର ଚଡାଉ : ୨ ମଦୁଆ ଗିରଫ



ଜଳେଶ୍ୱର,୨୪।୭ (ନି.ପ୍ର): ଜଳେଶ୍ୱର ପୌରପାଳିକା ସଟ୍‌ଡାଉନ୍ ଘୋଷଣା ହୋଇଥିଲେ ମଧ୍ୟ କେତେକ ମଦକୋଦାନ ଖୋଲା ରହୁଥିବାର ଅଭିଯୋଗ ହୋଇଛି । ଫଂଚୁଘଣ୍ଟାଠାରେ ଥିବା ଶାନ୍ତିବାର୍ ବିଭିନ୍ନ ସମୟରେ ଖୋଲା ରହୁଥିବାର ଜଣାଯିବାପରେ ଆଜି ଜଳେଶ୍ୱର ଆଇଆଇସି ଧନେଶ୍ୱର ସାହୁଙ୍କ ନେତୃତ୍ୱରେ ଚଢାଉ ହୋଇଥିଲା । କିନ୍ତୁ ବାର୍ ମାଲିକ ସତ୍ୟରଂଜନ ପଟ୍ଟନାୟକ ଫେରାର୍ ହୋଇ ଯାଇଥିବା ବେଳେ ସେଠାରେ ଉପସ୍ଥିତ ୨ ମଦୁଆଙ୍କୁ ପୁଲିସ୍ ଅଟକ ରଖି ପଚରାଉଚରା କରୁଛି । ପ୍ରକାଶଯୋଗ୍ୟ ଗତକିଛିଦିନ ତଳେ ଏଡି ଲକ୍‌ଡାଉନ୍ ସମୟରେ ବେଆଇନ୍‌ଭାବେ ବାର୍ ଖୋଲାଯାଇଥିବାରୁ ବାର୍ ମାଲିକ ଶ୍ରୀ ପଟ୍ଟନାୟକଙ୍କୁ ପୁଲିସ୍ ଗିରଫ କରିଥିଲା ।

## କରୋନା ଯୋଦ୍ଧାଙ୍କୁ ଅସମ୍ମାନ କରିବା ଘଟଣାରେ ରାଜ୍ୟ ଗୃହ ବିଭାଗ ମନ୍ତ୍ରୀଙ୍କୁ ପତ୍ର ଲେଖିଲେ କେନ୍ଦ୍ରମନ୍ତ୍ରୀ

ଜଳେଶ୍ୱର,୨୪।୭ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳରେ ଅଧିକ କରୋନା ପଜେଟିଭ୍ ବାହାରିବାପରେ ଗତ ୨୦ତାରିଖରୁ ସଟ୍‌ଡାଉନ୍ ଓ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା । ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ କଣ୍ଟେନ୍‌ମେଣ୍ଟଜୋନ୍‌ରେ ତାଙ୍କର ସେବାଯୋଗାଇବା ପାଇଁ ଯାଉଥିବା ବେଳେ ଜଳେଶ୍ୱର ହସ୍‌ପିଟାଲ ବାଇପାସ୍ ନିକଟ ପୁଲିସ୍ ବେରିକେଟ୍ ନିକଟରେ ତାଙ୍କୁ ଅଟକାଯାଇଥିଲା । ସେଠାରେ ଉପସ୍ଥିତ ଥିବା ଆଇଆଇସି ଧନେଶ୍ୱର ସାହୁ ତାଙ୍କୁ ପରିଚୟ ପତ୍ର ଦେଖାଇବା କହିଥିବା ବେଳେ ତାର ବିଳମ୍ବ ହୋଇଥିଲା । କିଛିସମୟପରେ ଅନ୍ୟଜଣେ ସ୍ୱାସ୍ଥ୍ୟକର୍ମୀ ସେଠାରେ ଉପସ୍ଥିତ ହୋଇ ତାଙ୍କୁ ସେଠାରୁ ନେଇଯାଇଥିଲେ । ମାତ୍ର ମହିଳାଜଣଙ୍କୁ ଥାନା ଆଇଆଇସି ଦୁର୍ବ୍ୟବହାର କରିଥିବା ନେଇ ଗଣମାଧ୍ୟମକୁ ଜଣାଇବା ସହିତ ଏସ୍‌ଡିପିଓ, ଜିଲାପାଳ, ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିଥିଲେ । ୫ଦିନ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେ କେନ୍ଦ୍ରମନ୍ତୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କୁ ଲିଖିତଭାବେ ଜଣାଇଥିଲେ । ଗୁରୁବାର କେନ୍ଦ୍ରମନ୍ତୀ ଶ୍ରୀ ଷଡଙ୍ଗୀ ରାଜ୍ୟ ଗୃହବିଭାଗ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଂକର ମିଶ୍ର , ବାଲେଶ୍ୱର ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଓ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କୁ ପତ୍ର ଲେଖିଥିବା ଜଣାଯାଇଛି । ମାତ୍ର ଏ ସଂପର୍କରେ ଗତକାଲି ଏଡିସନାଲ ଏସ୍‌ପି ଜଳେଶ୍ୱର ଏସ୍‌ଡିପିଓ ଅଫିସ୍‌ରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାଯାଇଛି ।

## ରାଜ୍ୟ ବ୍ୟାପୀ ପ୍ରତିବାଦ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୪।୭ (ନି.ପ୍ର) :ସିଆଟିୟୁ, ଓଡ଼ିଶା କୃଷକସଭା ଓ ଓଡ଼ିଶା କ୍ଷେତ ମଜଦୁର ୟୁନିୟନ ତରଫରୁ ରାଜ୍ୟ ବ୍ୟାପୀ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲକ୍ ଡାଉନ୍, ସଟ୍‌ଡାଉନ୍ ବ୍ୟାପକ କଟକଣା, କରୋନା ମହାମାରୀ ଜନିତ ସ୍ୱାସ୍ଥ୍ୟଗତ ସଂକଟ ପରିସ୍ଥିତି ଏବଂ ସରକାରଙ୍କ ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ମଧରେ ଗତ କାଲି ଭୁବନେଶ୍ୱର (ଖୋର୍ଦ୍ଧା), ମୟୁରଭଂ, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ପୁରୀ, ଗଂଜାମ, ଗଜପତି, ସୁନ୍ଦରଗଡ଼, ନୟାଗଡ଼, ଢ଼େଙ୍କାନାଳ, କୋରାପୁଟ ପ୍ରମୁଖ ୧୪ଟି ଜିଲ୍ଲାର ୮୦ଟି କେନ୍ଦ୍ରରେ ତିନୋଟି ସଂଗଠନର ସାଥିମାନଙ୍କ ଦ୍ୱାରା ପ୍ରତିବାଦ ସଭା ବ୍ୟାପକଭାବେ ସଂଗଠିତ ହୋଇଯାଇଛି । ସିଆଇଟିୟୁ, ଓଡ଼ିଶା କୃଷକ ସଭା ଓ ଓଡ଼ିଶା କ୍ଷେତମଜଦୁର ୟୁନିୟନ ରାଜ୍ୟ କମିଟି ଏହି ସଫଳତା ପାଇଁ ସମସ୍ତ ସାଥିଙ୍କୁ ଅଭିନନ୍ଦନ ଜଣାଉଛି । ସମସ୍ତଙ୍କ ପାଇଁ ମାଗଣା ଚିକିତ୍ସା ଯୋଗାଇବା, ପ୍ରତ୍ୟେକ ଲୋକଙ୍କୁ ମାସିକ ୧୦ କିଲୋ ଚାଉଳ ୬ ମାସ ପାଇଁ ଯୋଗାଇଦେବା, ଆୟକର ପରିସରଭୁକ୍ତ ନଥିବା ପ୍ରତ୍ୟେକ ପରିବାରକୁ ମାସିକ ୭,୫୦୦ ଟଙ୍କା କରି ୬ ମାସ ପର୍ଯ୍ୟନ୍ତ ଯୋଗାଇ ଦିଆଯାଉ । ମନରେଗା କାମରେ ଦୈନିକ ମଜୁରି ୬୦୦ ଟଙ୍କା ଓ ବର୍ଷକୁ ୨୦୦ ଦିନର କାମ ଯୋଗାଇ ଦେବା ନଚେତ୍ ବେକାରୀ ଭତା ପ୍ରଦାନ କରିବା, ସହରାଂଚଳରେ କାମଗର ଗ୍ୟାରେଂଟି ପାଇଁ ଆଇନ୍ କରିବା, ଅତ୍ୟାବଶ୍ୟକ ପଣ୍ୟ ଆଇନ ସଂଶୋଧନକୁ ପ୍ରତ୍ୟାହାର କରିବା ଏବଂ ଚାଷୀ ଚାଷ ବ୍ୟବସ୍ଥାକୁ ସର୍ବନାଶ କରୁଥିବା ଚୁକ୍ତିଭିତିକ ଚାଷ ଅଧ୍ୟାଦେଶକୁ ବାତିଲ କରିବା, ସଂଶୋଧିତ ବିଦ୍ୟୁତ ଆଇନ ଓ ଲେବର କୋର୍ଡ଼କୁ ବାତିଲ କରିବା, ରାଜ୍ୟ ସରକାର ଘୋଷଣା କରିଥିବା ନିଯୁକ୍ତି ବନ୍ଦ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିବା ଓ ପେଟ୍ରୋଲ ଏବଂ ଡିଜେଲ ଉପରେ ବର୍ଦ୍ଧିତ ଟିକସ୍ ବାତିଲ କରିବା ନେଇ ୧୦ ଦଫା ଦାବି ରଖାଯାଇଛି ବୋଲି ସିଆଇଟିୟୁର ସଭାପତି ଜନାର୍ଦ୍ଦନ ପତି ପ୍ରକାଶ କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo